

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୩୧ ଭୁବନେଶ୍ୱର ସୋମବାର, ମଇ ୧୨.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.231 Bhubaneswar, Monday, May 12, 2025


## ପାକ୍ ବିରୁଦ୍ଧରେ ଭାରତର ୩ ସୂତ୍ରୀ ଉଦ୍ଦେଶ୍ୟ



ନୂଆଦିଲ୍ଲୀ,୧୧/୫: ଭାରତ ରବିବାର କହିଛି ଯେ ପାକିସ୍ତାନ ସହିତ ଚାରି ଦିନିଆ ସଂଘର୍ଷରେ ସାମରିକଠାରୁ ରାଜନୈତିକ ଏବଂ ମନସ୍ତାତ୍ତ୍ୱିକ ପର୍ଯ୍ୟନ୍ତ ସମସ୍ତ ଉଦ୍ଦେଶ୍ୟ ହାସଲ କରିଛି। ଯେତେବେଳେ ସାମରିକ ଉଦ୍ଦେଶ୍ୟ ପୂରଣ କରିବା କଥା ଆସିଥିଲା, ସରକାରୀ ସୂତ୍ରଗୁଡ଼ିକ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାକିସ୍ତାନରୁ କାର୍ଯ୍ୟ କରୁଥିବା ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରିବାର ସ୍ପଷ୍ଟ ଲକ୍ଷ୍ୟ ନେଇ ବାହାରିଥିଲେ। ମେ ୭ ତାରିଖରେ, ଭାରତ ପାକିସ୍ତାନ ଭିତରେ ଗଭୀର ଆକ୍ରମଣ କରିଥିଲା, ଏଲ୍ ଇଟି, ଜୈଶ-ଏ-ମହମ୍ମଦ (ଜେଇଏମ୍) ଏବଂ ହିଜବୁଲ ମୁଜାହିଦିନ୍ ଭଳି ଭୟଙ୍କର ଆତଙ୍କବାଦୀ ଗୋଷ୍ଠୀର ନଅଟି ଆତଙ୍କବାଦୀ ଲଞ୍ଚ ପ୍ୟାଡ୍ ଉପରେ ଆକ୍ରମଣ କରିଥିଲା। ଏହି ଆକ୍ରମଣଗୁଡ଼ିକ ସେମାନଙ୍କର ତାଲିମ ଏବଂ ଲଜିଷ୍ଟିକ୍ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲା, ଏହିପରି ପ୍ରଧାନମନ୍ତ୍ରୀ ମୋଦୀଙ୍କ "ମିଟି ମେ ମିଲା ଡେଙ୍ଗେ" (ଧୂଳିରେ ପରିଣତ) ଉଦ୍ଦେଶ୍ୟ ହାସଲ କରିଥିଲା। ଏଲଓସିରୁ ୧୦୦ କିଲୋମିଟର ଦୂରରେ ଥିବା ବାହାୱାଲପୁରରେ ଥିବା ଜୈଶ-ଏ-ମହମ୍ମଦ ମୁଖ୍ୟାଳୟ ଏବଂ ମୁରିଦକେରେ ଥିବା ଲସ୍କର-ଏ-ତୈବା ଘାଟି ଏବଂ ତାଲିମ ଭୂମି ଉପରେ ହୋଇଥିବା ଆକ୍ରମଣ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କ "ଘୁସ୍ କେ ମାରେଙ୍ଗେ" (ସେମାନଙ୍କୁ ସେମାନଙ୍କ ପଛପଟରେ ଆକ୍ରମଣ) ଉଦ୍ଦେଶ୍ୟ ସହିତ ସମାନ ଥିଲା। "ଆମେ ସେମାନଙ୍କୁ ସେମାନଙ୍କ ହୃଦୟର ଗଭୀର ଭିତରକୁ ଆକ୍ରମଣ କରିଥିଲୁ। ଆମେ ବହୁତ ସଫଳ ହୋଇଥିଲୁ," ସରକାରୀ ସୂତ୍ରଗୁଡ଼ିକ ଇଣ୍ଡିଆ ଟୁଡେ ଟିଭିକୁ କହିଛନ୍ତି। ପାକିସ୍ତାନ ଭିତରେ ଏହି ଆକ୍ରମଣଗୁଡ଼ିକ ଭାରତୀୟମାନଙ୍କ ପାଇଁ ଏକ ମନସ୍ତାତ୍ତ୍ୱିକ ବିଜୟ ଆଣିଛି ଯେ ଆତଙ୍କବାଦୀମାନେ ନିଜ ଘର ପଛପଟେ ମଧ୍ୟ ସୁରକ୍ଷିତ ନୁହଁନ୍ତି। ଏହା ବ୍ୟତୀତ, ସରକାରୀ ଅଧିକାରୀମାନେ କହିଛନ୍ତି ଯେ ସିନ୍ଧୁ ଜଳ ଚୁକ୍ତିନାମା, ଯାହା ୧୯୬୦ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ତିନୋଟି ଯୁଦ୍ଧରୁ ବଞ୍ଚି ରହିଥିଲା ତାକୁ ସ୍ଥଗିତ ରଖି ଯେପର୍ଯ୍ୟନ୍ତ ଇସଲାମାବାଦ ସୀମାପାର ଆତଙ୍କବାଦକୁ ପୃଷ୍ଠପୋଷକତା ବନ୍ଦ ନ କରିଛି, ଦିଲ୍ଲୀ ଏକ ବଡ଼ ରାଜନୈତିକ ବିଜୟ ହାସଲ କରିଛି। ଉତ୍ତେଜନା ହ୍ରାସ ଆଲୋଚନା ସମୟରେ, ପ୍ରଧାନମନ୍ତ୍ରୀ ମୋଦି ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ କହିଥିଲେ ଯେ ଯଦି ପାକିସ୍ତାନ ଏହାର ସାର୍ବଭୌମତ୍ୱକୁ ଚ୍ୟାଲେଞ୍ଜ କରେ ତେବେ ଭାରତ ପ୍ରତିଶୋଧ ନେବ। "ଭାନ୍ସ ରାମ୍ପ ବାହାରେ ମୋଦିଙ୍କୁ ଫୋନ୍ କରି କଥା ହୋଇଥିଲେ। ପ୍ରଧାନମନ୍ତ୍ରୀ ତାଙ୍କୁ କହିଥିଲେ ଯେ ଯଦି ସେମାନେ ଆକ୍ରମଣ କରନ୍ତି, ତେବେ ଆମେ ଆହୁରି ଶକ୍ତିଶାଳୀ ଆକ୍ରମଣ କରିବୁ," ସୂତ୍ରଗୁଡ଼ିକ ଇଣ୍ଡିଆ ଟୁଡେ ଟିଭିକୁ କହିଛନ୍ତି।


### ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଗୁରୁ ଗୁମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପବିତ୍ର ଜୟନ୍ତୀ ଅବସରରେ ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସାନ୍ତାଳୀ ଭାଷାର ଲିପି 'ଅଲ୍ ଚିକି' ସୃଷ୍ଟି କରି ସେ ଦେଶ ଓ ବିଦେଶର ଏକ ବିଶାଳ ସମ୍ପ୍ରଦାୟର ଭାଷା, ସାହିତ୍ୟ ଓ ଶିକ୍ଷାର ବିକାଶ କ୍ଷେତ୍ରରେ ନିଜର ଅମୂଲ୍ୟ ଅବଦାନ ରଖିଯାଇଛନ୍ତି । ଏହି ଅବସରରେ ମୁଁ ସମଗ୍ର ସାନ୍ତାଳୀ ସମାଜକୁ ମୋର ଶୁଭେଚ୍ଛା ଜଣାଉଛି ଓ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-22
OIPR- 15001/13/0652/2526


### ଅପରେସନ ସିନ୍ଦୂର ନେଇ ଡିଜିଏମଓଙ୍କ ପ୍ରେସମିଟ

ନୂଆଦିଲ୍ଲୀ,୧୧/୫: ଅପରେସନ ସିନ୍ଦୂର ନେଇ ଡିଜିଏମଓଙ୍କ ପ୍ରେସମିଟ । ଡିଜିଏମଓ, ଡିଜିଏଓ, ଡିଜିଏନଓଙ୍କ ପକ୍ଷରୁ ମିଳିତ ପ୍ରେସମିଟ ଚାଲିଛି । ପହଲଗାମ ନରସଂହାରକୁ ନେଇ ଅପରେସନ ସିନ୍ଦୂର ଆରମ୍ଭ ହେଇଥିଲା । ଡିଜିଏମଓ ରାଜୀବ ଘାଇ କହିଛନ୍ତି, "ପହଲଗାମରେ କିପରି ନିର୍ମମତା ଏବଂ ୨୬ ଜଣଙ୍କ ଜୀବନ ଅକାଳରେ ଶେଷ କରାଯାଇଥିଲା ତାହା ସହିତ ଆପଣ ସମସ୍ତେ ଏବେ ପରିଚିତ। ଯେତେବେଳେ ଆପଣ ସେହି ଭୟଙ୍କର ଦୃଶ୍ୟ ଏବଂ ପରିବାର ସହ୍ୟ କରିଥିବା ଯନ୍ତ୍ରଣାକୁ ଆମର ସଶସ୍ତ୍ର ବାହିନୀ ଏବଂ ଅସହାୟ ସାଧାରଣ ନାଗରିକଙ୍କ ଉପରେ ହୋଇଥିବା ଅନେକ ଆତଙ୍କବାଦୀ ଆକ୍ରମଣ ସହିତ ମିଶ୍ରଣ କରନ୍ତି, ସେତେବେଳେ ଆମେ ଜାଣିପାରିଲୁ ଯେ ଏକ ରାଷ୍ଟ୍ର ଭାବରେ ଆମର ସଂକଳ୍ପର ଆଉ ଏକ ଆକର୍ଷଣୀୟ ବିବୃତ୍ତି ଦେବାର ସମୟ ଆସିଯାଇଛି।" ସେ ଆହୁରି କହିଛନ୍ତି ଯେ, ଅପରେସନ୍ ସିନ୍ଦୂର ଅନ୍ତର୍ଗତ ସତର୍କତାର ସହ ବିଚାର ବିମର୍ଶ ପରେ ନଅଟି ଆତଙ୍କବାଦୀ ଟାର୍ଗେଟ୍ ଚିହ୍ନଟ କରାଯାଇଥିଲା। ମେ ୭ ତାରିଖ ପ୍ରାରମ୍ଭରେ ନଅଟି ଆତଙ୍କବାଦୀ ଟାର୍ଗେଟ୍ ରେ ୧୦୦ ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ।

# ସେବାୟତଙ୍କୁ ସେବା ମନା

## ୩୦ ଦିନ ପାଇଁ ମହାପ୍ରଭୁଙ୍କ ସେବା କରିପାରିବେନି ରାମକୃଷ୍ଣ ମହାପାତ୍ର

ପୁରୀ,୧୧/୫: ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ରାମକୃଷ୍ଣ ମହାପାତ୍ର ନିଲମ୍ବିତ ହୋଇଛନ୍ତି। ପଶ୍ଚିମବଙ୍ଗର ପୂର୍ବ ମେଦିନାପୁର ଜିଲ୍ଲା ଦୀଘା ଜଗନ୍ନାଥ ମନ୍ଦିର ବିବାଦ ପରେ ଶ୍ରୀମନ୍ଦିର ପ୍ରଶାସକ ଆଜି ରାମକୃଷ୍ଣଙ୍କୁ ନିଲମ୍ବନ କରିଥିବା ଜଣାପଡ଼ିଛି। ଶ୍ରୀମନ୍ଦିର ଗରିମା ଓ ମର୍ଯ୍ୟାଦା କ୍ଷୁର୍ଣ୍ଣ ହୋଇଥିବା ଦର୍ଶାଇ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଥି ସହିତ ରାମକୃଷ୍ଣଙ୍କୁ ୩୦ ଦିନ ପାଇଁ ମହାପ୍ରଭୁଙ୍କ ସେବା ତଥା ଶ୍ରୀମନ୍ଦିରକୁ ପ୍ରବେଶ ପାଇଁ ବାରଣ କରାଯାଇଛି। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗରେ ଦୀଘାରେ ଗତ ଏପ୍ରିଲ ୩୦ ତାରିଖ ଦିନ ନବ ନିର୍ମିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ହୋଇଥିଲା। ଏହି ସମାରୋହରେ ଶ୍ରୀମନ୍ଦିରର ବରିଷ୍ଠ ଦଇତାପତି ରାମକୃଷ୍ଣ ଦାସ ମହାପାତ୍ର ଯୋଗ ଦେଇଥିଲେ। ସେଠାରେ ସେ ଗଣମାଧ୍ୟମକୁ କହିଥିଲେ ଯେ ନବକଳେବର ବେଳେ ଯେଉଁ ଦାରୁ ବ୍ରହ୍ମ ପ୍ରତିଷ୍ଠା ହୋଇଥାଏ ସେହି ଦାରୁକୁ ନେଇକି ଆସି ପ୍ରତିଷ୍ଠା କରାଯାଇଛି ବୋଲି



କହିଥିବା ଅଭିଯୋଗ ଆସିଥିଲା। ରାମକୃଷ୍ଣ ମହାପାତ୍ରଙ୍କ ଏହି ପ୍ରତିକ୍ରିୟା କୋଟିକୋଟି ଓଡ଼ିଆ ଜଗନ୍ନାଥ ଭକ୍ତଙ୍କ ମନରେ ଆଘାତ ଦେଇଥିଲା। ଏହାକୁ ନେଇ ଭକ୍ତମାନେ ଗଭୀର ଉଦବେଗ ପ୍ରକାଶ କରିଥିଲେ। ପରେ ରାମକୃଷ୍ଣ ଦାସ ମହାପାତ୍ର ଓଡ଼ିଆ ଗଣମାଧ୍ୟମ ଆଗରେ ଏହି ପ୍ରସଙ୍ଗକୁ ଖଣ୍ଡନ କରିଥିଲେ। ସେ ଗଣମାଧ୍ୟମରେ ଏଭଳି ପ୍ରତିକ୍ରିୟା ଦେଇ ନାହାଁନ୍ତି ଏବଂ ବ୍ରହ୍ମ ସ୍ଥାପନା କରି ନାହାଁନ୍ତି ବୋଲି କହିଥିଲେ। ଶ୍ରୀମନ୍ଦିର କୋଇଲି ବୈକୁଣ୍ଠର ଦାରୁ ଗୃହରେ 'ଦାରୁ' ରଖାଯିବାର ବ୍ୟବସ୍ଥା ରହିଛି। ଏହାର ଚାବି କାଠି, ରକ୍ଷଣାବେକ୍ଷଣା ଓ ସେବା ପୂଜା ଦାୟିତ୍ୱ ଦଇତାପତି ନିଯୋଗଙ୍କ ଉପରେ ନ୍ୟସ୍ତ କରାଯାଇଛି। ତେଣୁ ଦଇତାପତି ରାମକୃଷ୍ଣ ଦାସ ମହାପାତ୍ର କିପରି ଏବଂ କାହା ଅନୁମତିରେ ଦାରୁ ନେଇଛନ୍ତି ସେ ନେଇ ଅନେକ ଅସୀମାହିତ ପ୍ରଶ୍ନ ରହିଥିଲା। ଅନ୍ୟପକ୍ଷେ ରାମକୃଷ୍ଣ ଦାସ ମହାପାତ୍ର ନିଜେ କହିଥିବା କଥାକୁ ଖଣ୍ଡନ କରି କହିଥିଲେ ଯେ, ସେ ଦାରୁ ନେଇ ନାହାଁନ୍ତି। ଦୀଘା ଜଗନ୍ନାଥ ମନ୍ଦିରରେ 'ଦାରୁ'କୁ ଗତ ସପ୍ତାହରେ ଜୋରଦାର ଚର୍ଚ୍ଚା ହୋଇଥିଲା। ଏହା ପରେ ସରକାର ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିଥିଲେ। ଦାରୁକୁ ଅନ୍ୟକୁ ଦେବା ମାମଲାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ତଦନ୍ତ ନିର୍ଦ୍ଦେଶରେ ନୋଟିସ୍ ହୋଇଥିଲା। ପୁରୀରେ ମଧ୍ୟ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଉକ୍ତ ବୈଠକରେ ନୀତି ପ୍ରଶାସକ, ଛତିଶା ନିଯୋଗ, ତଢ଼ଉକରଣ ଓ ଦେଉଳକରଣଙ୍କ ଉପସ୍ଥିତ ଥିଲେ।

### ସିଝିଲେ ଭୁବନେଶ୍ୱରବାସୀ: ଚଳିତ ବର୍ଷର ସର୍ବୋଚ୍ଚ ଦିନ ତାପମାତ୍ରା ରେକର୍ଡ

ଭୁବନେଶ୍ୱର,୧୧/୫: ରାଜଧାନୀ ଭୁବନେଶ୍ୱରବାସୀ ଆଜି ପ୍ରବଳ ଖରାରେ ସିଝିଛନ୍ତି। ସୂର୍ଯ୍ୟଦେବତାଙ୍କର ପ୍ରଖର କିରଣରେ ଭୁବନେଶ୍ୱରର ଜନତା ଛଟପଟ ହୋଇଛନ୍ତି। ସକାଳ ୮ଟା ଆରମ୍ଭ ହେବା ମାତ୍ରେ ନିଦାଘ ମାଡ଼ି ଆସିଥିଲା, ଯାହାକି ଅପରାହ୍ଣ ୪ଟା ଯାଏଁ ଲୋକଙ୍କୁ କଲବଲ କରିଥିଲା। ଭୁବନେଶ୍ୱରରେ ଚଳିତ ବର୍ଷର ସର୍ବୋଚ୍ଚ ଦିନ ତାପମାତ୍ରା ରେକର୍ଡ ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଭୁବନେଶ୍ୱରରେ ଆଜି ତାପମାତ୍ରା ୪୦.୭ ଡିଗ୍ରି ରେକର୍ଡ ହୋଇଛି। ରାଜ୍ୟ ସାରା ଆଜି ପ୍ରବଳ ଖରା ଅନୁଭୂତ ହୋଇଛି। ସକାଳ ୮ଟାରୁ ସୂର୍ଯ୍ୟକିରଣର ପ୍ରଭାବ ଦେଖିବାକୁ ମିଳିଥିଲା। ଦିନ ୧୧ଟା ପରଠାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ରାସ୍ତାଘାଟରେ କମ ଲୋକଙ୍କର ଯାତାୟତ ଦେଖିବାକୁ ମିଳୁଥିଲା। ବ୍ୟସ୍ତ ବହୁଳ ସ୍ଥାନଗୁଡ଼ିକରେ ଜନଗହଳିର ଅଭାବ ପରିଲକ୍ଷିତ ହେଉଥିଲା। ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ସମ୍ବଲପୁରରେ ଆଜି ୪୩.୨ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଝାରସୁଗୁଡ଼ା-ହୀରାକୁଦରେରେ ୪୧.୬, ରାଉରକେଲାରେ ୪୦.୪, ଚାନ୍ଦବାଲିରେ ୩୯.୭ ଓ ବାଲେଶ୍ୱରରେ ମଧ୍ୟ ୩୯.୭ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ କହିଛନ୍ତି, ଦିନ ୨ଟା ୩୦ ସୁଦ୍ଧା ରେକର୍ଡ ହୋଇଥିବା ୪୦.୪ ଡିଗ୍ରି ରାଜଧାନୀ ଭୁବନେଶ୍ୱରରେ ଚଳିତବର୍ଷର ସର୍ବାଧିକ ତାପମାତ୍ରାକ୍ଷ ଗତକାଲି ଏବଂ ମାର୍ଚ୍ଚ ୨୮ରେ ଏହା ପୂର୍ବରୁ ୨୦୨୫ରେ ୪୦.୨ ଡିଗ୍ରି ସର୍ବୋଚ୍ଚ ଦିନ ତାପମାତ୍ରା ରେକର୍ଡ ହୋଇଥିଲା।

### କଲବଲ କରୁଛି ତାତି: ଉପରମୁଁହା ହେଉଛି ପାରଦ

ଭୁବନେଶ୍ୱର,୧୧/୫: କଲବଲ କରୁଛି ତାତି । ଘରେ ରହି ହଉନି କି ବାହାରକୁ ବାହାରି ହେଉନି । ପଶ୍ଚିମ ଓଡ଼ିଶା ସମେତ ଦକ୍ଷିଣ ଓ ଉତ୍ତର ଓଡ଼ିଶାରେ ପ୍ରବଳ ଗରମ ଅନୁଭୂତ ହେଉଛି । ଆସନ୍ତା ୧୫ ଯାଏ ପ୍ରବଳ ଖରାରୁ ମିଳିବନି ତ୍ରାହି । ଗରମ, ଗୁଳୁଗୁଳି ନେଇ ଆଲର୍ଟ କରିଛି ପାଣିପାଗ ବିଭାଗ । ଗତକାଲି ୪୦ ଡିଗ୍ରୀ ଟପିଥିଲା ପାରଦ । ଆଜି ସାଢେ ୮ଟା ସୁଦ୍ଧା ଝାରସୁଗୁଡାରେ ୩୫.୨ ଡିଗ୍ରୀ, ସମ୍ବଲପୁର ୩୪.୪, ହୀରାକୁଦ ୩୪, ବାଲେଶ୍ୱର ୩୩ ଡିଗ୍ରୀ , ପୁରୀ ୩୩.୪, ରାଉରକେଲା ୩୨.୮, ଭୁବନେଶ୍ୱର ୩୨.୪ ଡିଗ୍ରୀ, ଚାନ୍ଦବାଲି ୩୨.୨, ପାରାଦୀପ ୩୧.୨, ଗୋପାଳପୁର ୩୦.୨ ଡିଗ୍ରୀ, ରେକର୍ଡ କରାଯାଇଛି ।

ସୁଧୁରିବନି ପାକିସ୍ତାନ

# ଉଲ୍ଲଂଘନ କଲା ଅସ୍ତ୍ରବିରତି




ନୂଆଦିଲ୍ଲୀ,୧୧/୫: ମିଛରୁ ଆରମ୍ଭ ଯାହାର ସେ ବା କିପରି ହୋଇପାରିବ କାହାର ? ଏହି ଉକ୍ତିଟି ପାକିସ୍ତାନ ପାଇଁ ଯଥାର୍ଥ ପ୍ରତୀତ ହୁଏ। ଭାରତ ସହ ଅସ୍ତ୍ରବିରତି (ଯୁଦ୍ଧ ବିରାମ) ନେଇ ସହମତି ହେବାର କିଛି ଘଣ୍ଟା ମଧ୍ୟରେ ଏହାକୁ ଉଲ୍ଲଂଘନ କରିଛି ପାକିସ୍ତାନ। ରିପୋର୍ଟ ଅନୁସାରେ ଉଭୟ ପକ୍ଷ ମଧ୍ୟରେ ସନ୍ଧ୍ୟା ୫ଟା ବେଳକୁ ଯୁଦ୍ଧ ବିରାମ୍ ଘୋଷଣା ହୋଇଥିବା ବେଳେ ବିଳମ୍ବିତ ସନ୍ଧ୍ୟା ପ୍ରାୟ ୮ଟା ବେଳକୁ ପାକିସ୍ତାନ ସେନା ଅଖନୁର ପ୍ରାନ୍ତରେ ଭାରିମାତ୍ରାରେ ଗୁଳିଗୋଳା ମାଡ଼ କରିବା ଆରମ୍ଭ କରିଦେଇଥିଲେ। ପରେ ପରେ ଜମ୍ମୁ କାଶ୍ମୀର ସମେତ ବିଭିନ୍ନ ସୀମାନ୍ତବର୍ତ୍ତୀ ଅଞ୍ଚଳଗୁଡ଼ିକରେ ପାକିସ୍ତାନୀ ଡ୍ରୋନ୍ ଆକ୍ରମଣ କରିଥିବା ମଧ୍ୟ ସୂଚନା ମିଳିଥିଲା। ସାମ୍ବା, ଉଦ୍ଧମପୁର, ଅଖନୁର, ରାଜୌରୀ, ପୋଖରନ୍ ଆଦି ସ୍ଥାନରେ ପାକିସ୍ତାନ ପଟୁ ଡ୍ରୋନ୍ ଆକ୍ରମଣ କରାଯାଇଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଗୁଳି ତଥା ମିସାଇଲ୍ ଆକ୍ରମଣ କରାଯାଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଅବିଳମ୍ବେ ବାଡ଼ମେର, ଜୈସଲମେର, ଶ୍ରୀନଗର, ବାରାମୁଲା, ଉରି ସହ ପଞ୍ଜାବର ୩ ସହରରେ ସମ୍ପୂର୍ଣ୍ଣ ବ୍ଲାକ୍‌ଆଉଟ୍ ଘୋଷଣା କରିଛି। ଗୁଜରାଟର କଚ୍ଛ ସହର ଆକଶରେ ମଧ୍ୟ ଅନେକ ଡ୍ରୋନ୍ ଦେଖାଯାଇଥିବା ଗୁଜରାଟ ଗୃହମନ୍ତ୍ରୀ ସୂଚନା ଦେଇଛନ୍ତି। ଏସବୁ ମଧ୍ୟରେ ପାକିସ୍ତାନ ସହ ଯୁଦ୍ଧ ବିରତି ନେଇ ଭାରତ ସହମତି ହେବା ପରେ ଗତ ୩/୪ ଦିନ ଧରି ରାଜସ୍ଥାନ, ପଞ୍ଜାବ, ହରିଆଣା ଏବଂ ଗୁଜରାଟର ବିଭିନ୍ନ ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଚାଲିଆସିଥିବା ବ୍ଲାକ୍‌ଆଉଟ୍ ପ୍ରକ୍ରିୟାକୁ ସମାପ୍ତ କରିବା ପାଇଁ ଭାରତ ସରକାର ଯେଉଁ ନିଷ୍ପତ୍ତି ନେଇଥିଲେ ସେଥିରେ ପରିବର୍ତ୍ତନ କରାଯାଇଛି। ପାକିସ୍ତାନର ଏପ୍ରକାର ଦୋମୁହାଁ ନୀତିକୁ ଦେଖି ପୁନର୍ବାର ଏସବୁ ସ୍ଥାନରେ ବ୍ଲାକ୍‌ଆଉଟ୍ କରାଯିବା ପାଇଁ ଭାରତ ସରକାର ବିଚାର କରୁଥିବା ସୂଚନା ମିଳିଛି। ତେବେ ରାତି ପ୍ରାୟ ୧୧ଟା ସମୟରେ କେନ୍ଦ୍ର ବିଦେଶ ମନ୍ତ୍ରଣାଳୟ ସଚିବ ବିକ୍ରମ୍ ମିଶ୍ରି ଏକ ସାମ୍ବାଦିକ ସମ୍ମିଳନୀ କରି ପାକିସ୍ତାନ ପଟୁ ଅସ୍ତ୍ରବିରତି ଉଲ୍ଲଂଘନ ହୋଇଥିବା ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଭାରତ ଅସ୍ତ୍ରବିରତିକୁ ସମ୍ମାନ ଦେଉଥିବା ବେଳେ ପାକିସ୍ତାନ ଏହାକୁ ବାରମ୍ବାର ଉଲ୍ଲଂଘନ କରିଚାଲିଛି। ତେବେ ପାକ୍ ସେନା ପକ୍ଷରୁ ହୋଇଥିବା ଆକ୍ରମଣ ସମ୍ପର୍କରେ ପାକିସ୍ତାନ ପ୍ରତିପକ୍ଷଙ୍କୁ ଅବଗତ କରାଇଦିଆଯାଇଛି। ଆଶା କରାଯାଉଛି ପାକିସ୍ତାନ ଏସବୁକୁ ତୁରନ୍ତ ବନ୍ଦ କରିବ। ନଚେତ୍ ଭାରତୀୟ ସେନାର ଏସବୁର ଉଚିତ୍ ଜବାବ ଦେବାକୁ ବାଧ୍ୟ ହେବ।

### ଆମେରିକାର ମଧ୍ୟସ୍ଥତାକୁ ବେଖାତିର

ଶନିବାର ସନ୍ଧ୍ୟା ୫ଟା ବେଳକୁ ସମ୍ବାଦ ଆସିଲା ଯେ, ଭାରତ-ପାକିସ୍ତାନ ମଧ୍ୟରେ ସିଜ୍‌ଫାୟାର (ଅସ୍ତ୍ରବିରତି) ନେଇ ସହମତି ହୋଇଛି। ଅର୍ଥାତ୍ ଉଭୟ ଦେଶ ଏବେ ଆଉ ପରସ୍ପର ଉପରେ ଆକ୍ରମଣ କରିବେ ନାହିଁ ବୋଲି ରାଜି ହୋଇଛନ୍ତି। ଏନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସର୍ବପ୍ରଥମେ ଆମେରିକୀୟ ଗଣମାଧ୍ୟମରେ ସୂଚନା ଦେଇଥିଲେ। ନିଜ ଏକ୍ସ ଆକାଉଣ୍ଟରେ ସେ ଲେଖିଥିଲେ ଯେ, ଆମେରିକା ମଧ୍ୟସ୍ଥତା କରିଥିଲା ଏବଂ ଉଭୟ ପକ୍ଷଙ୍କ ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ କଥା ହୋଇଥିଲା। ତେବେ ଭାରତ ଏବଂ ପାକିସ୍ତାନ ଏକ ତୁରନ୍ତ ଏବଂ ସମ୍ପୂର୍ଣ୍ଣ ଯୁଦ୍ଧବିରତି ପାଇଁ ରାଜି ହେବା ଅତ୍ୟନ୍ତ ଆନନ୍ଦର ବିଷୟ। ଟ୍ରମ୍ପ ଉଭୟ ଦେଶକୁ ସେମାନଙ୍କର ସାଧାରଣ ଜ୍ଞାନ ଏବଂ ବୁଦ୍ଧିମତା ବ୍ୟବହାର କରିବା ପାଇଁ ଅଭିନନ୍ଦନ ମଧ୍ୟ ଜଣାଇଥିଲେ। ସେହିପରି ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ମଧ୍ୟ କହିଥିଲେ ଯେ, ସେ ଏବଂ ଉପରାଷ୍ଟ୍ରପତି ଜେଡି ଭାନ୍ସ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍, ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର, ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିର, ଭାରତୀୟ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସଏ) ଅଜିତ ଡୋଭାଲ ଏବଂ ପାକ୍ ଏନ୍‌ଏସ୍ଏ ଅସୀମ ମଲିକଙ୍କ ସହ କଥା ହୋଇଛୁ। ପରସ୍ପର ବିରୋଧରେ ଚାଲିଥିବା ଗୁଳିବିନିମୟ, ଆକ୍ରମଣ ତଥା ଅନ୍ୟ ସମସ୍ତ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ପାଇଁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସିଧାସଳଖ ଆଲୋଚନା ହୋଇଥିଲା। ଉଭୟ ପକ୍ଷ ଅସ୍ତ୍ର ବିରତି (ଯୁଦ୍ଧ ବିରାମ୍) ପାଇଁ ସହମତି ପ୍ରକାଶ କରିଛନ୍ତି। ତେବେ ଆମେରିକା ପକ୍ଷରୁ ସମ୍ବାଦ ଆସିବାର ପ୍ରାୟ ଅଧଘଣ୍ଟା ପରେ ପାକିସ୍ତାନ ପକ୍ଷରୁ ମଧ୍ୟ ଏନେଇ ସ୍ପଷ୍ଟ କରାଯାଇଥିଲା। ପାକ୍ ବିଦେଶ ତଥା ଉପ ପ୍ରଧାନମନ୍ତ୍ରୀ ଇଶାକ୍ ଡାର୍ ନିଜ ଦେଶର ଗଣମାଧ୍ୟମକୁ ବ୍ରିଫିଂ କରିବାକୁ ଯାଇ କହିଥିଲେ ଯେ, ପାକିସ୍ତାନ ଏବଂ ଭାରତ ତୁରନ୍ତ ପ୍ରଭାବରୁ ଯୁଦ୍ଧବିରତି ପାଇଁ ରାଜି ହୋଇଛନ୍ତି। ପରେ ପରେ ଭାରତ ବିଦେଶ ମନ୍ତ୍ରଣାଳୟ ମଧ୍ୟ ଏନେଇ ସୂଚନା ଦେଇଥିଲା। ଭାରତୀୟ ବିଦେଶ ସଚିବ ବିକ୍ରମ୍ ମିଶ୍ରି ଶନିବାର ସନ୍ଧ୍ୟା ୬ଟାରେ ପ୍ରତିରକ୍ଷା ଅଧିକାରୀଙ୍କ ସହ ପ୍ରେସ୍ ବ୍ରିଫିଂ କରିବା ସମୟରେ କହିଥିଲେ ଯେ, ଉଭୟ ଦେଶ ପରସ୍ପର ମଧ୍ୟରେ ଆଲୋଚନା କରିବା ପୂର୍ବକ ଅସ୍ତ୍ରବିରତି ପାଇଁ ସହମତ ହୋଇଛନ୍ତି।

## ରାଜଭବନରେ ସର୍ବଧର୍ମ ବୈଠକରେ ରାଜ୍ୟପାଳଙ୍କ ଅପିଲ

# ‘ଆତଙ୍କବାଦର ଧର୍ମ ନାହିଁ, ହିଂସାର କୌଣସି ଶାସ୍ତ୍ର ନାହିଁ’

ଭୁବନେଶ୍ୱର,୧୧/୫: ଆତଙ୍କବାଦ ର କୌଣସି ଧର୍ମ ନାହିଁ, ହିଂସା ର କୌଣସି ଶାସ୍ତ୍ର ନାହିଁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଚଳିତ ମଇ ୧୦ ତାରିଖ ଅପରାହ୍ନରେ ରାଜ ଭବନର ନ୍ୟୁ ଅଭିଷେକ ହଲ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକ ରେ ରାଜ୍ୟପାଳ ଏପରି କହିଛନ୍ତି। ପହଲଗାମ ରେ ସମ୍ପ୍ରତି ଘଟିଯାଇଥିବା ଜଘନ୍ୟ ଆତଙ୍କବାଦୀ ଆକ୍ରମଣ ଘଟଣା ଏବଂ ତତ୍ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉପୁଜିଥିବା ଘଟଣା କ୍ରମ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକ ରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ର କର୍ମକର୍ତ୍ତା ଏବଂ ବିଭିନ୍ନ ଗୋଷ୍ଠୀ ର ପ୍ରତିନିଧି ମାନେ ଏହି ବୈଠକ ରେ ଅଂଶଗ୍ରହଣ କରିଥିଲେ। ୨୬ ନିରୀହ ଲୋକଙ୍କ ଜୀବନ ନେଇଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣ ଉପରେ ଗଭୀର ଦୁଃଖ ପ୍ରକାଶ କରି ଡ. କମ୍ଭମପାଟି କହିଛନ୍ତି ଯେ, ଏହା କେବଳ ନିରୀହ ନାଗରିକଙ୍କ ଉପରେ ଆକ୍ରମଣ ନୁହେଁ ବରଂ ଭାରତର ଧାରଣା, ଆମର ଏକତା, ଗଣତନ୍ତ୍ର ଏବଂ ଶାନ୍ତି ଉପରେ ଆକ୍ରମଣ। ରାଜ୍ୟପାଳ ସୂଚନା ଦେଇ କହିଥିଲେ ଯେ ସଶସ୍ତ୍ର ବାହିନୀ ଅପରେସନ ସିନ୍ଦୂର ଆରମ୍ଭ କରିଛି, ଯେଉଁଥିରେ ସୀମାପାର ଆତଙ୍କବାଦୀ ଶିବିର ଗୁଡ଼ିକୁ ଟାର୍ଗେଟ କରି ସଠିକ୍ ଆକ୍ରମଣ କରାଯାଇଛି। ଆମର ସାହସୀ ସୈନିକମାନେ ଆମର ସାର୍ବଭୌମତ୍ୱକୁ ରକ୍ଷା କରିବା ଆଗଧାଡିରେ ଛିଡ଼ା ହୋଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଆମକୁ ସେମାନଙ୍କ ପଛରେ ଦୃଢ଼ ଭାବରେ ଛିଡ଼ା ହେବାକୁ ପଡ଼ିବ ବୋଲି ରାଜ୍ୟପାଳ କହିବା ସହିତ ସମସ୍ତେ ପରଲୋକଗତ ଏବଂ ଆହତଙ୍କ ପାଇଁ ପାର୍ଥନା କରିବାକୁ କହିଥିଲେ ଏବଂ ଶିକ୍ଷାନୁଷ୍ଠାନ ଗୁଡିକ ଏକତା ପ୍ରଦର୍ଶନ କରିବା ନିମନ୍ତେ ଜାତୀୟ ପତାକା ଉଡ଼ାଇବାକୁ କହିଥିଲେ। ବିଶ୍ୱାସ, ଭାଷା ଏବଂ ରୀତିରେ ବିବିଧତା ଥିଲେ ମଧ୍ୟ ଆମର ରାଷ୍ଟ୍ର ଏବଂ ଏହାର ମୂଲ୍ୟବୋଧକୁ ରକ୍ଷା କରିବା ପାଇଁ ଆମେ ଏକତାବଦ୍ଧ ବୋଲି ବାର୍ତ୍ତା ଦେବାକୁ ଆହ୍ୱାନ ଜଣାଇଥିଲେ। ସାଧାରଣ ନାଗରିକ ଏବଂ ସୈନିକ ସମେତ ପୀଡ଼ିତ ପରିବାରଙ୍କୁ ଗଭୀର ସମବେଦନା ଜଣାଇବା ସହିତ ଆହତମାନଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଥିଲେ। ଭାରତ କେବେ ଆତଙ୍କବାଦ ଆଗରେ ନତ ହେବନାହିଁ। ଆମର ଶକ୍ତି, ଆମର ଏକତା ଏବଂ ଆମକୁ ସୁରକ୍ଷା ଦେଉଥିବା ଲୋକଙ୍କ ପ୍ରତି ଆମର ଅଟଳ ସମର୍ଥନ ରହିଛି ବୋଲି ସମଗ୍ର ବିଶ୍ୱକୁ ବାର୍ତ୍ତା ଦେବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବୈଠକରେ ଯୋଗଦେଇ ଉଦବୋଦନ ଦେଇ କହିଥିଲେ ଯେ ଆତଙ୍କବାଦ ମାନବତା ବିରୁଦ୍ଧରେ ଏକ ଯୁଦ୍ଧ। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ



### ସେନାବାହିନୀକୁ ଦୃଢ଼ ସମର୍ଥନ କରିବାକୁ ଦେଲେ ଆହ୍ୱାନ

### ଆତଙ୍କବାଦ ମାନବତା ବିରୁଦ୍ଧରେ ଏକ ଯୁଦ୍ଧ : ମୁଖ୍ୟମନ୍ତ୍ରୀ

ଯେତେବେଳେ ଦେଶକୁ ଆବଶ୍ୟକତା ପଡ଼ିଥାଏ, ସେତେବେଳେ ସମସ୍ତ ଗୋଷ୍ଠୀ କିପରି ଏକାଠି ହୁଅନ୍ତି ବୋଲି ଅବତାରଣା କରିବା ସହିତ ଅବଦୁଲ ହମିଦଙ୍କ ସାହସିକତା ଏବଂ ବଳିଦାନର ଉଦାହରଣ ଦେଇଥିଲେ। ଭାରତୀୟ ଭାବେ ଆମର ସର୍ବୋତ୍ତମ ପରିଚୟ ରହିଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ବୋଲି କହିବା ସହିତ ସମସ୍ତେ ଏକଜୁଟ ହୋଇ ଦେଶ ପାଇଁ ନିଜର କର୍ତ୍ତବ୍ୟ ନିଭାଇବାକୁ ଆହ୍ୱାନ ଜଣାଇଥିଲେ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ପ୍ରତିରକ୍ଷା ବିଭାଗରେ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସଂଜୀବ ବାରିକ, ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ।

## ଡ୍ରୋନ୍ ଉଡ଼ାଣ ଉପରେ କଟକଣା

### ଆଇଏଏସ୍ ଓ ଆଇପିଏସ୍ ଅଫିସରଙ୍କ ଛୁଟି ବାତିଲ, ପୂର୍ବ ଉପକୂଳରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା



ଭୁବନେଶ୍ୱର,୧୧/୫: ଭାରତ-ପାକିସ୍ତାନ ଯୁଦ୍ଧରେ ବିରାମ ଲାଗିଥିଲେ ହେଁ ରାଜ୍ୟରୁ ହାଇଆଲର୍ଟ ହଟିନାହିଁ। ଏବେ ବି ସବୁ କ୍ଷେତ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ବଳବତ୍ତର ରହିଛି। ଆଜି ମଧ୍ୟ ଡିଜିପିଙ୍କ କ୍ୟାମ୍ପ ଅଫିସରେ ବୈଠକ ଅନୁଷ୍ଠିତ ହୋଇଛି। ଆଜିର ବୈଠକରେ ଓଡ଼ିଶାର ପୂର୍ବ ଉପକୂଳରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ଡ୍ରୋନ୍ ଉଡ଼ାଣ ଉପରେ କଟକଣା ଜାରି କରାଯାଇଛି। ରକ୍ ଡ୍ରୋନ୍ ବା ଅଜଣା ଡ୍ରୋନ୍ ଦେଖିବା ମାତ୍ରେ ଗୁଳି କରି ଖସାଇବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ସମସ୍ତ ସାମରିକ ପ୍ରତିଷ୍ଠାନ ଓ ସମସ୍ତ ଡ୍ୟାମ୍‌ର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଦୃଢ଼ କରାଯାଇଛି। ଏଡିଜି ଆଇନଶୃଙ୍ଖଳା ସଂଜୟ କୁମାର କହିଛନ୍ତି ଯେ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସି ସହ ରାଜ୍ୟ ପୁଲିସ ବିଭାଗ ରୀତିମତ ଯୋଗାଯୋଗରେ ଅଛି। ଓଡ଼ିଶାରେ ଏବେ ବି ହାଇଆଲର୍ଟ ଜାରି ରହିଛି। ପାକିସ୍ତାନ ପଟୁ ଡ୍ରୋନ୍ ଆଶଙ୍କା ଥିବାରୁ ଏବେ ଡ୍ରୋନ୍ ଉଡ଼ାଣ ଉପରେ କଟକଣା ଜାରି କରାଯାଇଛି। ସେହିଭଳି କୋଷ୍ଟାଲ୍ ଏଡିଜି ଅରୁଣ ବୋଥ୍ରା ସୂଚନା ଦେଇଛନ୍ତି ଯେ ଓଡ଼ିଶାର ୫୧୧ କିଲୋମିଟର ଉପକୂଳରେ ଆର୍ମଡ୍ ମେରାଇନ୍ ପୁଲିସ ପଇଁତରା ମାରୁଛି ଏବଂ ସେମାନଙ୍କ ସହ ଭାରତୀୟ ନୌସେନା ଓ କୋଷ୍ଟଗାର୍ଡ ଯୋଗାଯୋଗରେ ରହିଛନ୍ତି। ୨୪ଘଣ୍ଟିଆ ପାଟ୍ରୋଲିଂ ଜାରି ରହିଛି। ଉପକୂଳ ଅଞ୍ଚଳରେ ଗୁଇନ୍ଦା ସୂଚନାକୁ ଗୁରୁତ୍ୱ ଦିଆଯାଇଛି। କୋଷ୍ଟାଲ୍ ପୁଲିସ, ମେରାଇନ୍ ଥାନା ପୁଲିସ ତଟବର୍ତ୍ତୀ ଅଞ୍ଚଳର ବାସିନ୍ଦାମାନଙ୍କ ସହ ଯୋଗାଯୋଗରେ ଅଛନ୍ତି। ତଟବର୍ତ୍ତୀ ଅଞ୍ଚଳବାସୀଙ୍କଠାରୁ ଗୁଇନ୍ଦା ତଥ୍ୟ ସଂଗ୍ରହ କରାଯାଉଛି ଏବଂ ତଟସୁରକ୍ଷାରେ ଡ୍ରୋନ୍ ସାମିଲ କରାଯାଇଛି। ସେହିଭଳି ରେଳ ସୁରକ୍ଷାକୁ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯାଇଛି। ଆରପିଏଫ୍, ଜିଆରପି ଓ ସିଟି ପୁଲିସକୁ ଏଥିପାଇଁ ସଜାଗ ରହିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ରେଳ ଷ୍ଟେସନ୍‌ରେ କଡ଼ାକଡ଼ି ଯାଞ୍ଚ କରାଯାଉଛି ଏବଂ କେହି କୌଣସି ଜାଗାରେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଲେ, ତୁରନ୍ତ ପୁଲିସକୁ ଜଣାଇବାକୁ ପରାମର୍ଶ ଦିଆଯାଇଛି। ଷ୍ଟେସନ୍‌ରେ ଅଯଥା ଗହଳି ନ କରିବାକୁ ପୁଲିସ ରେଳଯାତ୍ରୀମାନଙ୍କୁ ବୁଝାଉଛି। ଯୁଦ୍ଧ ପରିସ୍ଥିତି ମଧ୍ୟରେ ରାଜ୍ୟ ସରକାର ଆରଡିସି, ଜିଲ୍ଲାପାଳ, ଆଇପିଏସ୍ ସ୍ତରର ବରିଷ୍ଠ ଅଧିକାରୀମାନଙ୍କର ଛୁଟି ବାତିଲ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ଗୃହ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ବିଜ୍ଞପ୍ତିରେ ବରିଷ୍ଠ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ଯେଉଁମାନେ ଛୁଟିରେ ଅଛନ୍ତି ସେମାନେ ତୁରନ୍ତ ମୁଖ୍ୟାଳୟ ଫେରି କାର୍ଯ୍ୟରେ ଯୋଗଦିଅନ୍ତୁ। କୌଣସି ଆଇପିଏସ୍ ଅଧିକାରୀଙ୍କୁ ଛୁଟି/ତାଲିମ/ଏଲ୍‌ଟିସିରେ ଯିବାକୁ ଅନୁମତି ମିଳିବନି। କେହି ଡିଜି/ସ୍ୱତନ୍ତ୍ର ଡିଜିଙ୍କ ବିନା ଅନୁମତିରେ ସେମାନଙ୍କ ମୁଖ୍ୟାଳୟ ଛାଡ଼ିପାରିବେନି। ଆଜିର ବୈଠକରେ ମୁଖ୍ୟ ଶାସନ ସଚିବ, ଡିଜିପି, କୋଷ୍ଟାଲ୍ ଅଫିସର, ଗୁଇନ୍ଦା ନିର୍ଦ୍ଦେଶକ, କେନ୍ଦ୍ରାଞ୍ଚଳ ଆଇଜି, ଆଇନଶୃଙ୍ଖଳା ଏଡିଜି, ନୌସେନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀ ଖୋଳା ନାଁରେ ଖାଇଗଲେ ୨ କୋଟି

ଭୁବନେଶ୍ୱର,୧୧/୫: ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା)ରେ ବଡ଼ ଦୁର୍ନୀତି ସାମନାକୁ ଆସିଛି। ବିଏମ୍‌ସି ୫୨ ନମ୍ବର ୱାର୍ଡ ନବୀନ ନିବାସ ପାଖରେ ଚାଲିଥିବା ସ୍ପ୍ରିଙ୍ଗ୍ ଟ୍ୟାଙ୍କ୍ ଜଳାଶୟର ପୁନର୍ବିକାଶ କାମ ନିର୍ବାଚନ ପରଠୁ ବନ୍ଦ ହୋଇ ପଡ଼ିରହିଛି। ସମ୍ପୂର୍ଣ୍ଣ କାମ ନକରି କେବଳ ପୋଖରୀଟିଏ ଖୋଳି ୨ କୋଟି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ପୂର୍ବ ସରକାର ସମୟରେ ରାଜଧାନୀରେ ଜଳାଶୟ ବିକାଶ ନାଁରେ କୋଟି କୋଟି ଟଙ୍କା ବିଏମ୍‌ସି ଖର୍ଚ୍ଚ କରିଥିଲା। ସେଥିରେ ୫୨ ନମ୍ବର ୱାର୍ଡର ଭୀମପୁର ପୋଖରୀ ପୁନରୁଦ୍ଧାର ଏବଂ ବର୍ଷା ଦିନେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ଭୀମପୁର ପୋଖରୀ କଡ଼ରେ ଯାଇଥିବା ୭ ନମ୍ବର ଡ୍ରେନ୍‌କୁ ଅଧିକ ଚଉଡ଼ା ଓ ସଫା କରିବାକୁ ଯୋଜନା ହୋଇଥିଲା। ଏଥିପାଇଁ ବିଏମ୍‌ସି ୩କୋଟି ୧୫ ଲକ୍ଷ ଟଙ୍କା ବ୍ୟୟବରାଦ କରିଥିଲା। ୧୫ ଜଣ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଏହି କାମକୁ ବଣ୍ଟା ଯାଇଥିଲା। ୨୦୨୩ ମସିହା ଜୁଲାଇ ମାସରେ ଏନେଇ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏସ୍?ଏଚ୍?ଜି କାମ ପାଇଲେ ସତ କିନ୍ତୁ କିଛି କମିସନ ବଦଳରେ ତତ୍?କାଳୀନ ଶାସକ ଦଳର ରାଜନେତା ଓ ଠିକାଦାର ଏହି କାମ କରିଥିବା ଅଭିଯୋଗ ହୋଇଥିଲା। ଯୋଜନାନୁସାରେ ୪ ଏକରରୁ ଅଧିକ ଏହି ସ୍ଥାନରେ ଥିବା ପୋଖରୀରୁ ପଙ୍କ ଉଦ୍ଧାର ସହ ଅଧିକ ଚଉଡ଼ା ଓ ଗଭୀର କରାଯାଇଥାନ୍ତା। ଚାରି ପାଖରେ ପଥର ପ୍ୟାକିଂ ସହ ପୋଖରୀ ହୁଡ଼ାରେ ଫୁଲ ଗଛ ଲାଗିଥାନ୍ତା। ଲୋକଙ୍କ ବସିବା ପାଇଁ ଚେୟାର, ଆଲୋକ ବ୍ୟବସ୍ଥା, ଘାସ ଗାଲିଚା, ଫଳ ବଗିଚା, ପୋଖରୀ ଚାରି ପାଖ ଷ୍ଟିଲ୍ ବାଡ଼ ସହ ଭିତରେ ବୋଟିଂ କରିବାକୁ ଯୋଜନା କରାଯାଇଥିଲା। ହେଲେ କେବଳ ପୋଖରୀ ଖୋଳା ପରେ ବାକି ସବୁ କାମ ହୋଇପାରିନାହିଁ। ୭ ନମ୍ବର ଡ୍ରେନ୍



ଅଣଓସାରିଆ ଥିବାରୁ ବର୍ଷା ଦିନେ ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ସମୟ ଲାଗିଥାଏ। ତେଣୁ ନିୟୁ ଫରେଷ୍ଟ ପାର୍କ, ଭୀମପୁର, ଏୟାରପୋର୍ଟ ଅଞ୍ଚଳ, ରଥରୋଡ, ବ୍ୟାଙ୍କ୍ କଲୋନି ପ୍ରମୁଖ ଅଞ୍ଚଳରେ ରାସ୍ତାରେ ଡ୍ରେନ୍ ପାଣି ମାଡ଼ିଯାଏ। ତେଣୁ ଏହି ଯୋଜନାରେ ୭ ନମ୍ବର ଡ୍ରେନ୍ ଚଉଡ଼ା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ ଡ୍ରେନ୍ ମଝିରେ ଏକ ୱାଟର ଚ୍ୟାନେଲ୍ କରାଯାଇ ତା’ର ଚାରି ପାଖରେ କାନା ଇଣ୍ଡିକା, ବାଉଁଶ, ଏଲିଫାଣ୍ଟା ଏରା ଆଦି ଗଛ ଲଗାଯାଇ ପ୍ରାକୃତିକ ଉପାୟରେ ପାଣିକୁ ବିଶୋଧନ କରାଯିବାକୁ ଯୋଜନା ହୋଇଥିଲା। ପ୍ରତି ୱାଟର ଚ୍ୟାନେଲ୍‌ରେ ପଥର ୱାଲ୍ କରାଯାଇ ଦୂଷିତ ପାଣିକୁ ପ୍ରାକୃତିକ ଉପାୟରେ ବିଶୋଧନ କରାଯାଇଥାନ୍ତା। କିନ୍ତୁ ଏସବୁ କିଛି ହୋଇପାରିନାହିଁ। ବିଜେଡି ସରକାର ଯିବା ପରେ ମୁକ୍ତା ଯୋଜନା ବନ୍ଦ ହେବା ଅବସ୍ଥାରେ। ତେଣୁ ପୂର୍ବରୁ ଟେଣ୍ଡର ହୋଇଥିବା ଟଙ୍କାରେ କେବଳ ପୋଖରୀ ଖୋଳା ଯାଇଥିବା ବେଳେ ଅନ୍ୟ କୌଣସି କାମ ହୋଇନାହିଁ। ଏବେ ପୋଖରୀ ଓ ଏହାର ଚତୁଃପାର୍ଶ୍ୱ ପୁଣି ବଣ ଜଙ୍ଗଲରେ ପରିଣତ ହେଲାଣି। ଏନେଇ ବିଏମ୍‌ସି ଡ୍ରେନେଜ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ବେହେରା କହିଛନ୍ତି, ମୁକ୍ତା ଯୋଜନାରେ ସେଠାରେ ୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ମୁକ୍ତା ଯୋଜନା ବନ୍ଦ ହୋଇଯାଇଥିବାରୁ କାମ ଆଉ ଆଗକୁ ବଢ଼ି ପାରିନାହିଁ।

## ମାଆ ହେଉଛି ଜୀବନର ଏକମାତ୍ର ଅଦ୍ୱିତୀୟ ଚରିତ୍ର

ଭୁବନେଶ୍ୱର: ମାଆ ହେଉଛି ଜୀବନର ଏକମାତ୍ର ଅଦ୍ୱିତୀୟ ଚରିତ୍ର। ଯିଏ ବିନା ସ୍ୱାର୍ଥରେ ନିଜ ପିଲାମାନଙ୍କ ପାଇଁ ସବୁକିଛି ଉତ୍ସର୍ଗ କରିବାର ସାହସ ରଖିଥାଏ। ଯାହାର ଅସ୍ତିତ୍ୱ ବିନା ବିଶ୍ୱକୁ ପରିକଳ୍ପନା କରଯାଇ ପାରେନା। ଯାହାର ହସରେ ଫୁଟିପଡେ ମଉଳି ଯାଇଥିବା ଫୁଲ। ଯିଏ ନିଜେ ଭୋକରେ ରହିବି ନିଜ ଛୁଆଙ୍କୁ ଅପୁରା ରହିବାକୁ ଦିଏନି। ଯାହାର ପ୍ରତିଟି ଚିନ୍ତାରେ ଥାଏ ନିଜ ପିଲାଙ୍କ କୁଶଳର ଚିନ୍ତା। ସେ ହେଉଛି ମାଆ। ସବୁ ତ୍ୟାଗ , ସମର୍ପଣ ଓ ବଳିଦାନ ପରେ ମଧ୍ୟ ପ୍ରତିବଦଳରେ ନିଜ ସମନ୍ତା ଠାରୁ କିଛି ଚାହେଁନି ସିଏ। ପିଲାର ମାଆ ଡାକରେ ମଆର ଭୋକିଲା ପେଟ ପୁରି ଉଠେ। ସେହି ନିଶ୍ୱାର୍ଥ, କୋମଳ, ମା’ ରୁପି ଦେବୀଙ୍କ ପାଇଁ ଦିନଟିଏ । ଆଜି ମାଆଙ୍କ ପାଇଁ ଦିନଟିଏ ।ପୃଥିବୀର ସବୁଠୁ ମଧୁର ଶବ୍ଦ ହେଉଛି ମା’। ମାର ପଣତକାନି ସନ୍ତାନ ପାଇଁ ସବୁଠୁ ନିରାପଦ ସ୍ଥାନ। ମା’ର ଋଣ ସୁଝିବା କାହା ପାଖାରେ ବି ସମ୍ଭବ ନୁହେଁ । ମା’ ହେଉଛି ସ୍ନେହମୟୀ,



କରୁଣାମୟୀ ଓ ଦୟାମୟୀ । ସନ୍ତାନର ଦୁଃଖରେ ସେ ଦୁଃଖୀ ହୁଏ ଆଉ ତା ସନ୍ତାନ ମୁହଁରେ ଟିକେ ହସ ଦେଖିଦେଲେ ତା ମନ ବି ଖୁସି ହୋଇଯାଏ । ମା’ ଶବ୍ଦରେ ଯେମିତି ଭରି ରହିଛି ବ୍ରହ୍ମାଣ୍ଡ ଯାକାର ଅମୃତ । କେବଳ ଶବ୍ଦ ନୁହେଁ ମା’ ଅସୀମ ବଳ ଓ ଧର୍ଯ୍ୟର ପ୍ରତୀକ। ମା’ର ଭଲ ପାଇବା, ତ୍ୟାଗ, ଓ ତପସ୍ୟା ଆଗରେ ଦୁନିଆରେ ସବୁ ଜିନିଷ ଫିକା ପଡ଼ିଯାଏ । ଜୀବନରେ ଯେତେ ଦୁଃଖ କଷ୍ଟ ଆସିଲେ ବି ମାଆ ଆଗରେ ସବୁ ତୁଚ୍ଛ ହେଇଯାଏ । ମା’ର ପ୍ରାର୍ଥନାରେ ଏତେ ଶକ୍ତି ଥାଏ ଯେ ତା ସନ୍ତାନ ନିକଟକୁ ମୃତ୍ୟୁ ବି ଆସିବାକୁ ଭୟ କରେ। ପାଖରେ ମା’ ଥିଲେ ସଂସାରରେ ସବୁକିଛି ମିଳିଗଲା ପରି ଲାଗେ। ସନ୍ତାନ ଯେତେ ବଡ଼ ହେଇଯାଉନା କାହିଁକି ମା ପାଇଁ ସେ ସବୁବେଳେ ଛୋଟ ଛୁଆ ହିଁ ରୁହେ। ପୁଅ ଯେତେ ଦୁଷ୍ଟ ଖଳ ପ୍ରକୃତିର ହେଉନା କାହିଁକି ମା ପାଇଁ ସେ କଳାକହ୍ନେଇ। ତା ପଣତ ଯେମିତି ବିଶ୍ୱର ସବୁଠାରୁ ସୁରକ୍ଷିତ ସ୍ଥାନ। ସେଥିପାଇଁ ତ ଭଗବାନ ବି ମା’ର ତ୍ୟାଗ ଓ ତପସ୍ୟା ଆଗରେ ନତମସ୍ତକ ହୋଇଯାଆନ୍ତି। ଆଜି ସେହି ମା ପାଇଁ ଦିନ ଟିଏ ମା’ ଦିବସ ବା ମାତୃତ୍ୱ ଦିବସ। ଏମିତିରେ ମା ପାଇଁ କୌଣସି ଦିନର ଆବଶ୍ୟକତା ନାହିଁ । କାହିଁକିନା ସବୁଦିନ ତ ମାତୃତ୍ୱ ଦିବସ ଦିନ ତା ପାଇଁ ପୁଣି କଣ ଖାସ୍ ଦିନ ହେବ ଯେ ? କିନ୍ତୁ ଆଜିର ସମାଜରେ ମା’ ପାଇଁ ଗୋଟିଏ ଦିନକୁ ବଛାଯାଇଛି । ମା’ର ତ୍ୟାଗକୁ ବନ୍ଦନ କରିବା ପାଇଁ ଏଭଳି ଏକ ଦିନକୁ ବିଶ୍ୱ ବ୍ୟାପି ପାଳନ କରାଯାଉଛି। ପ୍ରତି ବର୍ଷ ମେ’ ମାସ ଦ୍ୱିତୀୟ ରବିବାରକୁ ମାତୃତ୍ୱ ଦିବସ ଭାବେ ପାଳନ କରାଯାଏ । ପ୍ରଥମେ ଆମେରିକାରେ ମା’ମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହି ଦିନଟି ଆରମ୍ଭ ହୋଇଥିଲା । କିନ୍ତୁ ମା’ ଓ ମାତୃତ୍ୱକୁ ସମ୍ମାନ ଦେଇ ବିଶ୍ୱର ପ୍ରାୟ ୪୦ରୁ ଅଧିକ ଦେଶରେ ଏବେ ପାଳିତ ହେଉଛି ମାତୃତ୍ୱ ଦିବସ ।

## ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ ଶବ ବ୍ୟବଚ୍ଛେଦ ରିପୋର୍ଟ

### ପୁରୁଣା ଓ ନୂଆ ବ୍ୟବସ୍ଥାରେ ସମନ୍ୱୟ ପାଇଁ ଗଠନ ହେଲା ୯ଜଣିଆ କମିଟି

ଭୁବନେଶ୍ୱର,୧୧/୫: ଆଇନଗତ ଡାକ୍ତରୀ ପରୀକ୍ଷା ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଏଣିକି ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ରାଜ୍ୟ ଅପରାଧ ରେକର୍ଡ ବ୍ୟୁରୋ ପକ୍ଷରୁ ମେଡିକୋ-ଲିଗାଲ୍ ଏକ୍‌ଜାମିନେସନ୍ ଏଣ୍ଡ ପୋଷ୍ଟ ମର୍ଟମ ରିପୋର୍ଟ ସିଷ୍ଟମ(ଏମ୍‌ଇଡିଇଏପିଆର) ୱେବ୍‌ସାଇଟ୍ ପ୍ରସ୍ତୁତ କରାଯାଇଛି। ଏହି ବ୍ୟବସ୍ଥା ଦ୍ୱାରା କାଗଜପତ୍ର ବ୍ୟବହାର କମିବ। ବହୁଦିନ ଧରି ଯେଉଁ ଦୁର୍ଘଟଣା ମାମଲା କିମ୍ବା କୋର୍ଟ ମାମଲାର ଯାଞ୍ଚ ରିପୋର୍ଟ ତୁରନ୍ତ ମିଳିପାରିବ। ଏବେ ରାଜ୍ୟରେ ମେଡିକୋ ଲିଗାଲ ଓପିନିଅନ୍ ବ୍ୟବସ୍ଥା ଚାଲିଛି। ନୂଆ କରି ପ୍ରସ୍ତୁତ ହୋଇଥିବା ଏମ୍‌ଇଡିଇଏପିଆର ବ୍ୟବସ୍ଥା ଭିତରେ ସମନ୍ୱୟ ରକ୍ଷା କରିବା ଲାଗି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ୯ଜଣିଆ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି। ଏହି ରାଜ୍ୟସ୍ତରୀୟ ଟିମ୍ ଆବଶ୍ୟକ ତାଲିମ, ଜିଲ୍ଲାସ୍ତରୀୟ ଟିମ୍‌କୁ ଉପଯୁକ୍ତ ସହାୟତା ପ୍ରଦାନ କରିବା ଦିଗରେ କାମ କରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗ ପକ୍ଷରୁ ଏ ସଂପର୍କିତ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡା. ବିଜୟ ମହାପାତ୍ରଙ୍କୁ ଏହାର ନୋଡାଲ୍ ଅଧିକାରୀଭାବେ ଘୋଷଣା କରାଯାଇଛି। ରାଜ୍ୟସ୍ତରୀୟ ଟିମ୍‌ରେ ଅତିରିକ୍ତ ଡିଏମ୍‌ଇଟି ପ୍ରଫେସର ଡା.ବ୍ରଜ କିଶୋର ଦାଶ, ଏସ୍‌ସିବି, କ୍ୟାପିଟାଲ ହସ୍ପିଟାଲ, ପୁରୀ ମେଡିକାଲ ଓ ଯାଜପୁର ମେଡିକାଲ କଲେଜର ଏଫ୍‌ଏମ୍‌ଟି ବିଭାଗର ମୁଖ୍ୟ, ମେଡ୍-ଟେକ୍ ଅତିରିକ୍ତ ନିର୍ଦ୍ଦେଶକ ଡା.ଅମରେଶ ମିଶ୍ର, କ୍ୟାପିଟାଲ ହସ୍ପିଟାଲର ଉପ-ଅଧୀକ୍ଷକ ଡା.ଧନଞ୍ଜୟ ଦାସ, ଯୁଗ୍ମ ନିର୍ଦ୍ଦେଶକ ଡା.ଶୁଭ୍ରାଂଶୁ ପ୍ରଧାନ ଓ ଖୋର୍ଦ୍ଧା ସିଡିଏମ୍‌ଓଙ୍କ ଦ୍ୱାରା ମନୋନୀତ ଡାକ୍ତର ଏଥିରେ ସ୍ଥାନ ପାଇଛନ୍ତି।

## କେନାଲ ପୋତି କୋଠା ନିର୍ମାଣକୁ ବିରୋଧ: ନିର୍ମାଣ ହେବ ପଞ୍ଚାୟତ କାର୍ଯ୍ୟାଳୟ ଓ ମାର୍କେଟ୍ କମ୍ପ୍ଲେକ୍ସ

ଭୁବନେଶ୍ୱର,୧୧/୫: ଲିଙ୍ଗିପୁର କେନାଲ ପୋତି ହେବ କଂକ୍ରିଟ୍ କୋଠା। ପଞ୍ଚାୟତିରାଜ ବିଭାଗ ନିର୍ମାଣ କରିବ ପଞ୍ଚାୟତ କାର୍ଯ୍ୟାଳୟ ସହ ମାର୍କେଟ୍ କମ୍ପ୍ଲେକ୍ସ। ଏଥିପାଇଁ ଜାଗା ଦେବାକୁ ଜଳସଂପଦ ବିଭାଗ ମୁଖ୍ୟଯନ୍ତ୍ରୀ ଭୁବନେଶ୍ୱର ଜଳସଂପଦ ବିଭାଗ ନିର୍ଦ୍ଦେଶକଙ୍କୁ ଚିଠି କରିଛନ୍ତି। ଚାଷବାସକୁ ବୁଡ଼ାଇ, କେନାଲକୁ ପୋତି କୋଠା ନିର୍ମାଣ ପାଇଁ ଜାଗା ହସ୍ତାନ୍ତର କରିବାକୁ ମୁଖ୍ୟଯନ୍ତ୍ରୀଙ୍କ ଏଭଳି ଚିଠି ଚର୍ଚ୍ଚାର ବିଷୟ ପାଲଟିଛି। ସେପଟେ ଏହି ଚିଠି ଆଧାରରେ ଜାଗା ହସ୍ତାନ୍ତରଣ ସହ ପଞ୍ଚାୟତିରାଜ ବିଭାଗର କୋଠା ନିର୍ମାଣ ପ୍ରକ୍ରିୟା ବି ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲ୍ଲା ଲିଙ୍ଗିପୁର ମୌଜାରେ ଖାତା ନଂ-୭୫୭ ଓ ପ୍ଲଟ୍ ନଂ-୧୩୧୩ରେ ଜଳସଂପଦ ବିଭାଗର ୧.୫୧ ଏକର ଜମି ରହିଛି। ଏହି ଅଞ୍ଚଳରେ ମହାନଦୀ କାଠଯୋଡ଼ି ମୁଖ୍ୟ କେନାଲ୍‌ର ଶାଖା କେନାଲ୍ ଲିଙ୍ଗିପୁର କେନାଲ୍ ରହିଛି। ଲିଙ୍ଗିପୁର କେନାଲ୍ ଏକ ପ୍ରମୁଖ କେନାଲ୍ ହୋଇଥିବାବେଳେ ବନ୍ୟା ସମୟରେ ଏହା ଜଳ ନିଷ୍କାସନର ପ୍ରମୁଖ ମାଧ୍ୟମ ପାଲଟିଥାଏ। କିନ୍ତୁ ଅନ୍ୟ ଅଞ୍ଚଳରେ ଅନାବଦୀ, ପତିତ ଜମି ଥିବା ବେଳେ ପଞ୍ଚାୟତିରାଜ ବିଭାଗ ଏହି କେନାଲ କିସମ ଜମି ଉପରେ ପଞ୍ଚାୟତ କାର୍ଯ୍ୟାଳୟ କୋଠା ଓ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ଜଳସଂପଦ ବିଭାଗକୁ ଚିଠି ଲେଖିଥିଲା। ଜଳସଂପଦ ବିଭାଗ ଏହାକୁ ମଞ୍ଜୁରି ପ୍ରଦାନ କରିଛି। ୨୦୨୩ ଡିସେମ୍ବର ୨୧ରେ



ଜଳସଂପଦ ବିଭାଗ ମୁଖ୍ୟମନ୍ତ୍ରୀ ଇଂ. ବି ଆର୍ ମହାନ୍ତି କରିଥିବା ଚିଠି (ନଂ-୩୭୪୪୨)ରେ ଉଲ୍ଲେଖ କରିଛନ୍ତି, ପଞ୍ଚାୟତିରାଜ ବିଭାଗ କରିଥିବା ଚିଠିର ତର୍ଜମା ପରେ ମହାନଦୀ କାଠାଯୋଡ଼ି ସିଷ୍ଟମ ମୁଖ୍ୟଯନ୍ତ୍ରୀ ତଥା ବେସିନ୍ ମ୍ୟାନେଜର ଲିଙ୍ଗିପୁର ମୌଜାରେ ଖାତା ନଂ-୭୫୭ ଓ ପ୍ଲଟ୍ ନଂ-୧୩୧୩ରେ ରାଜସ୍ୱ ବିଭାଗର ୧.୫୧ ଏକର ଜମିରୁ ୦.୭୦ ଏକର ଜାଗା ପଞ୍ଚାୟତିରାଜ ବିଭାଗକୁ ଦେବାକୁ କହିଛନ୍ତି। ଲିଙ୍ଗିପୁର କେନାଲ୍‌ର ଶେଷମୁଣ୍ଡ ଅଚଳ ଅବସ୍ଥାରେ ପଡ଼ିଥିବା ଓ ଏହା କୌଣସି କାମରେ ଆସୁନଥିବାରୁ ମହାନଦୀ କାଠାଯୋଡ଼ି ସିଷ୍ଟମ ମୁଖ୍ୟଯନ୍ତ୍ରୀ ତଥା ବେସିନ୍ ମ୍ୟାନେଜର ଏହି ଜମିରୁ ୦.୭୦ ଏକର ଜମି ପଞ୍ଚାୟତିରାଜ ବିଭାଗକୁ ଦେବାକୁ ଚିଠି(ନଂ-୩୬୫୭୪/୧୬.୧୨.୨୦୨୩) କରିଥିଲେ। ଚିଠି ଆଧାରରେ ଲିଙ୍ଗିପୁର ମୌଜାରେ ଏହି ଜାଗାରୁ ୦.୭୦ ଏକର ଜମି ପଞ୍ଚାୟତିରାଜ ବିଭାଗକୁ ତୁରନ୍ତ ହସ୍ତାନ୍ତର ପାଇଁ ଇଂ. ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଆଧାରରେ ଜମି ହସ୍ତାନ୍ତର ଓ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ହେଉଛି, କେନାଲ କିସମ ଜମିର ମାତ୍ର ୦.୭୦ ଏକର ଜମିର କିସମ ପରିବର୍ତ୍ତନ କରାଯାଇ ପତିତ କିସମ କରାଯାଇଛି। ଅବଶିଷ୍ଟ କିସମ କେନାଲ ରହିଛି। ଏଭଳି ସ୍ଥିତିରେ କେନାଲରେ ଆଉ ପାଣି ଆସିବ ନାହିଁ। ବନ୍ୟା ବେଳେ ଜଳ ନିଷ୍କାସିତ ହୋଇପାରିବ ନାହିଁ। ପରନ୍ତୁ, ଏହା ଶହଶହ ଏକର କେନାଲ ଜମିକୁ ଜବରଦଖଲ ପାଇଁ ଅନ୍ୟମାନଙ୍କୁ ସୁଯୋଗ ସୃଷ୍ଟି କରିବ। କେନାଲକୁ ପୋତି କଂକ୍ରିଟ୍ ନିର୍ମାଣ ଆଦୌ ଗ୍ରହଣୀୟ ନୁହେଁ। ଥିରୁ ଜଳସଂପଦ ବିଭାଗ କ୍ଷାନ୍ତ ନ ରହିଲେ, ପଞ୍ଚାୟତରେ ଜନଆନ୍ଦୋଳନ ମୁଣ୍ଡଟେକିବ ବୋଲି କେତେକ ପଞ୍ଚାୟତବାସୀ ଜଣାଇଛନ୍ତି।

## ବାପାକୁ ହତ୍ୟା କଲା ପୁଅ

ଭୁବନେଶ୍ୱର,୧୧/୫: ପାରିବାରିକ କଳହର କରୁଣ ପରିଣତି। ବାପାକୁ ହତ୍ୟା କଲା ପୁଅ। ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ତିହୁରୀ ଗାଁରେ ବିଭତ୍ସ ହତ୍ୟାକାଣ୍ଡ। ନାବାଳକ ପୁଅର ରଡ୍ ମାଡ଼ରେ ଛାଡ଼ିଗଲା ବାପାର ଜୀବନ। ଗୁରୁବାର ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ସୂଚନାନୁଯାୟୀ, ବାଲିପାଟଣା ଥାନା ତିହୁରୀ ଗାଁର ଗଜରାଜ ଭୋଇ ଗୁରୁବାର ରାତି ପ୍ରାୟ ୮ଟା ବେଳେ ମଦ ପିଇ ଘରେ ଗଣ୍ଡଗୋଳ କରିଥିଲେ। ପରେ ବାପ-ପୁଅଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ନାବାଳକ ପୁଅ ଉତ୍ତ୍ୟକ୍ତ ହୋଇ ଏକ ରଡରେ ଗଜରାଜଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଗଜରାଜଙ୍କ ମୁଣ୍ଡ ଫାଟି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଅଡ଼ଶପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଲିପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ନାବାଳକ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି।

# ରଥଯାତ୍ରା ସମୟରେ ସ୍ୱଚ୍ଛତା ଓ ପରିବହନ ବ୍ୟବସ୍ଥା ର ସମୀକ୍ଷା

ପୁରୀ : ମହାପ୍ରଭୁଙ୍କ ରଥଯାତ୍ରା ଏକ ସାମୁହିକ ଦାୟିତ୍ୱ ।ଏହା ସମସ୍ତ ବିଭାଗ ମଧ୍ୟରେ ସୁସମନ୍ୱୟର ପ୍ରତୀକ ମଧ୍ୟ ।ଏଥିରେ ଗୃହ ନିର୍ମାଣ, ନଗର ଉନ୍ନୟନ ଏବଂ ପରିବହନ ବିଭାଗର ମଧ୍ୟ ଗୁରୁ ଦାୟିତ୍ୱ ରହିଛି ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ।ଚଳିତ ବର୍ଷ ଯାତ୍ରୀ ମାନଙ୍କ ସୁଖଦ ଯାତ୍ରା ପାଇଁ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଏକ ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧକ୍ଷତା କରି ଶ୍ରୀମତୀ ପାଢ଼ୀ ରଥଯାତ୍ରା କୁ ଆସୁଥିବା ପ୍ରତ୍ୟେକ ଯାତ୍ରୀ ଆମର ଅତିଥି ।ସେମାନ ଙ୍କୁ ଏକ ସୁନ୍ଦର ଅନୁଭବ ଦେବା ଆମର କର୍ତ୍ତବ୍ୟ ।ବିଶେଷ କରି ରାସ୍ତା ଘାଟ ମରାମତି, ପରିଷ୍କାର ପରିଚ୍ଛନ୍ନ, ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ପାନୀୟ ଜଳର ବ୍ୟବସ୍ଥା, ପରିବହନ, ପାର୍କିଂ ସ୍ଥଳ



ବ୍ୟବସ୍ଥା ଇତ୍ୟାଦି କୁ ରଥଯାତ୍ରା ପୂର୍ବରୁ ଅତି ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ଶ୍ରୀମତୀ ପାଢ଼ୀ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଆମର ଭିତ୍ତିଭୂମି କୁ ସୁଦୃଢ଼ କରିବା ।ଯାହାଫଳରେ କେବଳ ରଥଯାତ୍ରା ନୁହେଁ ସବୁ ସମୟରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମାନେ ସୁବିଧା ପାଇବେ ।ଏଥିପାଇଁ ଅର୍ଥ ବାଧକ ନୁହେଁ।ତେଣୁ ସମସ୍ତ ବିଭାଗ ଉପଯୁକ୍ତ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବା କୁ ସେ ପରାମର୍ଶ ଦେଇଥିଲେ ।ସ୍ୱଚ୍ଛତା କୁ ଯେଉଁ ମାନେ ଉଲ୍ଲଙ୍ଘନ କରୁଛନ୍ତି, ରାସ୍ତା ଅବରୋଧ କରି ଗୃହ ନିର୍ମାଣ ସାମଗ୍ରୀ ରଖୁଛନ୍ତି, ବିଭିନ୍ନ ପ୍ରକାର ଯାନ ପରିବହନ ନିୟମ ଭାଙ୍ଗୁଛନ୍ତି, ପାର୍କିଂ ନ ହେବା ସ୍ଥାନରେ ପାର୍କିଂ କରୁଛନ୍ତି ସେମାନଙ୍କ ଉପରେ ଆଇନ ଅନୁଯାୟୀ ଆର୍ଥିକ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।ପରିବହନ କମିଶନ ର ତଥା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ର ଅଧ୍ୟକ୍ଷ ଅମିତାଭ ଠାକୁର ରଥଯାତ୍ରା ସମୟରେ ଯାତ୍ରୀ ମାନଙ୍କୁ ପରିବହନ ବିଭାଗ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ ।ଯାତ୍ରୀ ମାନଙ୍କ ସୁବିଧା ପାଇଁ ଅଧିକ ପାର୍କିଂ ସ୍ଥଳ ଚିହ୍ନଟ ପାଇଁ ସେ ପରାମର୍ଶ ଦେଇଥିଲେ ।ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ ସହ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଏସ ପି ବିନୀତ ଅଗ୍ରୱାଲ,ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ର ଅତିରିକ୍ତ ସଚିବ ବିନୟ କୁମାର ଦାଶ, ରାଜ୍ୟ ପରିବହନ କର୍ତ୍ତୃପକ୍ଷ ର ଅତିରିକ୍ତ ସଚିବ ତଥା ଏସିଟି ଇନ୍ଦ୍ରମଣି ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଅତିରିକ୍ତ ଏସ ପି ସୁଶୀଲ କୁମାର ମିଶ୍ର,ଦେବୀ ପ୍ରସାଦ ପ୍ରତାପ, ଏସଟିଏର ଏନଫୋର୍ସମେଣ୍ଟ ଏସିଟି ଲାଲମୋହନ ସେଠୀ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ନାଇଟିଙ୍ଗେଲଙ୍କ ଜନ୍ମଦିନ ଓ ନର୍ସିଙ୍ଗସ୍କୁଲ ର ବାର୍ଷିକ ଉତ୍ସବ

ପୁରୀ, . -ପୂର୍ଣ୍ଣାତ୍ମା ମହିୟସୀ ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କର ୨୦୫ତମ ଜନ୍ମ ସପ୍ତାହ ଏବଂ ବାଲିଗୁଆଲିସ୍ଥିତ ପ୍ରିୟଙ୍କା ଦେବୀ ଗ୍ରୁପ ଅଫ ଇନଷ୍ଟିଚୁସନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ପ୍ରିୟଙ୍କା ଦେବୀ କଲେଜର ଅଧ୍ୟକ୍ଷା କମଳା ପଣ୍ଡା ଙ୍କ ପୌରହିତ୍ୟ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାନ୍ୟବର ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କ ଅଭିଭାଷଣ ରେ ନର୍ସିଂ ଏକ ସର୍ବୋତ୍କୃଷ୍ଟ ସେବା ଏଂ ତ୍ୟାଗ ଏଂ ଆତ୍ମୋସତାର ବାର୍ତ୍ତା ଦିଏ । ଏହା ସମାଜର ଉପାନ୍ତର ସର୍ବୋଚ୍ଚ ଶିଖର ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ବିଶେଷ ତଥା ଜରାଜୀର୍ଣ୍ଣ ବ୍ୟାଧି ଗ୍ରସ୍ତ ମନୁଷ୍ୟ ର ଉପଶମ ର ମାର୍ଗ ପ୍ରଶସ୍ତ କରାଯାଇଥାଏ ବୋଲି ବକ୍ତବ୍ୟ ରଖିଥିଲେ । ପୁରୀ ବିଧାନ ସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ମହୋଦୟ ସମ୍ମାନିତ ଅତିଥି ଏବଂ ମନୋଜ କୁମାର ତ୍ରିପାଠୀ (ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ )ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସମାଜର କଲ୍ୟାଣରେ ନର୍ସିଂ ସେବାର ଭୂମିକା ଏବଂ ତାର ବିଶିଷ୍ଟତା ଉପରେ ଆଲୋକପାତ କରିଥିଲେ । ଅବସପ୍ରାପ୍ତ ସହକାରୀ ନର୍ସିଂ ଅଧ୍ୟକ୍ଷକା ସବିତା କୁମାରୀ ପତି ତାଙ୍କ ଜୀବନର ସେବାନୁଭୂତି ବିଷୟରେ ଅବଧାରଣା ଦେଇଥିଲେ । ପ୍ରିୟଙ୍କା ଦେବୀ ସ୍କୁଲ ଅଫ ନର୍ସିଂର ଅଧ୍ୟକ୍ଷା ପାର୍ବତୀ ପରିଡ଼ା ଛାତ୍ରଛାତ୍ରୀ ସେବାନୁଭୂତି ହେବା ପାଇଁ ପ୍ରୋତ୍ସାହିତ କରିବା ସହ ଅଧ୍ୟାପିକା ସୋନାଲି ପ୍ରଧାନ ଶପଥ ପାଠ କରାଇଥିଲେ । ସଭାକାର୍ଯ୍ୟ ସୁବ୍ୟବସ୍ଥିତ ଭାବେ ପରିଚାଳନା ହୋଇଥିଲା । ଏହି ଅବସରରେ ବାର୍ଷିକ ପତ୍ରିକା 'ପ୍ରଜ୍ଞା ପ୍ରବାହ'ର ଦ୍ୱିତୀୟ ସଂସ୍କରଣ ଓନ୍ମଚିତ ହୋଇଥିଲା । ଗ୍ରୁପ୍ ଅଫ୍ ଇନ୍ସଟିଟୁସନର ନିର୍ଦ୍ଦେଶକ ଡ଼ା ବାବୁଲା ବେହେରା ଅତିଥି ମାନଙ୍କୁ ପୁଷ୍ପଗୁଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିବା ବେଳେ ବିଶିଷ୍ଟ ନାଟ୍ୟକାର ତଥା ଉପସ୍ଥାପକ କୁମୁଦ ଶତପଥୀ ମଞ୍ଚପରିଚଳନ କରିଥିଲେ । ମୟୂରଭଞ୍ଜ କଲେଜ ଅଫ ନର୍ସିଂର ଅଧ୍ୟକ୍ଷା ମଧୁସ୍ମିତା ରଥ ସମସ୍ତ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ ପରିଚାଳନ ତଥା ବିଶିଷ୍ଟ ସଂଯୋଜନା କରିଥିଲେ । ଏଇ ଅବସରରେ ରବୀନ୍ଦ୍ର ନାଥ ବାହିନୀପତି, ନୟନା ସାସମଲ, ଡ ନରହରି ମିଶ୍ର ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାଳୀ ପ୍ରସନ୍ନ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । ବାର୍ଷିକ କ୍ରୀଡା ଉତ୍ସବ ତଥା ବିଭିନ୍ନ କୃତି ପ୍ରତିଯୋଗୀଙ୍କ ସମ୍ମାନିତ କରାଯାଇଥିଲା । ଏହାପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଂଗୀତ ଓ ନାଟକ ପରିବେଷଣ କରାଯାଇଥିଲା । ମନୋରଞ୍ଜନ କାର୍ଯ୍ୟକ୍ରମକୁ ଆଶିଷ କୁମାର ସାଥୁଆ ଓ ସହକର୍ମୀ ପରିଚାଳନା କରିଥିଲେ ।




# ବାଞ୍ଜି ବାହାଲ ଗ୍ରାମ ଠାରେ ଅଷ୍ଟ ପ୍ରହର ଅଖଣ୍ଡ ନାମ ଯଞ୍ଜ ଅନୁଷ୍ଠିତ



କଳାହାଣ୍ଡି, ):କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାଉଡୋଲା ଗ୍ରାମପଞ୍ଚାୟତ ବାଞ୍ଜି ବାହାଲ ଗ୍ରାମ ଠାରେ କଳସ ଯାତ୍ରା ଅନୁଷ୍ଠିତ କ୍ଷ ଅଷ୍ଟ ପ୍ରହର ନାମ ଯଞ୍ଜ ପାଇଁ ଶତାଧିକ ମହିଳା ନିଜ ନିଜ କଳସ ଧରି ମୁଟୁରା ନଦୀ ଠାରୁ ପାଣି ଆଣିବା ପାଇଁ ଯାଇଥିଲେ କ୍ଷପୂଜକ ଶ୍ରୀଯୁକ୍ତ ଉମା ଶଙ୍କର ଦାସ ସେଠାରେ ପୂଜାବିଧି କରି ସମସ୍ତ ଙ୍କ କଳସରେ ପାଣିଭରି ଯଞ୍ଜ ମଣ୍ଡପ କୁ ଆସିଥିଲେ କ୍ଷଏଠାରେ ଅଷ୍ଟ ପ୍ରହର ନାମଯଞ୍ଜ ପୂଜା ର ଯଜମାନ ଶ୍ରୀଯୁକ୍ତ ପଦ୍ମଲୋଚନ ମାଝୀ ତାଙ୍କ ଧର୍ମ ପତ୍ନୀ ସରୋଜିନୀ ମାଝୀ ଓ ଘନଶ୍ୱକ୍ଷମ ମାଝୀ ଧର୍ମ ପତ୍ନୀ ପୁଷ୍ପାଞ୍ଜଳି ମାଝୀ,ଏହି କାର୍ଯ୍ୟକ୍ରମ ରେ ବୀଣାପାଣି ସଂକୀର୍ତ୍ତନ ମଣ୍ଡଳୀ ସଭାପତି ଶ୍ରୀଯୁକ୍ତ ମନରଞ୍ଜନ ମାଝୀ, ଇନ୍ଦ୍ର ମଣି ମାଝୀ, ଚିତ୍ର ସେନ ମାଝୀ, ଗିରିଧାରୀ ମାଝୀ, ହିମାଦ୍ରୀ ମାଝୀ, ଚିନ୍ତା ମଣି ମାଝୀ, ଲକ୍ଷ୍ମୀ ମାଝୀ,ଓ ମହିଳା ମାନେ ହେଲେ ଜୟମଣୀ ମାଝୀ, ଲଳିତା ମାଝୀ, ଭାନୁ ମତି ମାଝୀ, ତୁଳସୀ ମାଝୀ ବାଞ୍ଜି ବାହାଲ ଗ୍ରାମର ପ୍ରତେକ ଭକ୍ତ ଏହି କଳସ ଯାତ୍ରାରେ ସାମିଲ ହୋଇ ଥିଲେ ଓ ତା ୫ ରିଖ ଦିନସକାଳ ଛଅ ଘଣ୍ଟା ସମୟରେ ନାମ ନିଆ ଯାଇଥିଲା ତା ୬ରିଖ ସକାଳ ୬ ଘଣ୍ଟା ସମୟରେ ନାମ ସମାପ୍ତ କରାଯାଇ, ଦହିହାଣ୍ଡି ଭଗ୍ନ କରି ଗ୍ରାମ ପରିକ୍ରମା କରାଯାଇଥିଲା କ୍ଷ ସମସ୍ତ ଙ୍କ ପାଇଁ ଆନନ୍ଦ ବଜାରରେ ଅର୍ଣ୍ଣ ଛତ୍ର ର ବ୍ୟବସ୍ଥା ମଧ୍ୟ କରାଯାଇଥିଲା କ୍ଷଏହି ନାମ ଯଞ୍ଜ କୁ ବାଞ୍ଜି ବାହାଲ ଗ୍ରାମର ପୁରୁଷ ଓ ମହିଳା ସମସ୍ତେ ସାହାଯ୍ୟ ସହଯୋଗ କରିଥିଲେ କ୍ଷ

# କଳମପୁର ବ୍ଲକ ସମିତି ସଭାଗୃହ ସମିତି ବୈଠକ ଅନୁଷ୍ଠିତ



କଳମପୁର : କଳମପୁର ବ୍ଲକ ସମିତି ସଭାଗୃହ ଠାରେ ବୁଧବାର ଦିନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ ମାଣ୍ଡାଙ୍ଗି ଙ୍କ ଆବାହନ କ୍ରମେ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସମିତି ଅଧ୍ୟକ୍ଷ ଚିନ୍ତାମଣି ବେହେରାଙ୍କ ଅଧକ୍ଷତା କରିଥିବା ବେଳେ ଧର୍ମଗଡ଼ ବିଧାୟକ ସୁଧୂର ରଞ୍ଜନ ପାଟଯୋଶୀ, ଜିଲା ପରିଷଦ ସଭ୍ୟା ଦୁହିତା ମାଝୀ, ନିବେଦିତା ହଂସ, ସାଂସଦଙ୍କ ପ୍ରତିନିଧି ଅରୁଣ ଜଗରିଆ ପ୍ରମୁଖ ଉପସ୍ଥିତ ଥିଲେ । ୧୧ ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା ମାନେ ଉପସ୍ଥିତ ଥିଲେ । ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ନିଜ ନିଜ ବିଭାଗର କାର୍ଯ୍ୟ ଖସଡ଼ା ଓ ପକଳ୍ପ ସମ୍ବନ୍ଧରେ ସମିତିକୁ ଅବଗତ କରାଇଥିଲେ । ବୈଠକରେ ତହସିଲଦାର ସ୍ମରଣୀକା ତୁଳ, ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାଶିଷ ସ୍ୱାଇଁ, ବିଇଓ ମଧୁସ୍ମିତା ନାଏକ, ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ନିର୍ବାସିନୀ ଦେଇ, ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲ ର ସହକାରୀଯନ୍ତ୍ରୀ ଇଂ. ଶ୍ୟାମ ସୁନ୍ଦର ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ସମିତି ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ଉଦ୍ୟାନ କୃଷି, ପାନୀୟ ଜଳ ଯୋଗାଣ, ଜଳସେଚନ ନେଇ ଆଲୋଚନା କରାଯାଇଥିଲା । ଏ ଅବସରରେ କଳମପୁର ପଞ୍ଚାୟତର ପାର୍କିଗୁଡା, ପଣ୍ଡିଗାଁ ପଞ୍ଚାୟତର ପୋଟେସ, ବରଦୋଳି ଓ ପାଜେନ,କୋଟାଗାଁ ପଞ୍ଚାୟତର ବଲାଗାଁ ଗ୍ରାମବାସୀ ଙ୍କୁ ମୋଟ ୨୯୮.୧୧ ଏକର ଜମି କଳମପୁର ତହସିଲ ପକ୍ଷରୁ ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁସାରେ ଜଙ୍ଗଲ ଜମି ଯୋଜନା (ଗଔଔଣ ) ର ସ୍ୱେଚ୍ଛାସେବୀ ପ୍ରଶାନ୍ତ କୁମାର ମାଝୀ, ମିନିକେତନ ମାଝୀଙ୍କ ସକ୍ରିୟ ସହଯୋଗରେ ଗ୍ରାମକମିଟି କୁ ପଟ୍ଟା ପ୍ରଦାନ କରାଯାଇଥିଲା ।

# ସୁଭଦ୍ରା ପରିବାର ଙ୍କୁ ଭେଟିଲେ ସାଂସଦ ରୁଦ୍ର ନାରାୟଣ ପାଣି

ତାଳଚେର /କଣିହାଁ : ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ଲୋଧାଝରି ଗ୍ରାମର ଝିଅ ସୁଭଦ୍ରା ର ବିଭତ୍ସ ହତ୍ୟା ଘଟଣା ସମଗ୍ର ଅଞ୍ଚଳ ରେ ଆଲୋଡନ ସୃଷ୍ଟି କରିଛି ।ଆଜି ବୁଧବାର ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ସୁଭଦ୍ରା ପରିବାର ଙ୍କୁ ଭେଟି ସମବେଦନା ଜଣାଇଛନ୍ତି ।ସୁଭଦ୍ରା ହତ୍ୟାକାରୀ ଙ୍କୁ ଖୁବଶୀଘ୍ର ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ ବୋଲି ସାଂସଦ ପ୍ରକାଶ କରିଛନ୍ତି ।ଏ ମର୍ମରେ ସେ ପୋଲିସ ଉଚ୍ଚପଦସ୍ଥ ଅଧିକାରୀ ଆଇ ଜୀ, ଏସ ପି ଓ ଜିଲ୍ଲାପାଳ ଙ୍କ ସହ କଥା ହୋଇଛନ୍ତି ଏବଂ ପୋଲିସ ଖୁବଶୀଘ୍ର ଅପରାଧୀ ଙ୍କୁ ଗିରଫ କରିବ ବୋଲି ପୋଲିସ ର ବରିଷ୍ଠ ଅଧିକାରୀ ମାନେ କହିଛନ୍ତି ବୋଲି ପ୍ରକାଶ କରିଥିଲେ ।ଏଭଳି ଦୁଃଖ ଭଗବାନ କାହାକୁ ନ ଦିଅନ୍ତୁ ଏବଂ ଏଭଳି ଅମାନବୀୟ ଅପରାଧ ଘଟାଇଥିବା ଅପରାଧୀ ଙ୍କୁ ଏଭଳି ଦଣ୍ଡ ମିଳିବା ଦରକାର ଯାହାକୁ ଦେଖି ସମାଜରେ ଅପରାଧ ଘଟାଇବା ପାଇଁ ଅପରାଧୀ ମାନେ ସାହସ କରି ପାରିବେ ନାହିଁ ବୋଲି ସେ କହିଛନ୍ତି ।ସାଂସଦ ଙ୍କ ସହ ବରିଷ୍ଠ ବିଜେପି ନେତା ଜିଲ୍ଲା ଉପ ସଭାପତି ନୃସିଂହ ବରାଳ, ପ୍ରହଲ୍ଲାଦ ସାମଲ, ଜଗମୋହନ ପ୍ରଧାନ, ଦେବେନ୍ଦ୍ର ବାରିକ, ଇଂ ଭରତ କୁମାର ସାହୁ, ତ୍ରିପୁରାରୀ ପ୍ରଧାନ ଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।



# ଅଷ୍ଟ ପ୍ରହର ନାମ ଯଞ୍ଜ ନିମିତ୍ତ ଶୁଭ ସ୍ତମ୍ଭ ସ୍ଥାପନ ଓ ଭୂମି ପୂଜନ

ଧର୍ମଗଡ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ନେଗିଗୁଡ଼ା ପଦରପଡ଼ା ଗ୍ରାମରେ ଅଷ୍ଟପ୍ରହର ନାମଯଞ୍ଜ ବୁଧବାର ଉଦଯାପିତ ହୋଇ ଯାଇଛି । ତୁଳସା ହଂସ ଓ ତରୁଣ ହଂସ କର୍ତ୍ତା ରୂପରେ, ଜ୍ୟୋତିର୍ବିଦ ଭୁପେଶ ତିୱାରୀ,ମୋହନ ତିୱାରୀ,ଧ୍ରୁବ ତିୱାରୀ, ମିଥିଲେଶ ତିୱାରୀ ପୂଜକ ଭାବେ ପୂଜନ କାର୍ଯ୍ୟ ସମ୍ପାଦନ କରିଥିଲେ । ୫ ରେ କଳସ ଯାତ୍ରା ଓ ଅଧିବାସ ହୋଇଥିବା ବେଳେ,୭ ରେ ଗ୍ରାମ୍ୟ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମାରମ୍ଭ କରାଯାଇଥିଲା ଓ ସମସ୍ତ ଭକ୍ତ ଙ୍କ ପାଇଁ ଅନ୍ନଛତ୍ର ଖୋଲା ଯାଇଥିଲା, ନାମ ଯଞ୍ଜରେ ଧନେର ଓ କଟିଙ୍ଗ ପଦର ଗ୍ରାମର ବାଳିକା ସଂକୀର୍ତ୍ତନ ମଣ୍ଡଳୀ, ଟୁର୍ଚି ର ଗୁରୁ ସଞ୍ଜୟ ସାହୁ ପ୍ରେମ ସଂକୀର୍ତ୍ତନ, ବଳଧା,ନୂଆପଡ଼ା ଗୁରୁ ନିଲୁ ଧଙ୍ଗଡା ମାଝୀ ଙ୍କ ଜଗନ୍ନାଥ ସଂକୀର୍ତ୍ତନ ଦଳ, ନେଗିଗୁଡା ପଦର ପଡ଼ା ଓ କର୍ଲା ପଡ଼ା ର ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ପର୍ଯ୍ୟାୟକ୍ରମେ ନିରନ୍ତର ନାମ ଗାନ ପୂର୍ବକ କଳା ପ୍ରଦର୍ଶନ କରିଥିଲେ । ପ୍ରାତଃ ନାମସମ୍ପନ ହୋଇ ,ନଗର ପରିକ୍ରମା, ଦଧିହାଣ୍ଡି ଭଗ୍ନ ଓ ପୂର୍ଣ୍ଣାହୁତି ହୋଇଥିଲା ।ନାମଯଞ୍ଜ କମିଟି ର ସଭାପତି ଧନବଳ ନାଗ,ଉପସଭାପତି ଅମୃତଲାଲ ପୁଝାରୀ,ସମ୍ପାଦକ ତୁଷାର ଗୋପାଳ ବାଲ୍ମୀକି ବାଗ, କୋଷାଧ୍ୟକ୍ଷ ଲବିଲାଲ ନାଗ ସମେତ ସଙ୍କୀର୍ତ୍ତନ ମଣ୍ଡଳୀ ଓ ଗ୍ରାମର ଶତାଧିକ ଭକ୍ତ ଉପସ୍ଥିତ ରହି ସହଯୋଗ କରିଥିଲେ ।



# କୃଷ୍ଣପୁର ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ



ଚିକିଟି -କୃଷ୍ଣପୁର ସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ପରିସରରେ ପଦୋନ୍ନତି ପାଇ ଏଠୁ ବଦଳି ହୋଇ ଭଞ୍ଜନଗର ଯାଇଥିବା ପ୍ରଧାନ ଶିକ୍ଷକ ମଦନ ମୋହନ ରଥଙ୍କୁ ବିଦ୍ୟାଳୟ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି କ୍ଷ ଏହି ଅବସରରେ ପ୍ରଧାନ ଶିକ୍ଷକ ଏମ. ଗୋପାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ରଥ, ସମ୍ମାନନୀୟ ଅତିଥିଭାବେ ଶିକ୍ଷକ ଉମାକାନ୍ତ ନାହାକ, ବିଭୂତି ଭୂଷଣ କବି,ଶିକ୍ଷୟିତ୍ରୀ ସବିତା ରେଡ଼ି, ସୁଦୀପ୍ତ କୁମାର ପଟ୍ଟନାୟକ ନରସିଂହ ପ୍ରଧାନ,କମିଟି ସଭାପତି ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ କ୍ଷ ଅତିଥିମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇ ସଭା ସ୍ଥଳକୁ ପାଛୋଟି ନିଆଯାଇ ଅତିଥିମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା କ୍ଷ ପ୍ରଧାନଶିକ୍ଷକ ସୁଦୀପ୍ତ କୁମାର ପଟ୍ଟନାୟକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଅତିଥିମାନଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ଦ୍ୱାରା ଉପଢୌକନ ପ୍ରଦାନ କରାଯାଇଥିଲା କ୍ଷ ସମସ୍ତ ମଂଚାସୀନ ଅତିଥିମାନଙ୍କ ସହିତ ଶିକ୍ଷକ ଅକ୍ଷୟ ସାହୁ, ଜୁର ଗୌଡ଼, ସନ୍ଧ୍ୟା ରାଣୀ ମହାରଣା, ସୁରେଶ ରାଉଳ, ଯମୁନା କୁମାରୀ ଦେବୀ, ଟି. ସନ୍ଧ୍ୟାରାଣୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ବିଦାୟୀ ପ୍ରଧାନଶିକ୍ଷକଙ୍କ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ନିରନ୍ତର ଉଦ୍ୟମ, ସମୟାନୁବର୍ତ୍ତୀତା,କାର୍ଯ୍ୟ ଦକ୍ଷତା, ଅମାୟିକ ବ୍ୟବହାର, ସାହାଯ୍ୟକାରୀ ମନୋବୃତ୍ତି ସମ୍ପର୍କ ରେ କର୍ମମୟ ଜୀବନର ଅନୁଭୁତି ବଖାଣିଲା ବେଳେ ଭାବପ୍ରବଣ ହୋଇ ଆଖିରୁ ଲୁହ ଝରି ପଡୁଥିବା ଦେଖିବାକୁ ମିଳିଥିଲା କ୍ଷ ପ୍ରଧାନ ଶିକ୍ଷକଙ୍କୁ ଶିକ୍ଷକ କର୍ମଚାରୀ, ଛାତ୍ର ଛାତ୍ରୀ, ପରିଚାଳନା କମିଟି ତରଫରୁ ମାନପତ୍ର ସହିତ ବହୁ ଉପହାର ପ୍ରଦାନ କରାଯାଇଥିଲା କ୍ଷ ତତ୍ପରେ ଚଳିତ ମାଟ୍ରିକ ପରୀକ୍ଷା ରେ ବିଦ୍ୟାଳୟର ଛାତ୍ରୀ ତଥା ବ୍ଲକର ଟପ୍ପର ରଶ୍ମିତା କୁମାରୀ ପଣ୍ଡା ଙ୍କୁ ସମ୍ବର୍ଦ୍ଧିତ କରାଯକ୍ଷଇଥିଲକ୍ଷ ଓ ପୂର୍ବତନ ପ୍ରଧାନ ଶିକ୍ଷକ ଙ୍କ ସମୟରେ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ର ସ୍ମୃତିକୁ ଭିଡ଼ିଓ ମାଧ୍ୟମ ରେ ପ୍ରଦର୍ଶନ କରାଯାଇଥିଲା କ୍ଷ ବିଦ୍ୟାଳୟର ଶିକ୍ଷକ କର୍ମଚାରୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କ୍ଷ

# ନୂତନ ମଣ୍ଡଳ ସଭାପତି ଓ ପ୍ରତିନିଧି ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କଳମପୁର କଳାହାଣ୍ଡି ଜିଲ୍ଲା ଧର୍ମଗଡ ନିର୍ବାଚନ ମଣ୍ଡଳୀର କଳମପୁର ବ୍ଲକ ଭାରତୀୟ ଜନତା ପାର୍ଟିର ନବ ନିର୍ବାଚିତ ଦୁଇ ଜୋନ ସଭାପତିଙ୍କୁ ବୁଧବାର ଦିନ କଳମପୁର ଧାନମଣ୍ଡି ପରିସରରେ ଏକ ସମ୍ବର୍ଦ୍ଧନା ସଭା ମହାସମାହରେ ଅନୁଷ୍ଠିତ



ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ଭାରତୀୟ ଜନତା ପାର୍ଟିର ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗ ଦେଇ କଳମପୁର ଓ ବିଜମରା ଦୁଇ ମଣ୍ଡଳର ନୂତନ ସଭାପତି ହିତେଶ ପାତ୍ର ଓ ସରିତା ସରାଫ ଙ୍କୁ ସମ୍ବନ୍ଧିତ କରିଥିବା ବେଳେ ମଣ୍ଡଳ ପ୍ରତିନିଧି ସୁଧୀର ବାଗଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରିଥିଲେ । ଦଳ ଦୁହିଁଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ପ୍ରକଟ କରି ଭାରତୀୟ ଜନତା ପାର୍ଟି ମଣ୍ଡଳ ସଭାପତି ଭାବେ ଗୁରୁ ଦାୟିତ୍ୱ ଦେଇଥିବାରୁ ଉପସ୍ଥିତ ଅତିଥିଙ୍କ ସମେତ ଦଳର ସମସ୍ତ କର୍ମକର୍ତ୍ତା ଖୁସି ହେବା ସହ ଦୁଇ ସଭାପତିଙ୍କୁ ସହଯୋଗ କରି ତୃଣମୂଳ ସ୍ତରରେ ଦଳକୁ ସୁଦୃଢ଼ କରିବା ସହ ଅଞ୍ଚଳର ବିକାଶ କରିବା ପାଇଁ ଉପଦେଶ ଦେଇଥିଲେ । ଏହି ଅବସରରେ କଳମପୁର ଭାରପ୍ରାପ୍ତ ସମିତି ଅଧକ୍ଷ ଚିନ୍ତାମଣି ବେହେରା ବିଧିବଦ୍ଧ ଭାବେ ବିଜେପି ଦଳରେ ସାମିଲ ହୋଇ ଥିବାରୁ ଶ୍ରୀ ବେହେରା ଙ୍କୁ ଦଳ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଉକ୍ତ ସମ୍ବର୍ଦ୍ଧନା ସଭାରେ ବିଧାୟକ ରଞ୍ଜନ ପାଟଯୋଶୀ ଙ୍କ ସମେତ ବ୍ୟାମକେଶ ପାଣିଗ୍ରାହୀ, ବିଜୟ ପଣ୍ଡା, ଘନଶ୍ୟାମ ନାଏକ, କ୍ଷୀରୋଦ ଚନ୍ଦ୍ର ନାଏକ, ପୁଣ୍ଡରୀକାକ୍ଷ ନାଏକ, ସୁଜିତ ଦଣ୍ଡସେନା, ହରେକୃଷ୍ଣ ସାହୁ, ସୌରଭ ବେହେରା, ପ୍ରବୋଧ ନାଏକ, ସୁମନ୍ତ ପଣ୍ଡା, ସୁଶାନ୍ତ ରାଉତ,ମାଙ୍ଗେଲାଲ ବାଗ ଙ୍କ ସହିତ ଶତାଧିକ ବିଜେପି କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ ।

# ବଢୁଛି ଖରା, ଜମୁଛି ତାଳସଜ ବେପାର

କଳାହାଣ୍ଡି, :ଗ୍ରୀଷ୍ମ ପ୍ରବାହରୁ ନିସ୍ତାର ନାହିଁ ଓ ଜୀବ ଜଗତ ଅସ୍ତବ୍ୟସ୍ତ । ପ୍ରଚଣ୍ଡ ଖରା ଦାଉରେ ତ୍ରାହିତ୍ରାହି ଡାକିଲେଣି ଜୀବଜଗତ । ଖରାଦିନରେ ଲୋକଙ୍କ ପ୍ରଥମ ପସନ୍ଦ ହୋଇଥାଏ ଥଣ୍ଡା ଦ୍ରବ୍ୟ । ରୌଦ୍ର ତାପ ବଢୁଥିବା ବେଳେ ରାସ୍ତାକଡରେ ଜମୁଛି ତାଳ ସଜ ବେପାର । ବର୍ଷକୁ ଥରେ ଫଳୁଥିବା ତାଳସଜ ତାର ଭାଉ ପ୍ରବଳ ଖରା ବଢ଼ାଇଛି । ଟାଇଁଟାଇଁ ଖରାରେ ଲୋକଙ୍କ ପସନ୍ଦ ଖାଦ୍ୟ ପାଲଟିଛି ତାଳସଜ, ବିଭିନ୍ନ ରାସ୍ତା କଡ଼ ଗଛ ମୂଳରେ ତାଳସଜ ବ୍ରିକତା ତାଳ ବ୍ୟବସାୟ ଆରମ୍ଭ କରି ସାରିଲେଣି । ଗୋଟିଏ ତାଳସଜରୁ ତିନୋଟି ତାଳ ବାହାରି ଥାଏ । ଯାହାର ଦର ବଜାରରେ ୧୫ ଟଙ୍କାରୁ ଆରମ୍ଭ ହୋଇଛି । ତାଳ କିଣିବା ପାଇଁ ଗ୍ରାହାକଙ୍କ ମଧ୍ୟରେ ବେଶ ଆଗ୍ରହ ଦେଖିବାକୁ ମିଳିଛି । ଚୈତ୍ର ମାସର ପ୍ରଚଣ୍ଡ ଖରା ତାତି ବେଳେ ତାଳ ସଜର ଶୀତଳ ସୁମଧୁର ରସ ଓ ଭିତରେ ଥିବା ଜଳ କାହାକୁ ବା ଆକର୍ଷଣ ନ କରିବ । ତାହା ପୁଣି ମୁଣ୍ଡ ଫଟା ଖରା ସମୟରେ । କହିବାକୁ ଗଲେ, ଖରା ଦିନେ ବହୁ ଲୋକେ ତାଳ ପାଇଁ ହିଁ ଅପେକ୍ଷା କରିଥାନ୍ତି । ସେପଟେ ତାଳ ସଜ ବ୍ୟବସାୟୀ, ଗଛ ଚଢାଳି ଓ ବିକାଳି ମଧ୍ୟ ଭଲ ଦି, ପଇସା ରୋଜଗାର କରିଥାନ୍ତି । ଏବେ ବିଭିନ୍ନ ଛକ, ରାସ୍ତା କଡ଼ ଏବଂ ଜନ ଗହଳି ପୂର୍ଣ୍ଣ ଛକରେ ରାଜପଥ କଡ଼ରେ ତାଳ ସଜ ବେପାରୀମାନେ ପସରା ମେଲାଇ ବସିଛନ୍ତି । ଗ୍ରାହକ ମଧ୍ୟ ତାଳ ସଜ ବେଶ ଆଗ୍ରହର ସହ କିଣୁଛନ୍ତି । କଅଁଳ ସୁଆଦିଆ ତାଳସଜ ଖାଇବାକୁ ଗରିବଠାରୁ ଆରମ୍ଭ କରି ସବୁ ବର୍ଗର ଲୋକଙ୍କ ଭିଡ଼ ଜମୁଛି । ଦେଢ ମାସର ତାଳ ସଜ ବେପାର କିଛି ରୋଜଗାର ଦିଏ ଗରିବ ଲୋକଙ୍କୁ । ଏହି ସବୁ ତାଳ ଗାଁ ଗହଳିରୁ ବେପାରୀମାନେ ସଂଗ୍ରହ କରିଥାନ୍ତି । ତାଳସଜ ଧର୍ମଗଡ ଅଞ୍ଚଳ ରେ ଉପଲବ୍ଧ ନ ?ଥିବାରୁ ବାହାର ଅଞ୍ଚଳ ରୁ ବେପାରୀ ଧର୍ମଗଡ ରେ ଆସି ତାଳସଜ ବେପାର ଆରମ୍ଭ କରିଛନ୍ତି । ବିଗତ ବର୍ଷ ତୁଳନା ରେ ଏବର୍ଷ ମୂଲ୍ୟ ଟିକିଏ ଉଚ୍ଚା ରହିଥ ?ିବାବେଳେ ଗୋଟିଏ ତାଳସଜ କୁ ୨୦ ଟଙ୍କା ରେ ବିକ୍ରୟ ହେଉଛି ।ବର୍ଷକୁ ଥରେ କେବଳ ମାସେ ଦେଢ଼ ମାସ ମିଳୁଥିବାରୁ ତାଳସଜ କିଣିବାକୁ ଲୋକେ ମଧ ଗହଳି କରୁଥିବା ଦେଖିବାକୁ ମିଳିଛି ।



## ସଂପାଦକୀୟ

# ଅଡୁଆରେ ନିରବ

ଆଜିକୁ କିଛି ବର୍ଷ ପୂର୍ବେ ଆମ ଦେଶର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କରେ ହୋଇଥିବା ଏକ ବଡ଼ ବଡ଼ ଧରଣର ଦୁର୍ନୀତିପୂର୍ଣ୍ଣ କାରବାର ପଦାକୁ ଆସିଥିଲା। ଏହି ମହାଦୁର୍ନୀତିର ପ୍ରଧାନ ଖଳନାୟକ ଥିଲେ ୫୧ ବର୍ଷୀୟ ନିରବ ମୋଦି ଓ ତାଙ୍କ ବିରୋଧରେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଅନେକ ପ୍ରାମାଣିକ ତଥ୍ୟ ହାସଲ କରିଥିଲେ। ତେବେ ଏହି ଦୁର୍ନୀତି ମାମଲାର ତଦନ୍ତ ଆରମ୍ଭ ହେବା ବେଳକୁ ମୁଖ୍ୟ ଅଭିଯୁକ୍ତ ମୋଦି ତଦନ୍ତକାରୀ ସଂସ୍ଥା ଓ ପୋଲିସ ଆଖିରେ ଧୂଳି ଦେଇ ଭାରତରୁ ପଳାଇ ଯାଇ ବ୍ରିଟେନ୍‌ର ଆଶ୍ରୟ ନେଇଥିଲେ। ସେହିଦିନ ଠାରୁ ତାଙ୍କୁ ଭାରତକୁ ଫେରାଇ ଆଣିବା ପାଇଁ ଉଦ୍ୟମ ଚାଲୁ ରହିଥିଲେ ହେଁ ତାହା ଫଳପ୍ରଦ ହୋଇନାହିଁ। ନିରବ ମୋଦିଙ୍କୁ ଅର୍ଥନୈତିକ ଅପରାଧୀ ରୂପେ ୨୦୧୯ ମସିହା ଡିସେମ୍ବର ମାସରୁ ଘୋଷଣା କରାଯାଇଛି। ସେ ନିଜର ଜଣେ ସମ୍ପର୍କୀୟ ମାମୁଁ ତଥା ଗୀତାଞ୍ଜଳି ଗ୍ରୁପ୍‌ର ଅଧ୍ୟକ୍ଷ ମେହୁଲ୍ ଚୋକ୍‌ସିଙ୍କ ସହ ମିଶି ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କରୁ ୧୩ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଋଣ ଖିଲାପୀ କରିଥିଲେ। ମାତ୍ର ଘଟଣା ଉପରୁ ପର୍ଦ୍ଦା ହଟିବା ପୂର୍ବରୁ ଉଭୟ ମାମୁଁ ଓ ଭଣଜା ଭାରତରୁ ଫେରାର୍ ହୋଇ ଯାଇଥିଲେ। ନିରବ ମୋଦି ମୁଖ୍ୟତଃ ଜଣେ ହୀରା ବ୍ୟବସାୟୀ। ତାଙ୍କୁ ଭାରତକୁ ଫେରାଇ ଆଣି ତଦନ୍ତର ସାମ୍ନା କରାଇବାକୁ କେନ୍ଦ୍ର ସରକାର ଦୀର୍ଘ ସମୟ ଧରି ଉଦ୍ୟମ ଚଳାଇ ଆସୁଛନ୍ତି। ମାତ୍ର ବ୍ରିଟେନ୍ ସରକାରଙ୍କ ଛତ୍ରଛାୟା ତଳେ ଶରଣାପନ୍ନ ଥିବାରୁ ତାଙ୍କୁ ସ୍ୱଦେଶକୁ ଆଣିବା କଷ୍ଟସାଧ ହେଉଛି। ତେବେ ଏହାରି ଭିତରେ ବ୍ରିଟେନ୍ ହାଇକୋର୍ଟରୁ ନିରବ ମୋଦିଙ୍କୁ ମିଳିଛି ଏକ ବଡ଼ ଝଟ୍‌କା, ଯାହା ଭାରତକୁ କିଛି ମାତ୍ରାରେ ଆଶ୍ୱସ୍ତି ଆଣି ଦେଇଛି। ବୁଧବାର ଦିନ ବ୍ରିଟେନ୍ ହାଇକୋର୍ଟ ତାଙ୍କର ଆବେଦନକୁ ଖାରଜ୍ କରିବା ଫଳରେ ଏହି ପଳାତକ ଅର୍ଥନୈତିକ ଅପରାଧୀକୁ ଭାରତକୁ ଅଣାଯିବାର ପଥ ସୁଗମ ହୋଇଛି। ସେଠାକାର ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି ଯେ, ନିରବ ମୋଦି ଭାରତକୁ ଫେରି ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୁଅନ୍ତୁ। ଭାରତକୁ ନିରବଙ୍କ ପ୍ରତ୍ୟାର୍ପଣ କୌଣସି ଦୃଷ୍ଟିରୁ ଅନ୍ୟାୟ ନୁହେଁ। ମୋଦିଙ୍କ ଓକିଲ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ଲଗାତାର ଭାବେ ଭିନ୍ନ ଭିନ୍ନ ଯୁକ୍ତି ରଖି ଆସିଥିଲେ। ଭାରତର ଜେଲ୍‌ଗୁଡ଼ିକରେ ଯେଉଁ ଅବସ୍ଥା ରହିଛି, ସେଥିରେ ବିଷାଦଗ୍ରସ୍ତ ନିରବ ମୋଦି ଆତ୍ମହତ୍ୟା କରିପାରନ୍ତି ବୋଲି ତାଙ୍କର ଓକିଲ ଯୁକ୍ତି ବାଢ଼ିବାକୁ ପଛାଇ ନଥିଲେ। ତେଣୁ ତାଙ୍କୁ ବ୍ରିଟେନ୍‌ରେ ହିଁ ରହିବାର ସୁଯୋଗ ମିଳୁ ବୋଲି ସେ ନିବେଦନ କରିଥିଲେ। ଅନ୍ୟ ପକ୍ଷରେ ଭାରତ ସରକାରଙ୍କ ପକ୍ଷରୁ ଅଦାଲତଙ୍କୁ ଆଶ୍ୱାସନା ଦିଆଯାଇଥିଲା ଯେ, ନିରବ ମୋଦିଙ୍କୁ ଜେଲ୍‌ରେ କୌଣସି ପ୍ରକାର ଅସୁବିଧାର ସାମ୍ନା କରିବାକୁ ପଡ଼ିବ ନାହିଁ ଓ ତାଙ୍କର ମାନସିକ ସମସ୍ୟା ନେଇ ଭଲ ଭାବରେ ପରୀକ୍ଷା କରାଯିବ। ବ୍ରିଟେନ୍ ହାଇକୋର୍ଟ ରାୟକୁ ଭାରତର ଏକ ବଡ଼ ବିଜୟ କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଯେଉଁ ପଳାତକ ଅପରାଧୀକୁ ସ୍ୱଦେଶକୁ ଆଣିବା ଆଜି ପର୍ଯ୍ୟନ୍ତ କଷ୍ଟକର ହେଉଥିଲା, ତାକୁ ଏହି ରାୟ ଫଳରେ ଅଣାଯିବା ସୁବିଧାଜନକ ହେବ। ମାତ୍ର ଏ କ୍ଷେତ୍ରରେ କେବଳ ଗୋଟିଏ ପ୍ରତିବନ୍ଧକ ସୃଷ୍ଟିହେବାର ସମ୍ଭାବନା ରହିଛି। ବ୍ରିଟେନ୍ ହାଇକୋର୍ଟ ରାୟ ବିରୋଧରେ ନିରବ ମୋଦି ସେଠାକାର ସୁପ୍ରିମ୍ କୋର୍ଟରେ ଆବେଦନ କରିପାରନ୍ତି, ଯଦିଓ ଏଥିନେଇ ତାଙ୍କ ଆଡୁ କୌଣସି ସୂଚନା ମିଳିନାହିଁ। ସେଭଳି କ୍ଷେତ୍ରରେ ଭାରତକୁ ତାଙ୍କର ପ୍ରତ୍ୟାର୍ପଣ କିଛିଟା ବିଳମ୍ବ ହୋଇପାରେ। ଭାରତୀୟ ଆଇନ୍ ଆଖିରେ ଧୂଳିଦେଇ ଯେଉଁ ଅସାଧୁ ବ୍ୟବସାୟୀ, ଶିଳ୍ପପତି ଓ ଦୋଷୀ ସାବ୍ୟସ୍ତ ବ୍ୟକ୍ତି ବିଦେଶକୁ ଖସି ଯାଇଛନ୍ତି, ସେମାନଙ୍କ ପାଇଁ ଏହି ରାୟ ଏକ ଚେତାବନୀ କହିଲେ ଭୁଲ ହେବନାହିଁ।

# ଚାଷୀଙ୍କୁ ଉଚିତ୍ ମୂଲ୍ୟ ଦିଅ

**ସୌଭାଗ୍ୟ ରଂଜନ ମହାନ୍ତି**

ନିକଟରେ କେନ୍ଦ୍ର ସରକାର କେତେକ ରବି ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ଘୋଷଣା କରିଛନ୍ତି। ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ ସର୍ବାଧିକ ନୁହେଁ କିମ୍ବା ସର୍ବନିମ୍ନ ନୁହେଁ ବୋଲି କୁହାଯାଇପାରେ। ଏହା ସତ୍ୟ ଯେ, କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଆମ ଦେଶରେ ଏକ ନିତିଦିନିଆ ଦାବିରେ ପରିଣତ ହୋଇଛି। ଯାହାକୁ ବିଭିନ୍ନ ରାଜନୈତିକ ଦଳ ଓ କୃଷକ ସଂଗଠନଗୁଡିକ ଏକ ପ୍ରମୁଖ ଅସ୍ତ୍ରଭାବେ ଗ୍ରହଣ କରି ଆସିଛନ୍ତି। ବହୁ ଚର୍ଚ୍ଚିତ କୃଷି ବିଲରେ ଏମଏସପି ଉଚ୍ଛେଦ ଅଂଶକାରେ ଦେଶରେ କୃଷକ ସଂଗଠନଗୁଡିକ ଦୀର୍ଘ ଦେଢ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନ କରିବା ହୁଏତ କେହି ମନରୁ ପାଶୋରି ନଥିବେ। ଶେଷରେ ଚାଷୀଙ୍କ ଦାବି ନିକଟରେ ମୁଣ୍ଡ ନୁଆଁଇ ସରକାର ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର କରିନେବାକୁ ବାଧ ହୋଇଥିଲେ। ଅନ୍ୟପକ୍ଷରେ ଚାଷୀଙ୍କ ସମର୍ଥନ ପାଇଁ ରାଜନୈତିକ ଦଳଗୁଡିକ ଏମଏସପି ବୃଦ୍ଧି ଦାବି କରି ହଟଚମଟ ସୃଷ୍ଟି କରିବା ଏକ ନିୟମିତ ପ୍ରକ୍ରୀୟାରେ ପରିଣତ ହୋଇଛି। କହିବା ବାହୁଲ୍ୟ ଚାଷରେ ଲାଭ ହାର ଅତି ନଗଣ୍ୟ। ଏହା ସାଙ୍ଗକୁ ବିହନ, ରସାୟନିକ ସାର ଠାରୁ ଆରମ୍ଭ କରି ମଜୁରୀ ଏବଂ ବିଭିନ୍ନ ଚାପ ଉପକରଣର ଅହେତୁକ ମୂଲ୍ୟ ବୃଦ୍ଧି ସାଙ୍ଗକୁ ବନ୍ୟା, ବାତ୍ୟା, ମରୁଡି, ପରି ପ୍ରାକୃତିକ ବିପର୍ଯ୍ୟାୟ ଚାଷ ପ୍ରତି ଚାଷୀଙ୍କୁ ବିମୁଖ କରିଦେଇଥିବାବେଳେ ପ୍ରଚୁର ଅମଳ ସମୟରେ ଚାଷୀ ଅଭାବୀ ବିକ୍ରୀର ସମ୍ମୁଖୀନ ହୋଇଛି। ଚାଷୀର ଆୟ ହ୍ରାସ ପାଇଥିବାବେଳେ ବେପାରୀ ମାଲେମାଲ ହୋଇଥାଏ। ତେବେ ଚାଷୀଙ୍କୁ ବେପାରୀ, ଦଲାଲଙ୍କ କବଳରୁ ରକ୍ଷା କରିବା ପାଇଁ ସରକାର ମଣ୍ଡି ଖୋଲିଛନ୍ତି। ମଣ୍ଡିରେ ସରକାର ଏମଏସପି ମୂଲ୍ୟରେ ଚାଷୀଙ୍କ ଠାରୁ ଶସ୍ୟ କିଣନ୍ତି। ମାତ୍ର ଆମ ଦେଶରେ ମଣ୍ଡି ଅବ୍ୟବସ୍ଥା, ଚାଷୀଙ୍କ ହୀନସ୍ତା ବୋଧହୁଏ କାହାରିକୁ ଅଛପା ନଥିବ। ଏହା ସତ୍ତ୍ୱେ ମଣ୍ଡିରେ ଏମଏସପି ବା ସରକାରୀ ଦରରେ ଚାଷୀଙ୍କ ଠାରୁ ଅମଳ ଫସଲ କିଣା ଚାଷୀଙ୍କ ପାଇଁ ଏକ ବରଦାନ ହୋଇ ରହିଛି, ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ନିକଟରେ କେନ୍ଦ୍ର ସରକାର ଗହମର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୧୦୦ ଟଙ୍କା ବୃଦ୍ଧି କରିଛନ୍ତି। ଫଳରେ ଗହମର କ୍ୱିଣ୍ଟାଲ ପିଛା ମୂଲ୍ୟ ୨୦୨୫ ଟଙ୍କାକୁ ବୃଦ୍ଧି ପାଇଛି। ଗତ ଦୁଇ ବର୍ଷ ତୁଳନାରେ ଏହା ଯଥେଷ୍ଟ ଅଧିକ। ଗତ ଦୁଇବର୍ଷ ମଧ୍ୟରେ ଯଥାକ୍ରମେ କ୍ୱିଣ୍ଟାଲ ପିଛା ୪୦ ଟଙ୍କା ବୃଦ୍ଧି ପାଇଥିଲା। ତେବେ ଚଳିତ ବର୍ଷ ଏକାଥରକେ କ୍ୱିଣ୍ଟାଲ ପିଛା ୧୦୦ ଟଙ୍କା ବୃଦ୍ଧିର ଯଥେଷ୍ଟ କାରଣ ରହିଛି। ଗତ ଅକ୍ଟୋବର ପହିଲା ସୁଦ୍ଧା ଦେଶରେ ଗହମର ମହଜୁଦ ପରିମାଣ ୨୨.୭୫ ମିଲିଅନ ଟନ ଥିଲା। ଯାହାକି ଗତବର୍ଷ ଏହି ସମୟରେ ୪୬.୮୫ ମିଲିଅନ ଟନ ଥିଲା। ଉଲ୍ଲେଖଯୋଗ୍ୟ ଯେ, ଚଳିତବର୍ଷ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଦେଶରେ ଗହମ ଫସଲ କ୍ଷତିଗ୍ରସ୍ତ ହେବା ସହ ଉତ୍ପାଦକ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିପାରିନାହିଁ। ପରିଣତି ସ୍ୱରୁପ କେତେକ ରାଜ୍ୟକୁ ଜାତୀୟ ସୁରକ୍ଷା ଯୋଜନାରେ ସରକାର ଗହମ ଯୋଗାଣ ସ୍ଥଗିତ ରଖିଥିବାବେଳେ ବିଦେଶକୁ ରପ୍ତାନୀ ନିଷିଦ୍ଧ କରିଛନ୍ତି। ଚାଷୀଙ୍କ ଠାରୁ ୨୦.୫୨ ନିୟୁତ ଟନ ଗହମ ସଂଗ୍ରହ ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଯାହା ଫଳରେ ଭାରତୀୟ ଖାଦ୍ୟ ନିଗମରେ ସରକାର ଆବଶ୍ୟକୀୟ ପରିମାଣର ଗହମ ମହଜୁଦ ରଖିପାରିବେ। କିନ୍ତୁ ଏହା ନିଶ୍ଚିତ ଯେ, ଯେତେବେଳେ ଖାଦ୍ୟଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପାଉଛି। ସେତେବେଳେ ଖାଉଟିଙ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଛି। ଏବେ ଅଟା ଓ ଗହମଜାତ ସାମଗ୍ରୀର ମୂଲ୍ୟ ହୁ ହୁ ହୋଇ ବଢିଚାଲିଥିବା ଜଣାଯାଏ। ଅବଶ୍ୟ ଅଟା ଓ ଗହମଜାତ ସାମଗ୍ରୀର ମୂଲ୍ୟ ବୃଦ୍ଧି କେବଳ ଆମ ଦେଶରେ ସୀମିତି ନୁହେଁ। ରୁଷ-ୟୁକ୍ରେନ ଯୁଦ୍ଧର ପ୍ରଭାବ ଏବେ ସମଗ୍ର ବିଶ୍ୱରେ ପଡିଛି। ଏହି ଦୁଇ ଦେଶରେ ବିଶ୍ୱର ମୋଟ ୪୦ ପ୍ରତିଶତ ଗହମ ଉତ୍ପାଦିତ ହେଉଥିବାବେଳେ ବିଦେଶକୁ ରପ୍ତାନୀ ବାଧାପ୍ରାପ୍ତ ହୋଇଛି। ସେହିପରି କେନ୍ଦ୍ର ସରକାର ଶୋରିଷର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୪୦୦ ଟଙ୍କା ବୃଦ୍ଧି କରିଥିବାବେଳେ ଚଣାର କ୍ୱିଣ୍ଟାଲ ୧୦୫ ଟଙ୍କା ବୃଦ୍ଧି କରିଛନ୍ତି। ରବି ଋତୁ ଆରମ୍ଭ ପୂର୍ବରୁ ସରକାର ବିଭିନ୍ନ ରବି ଫସଲର ଏମଏସପି ବୃଦ୍ଧି କରିବା ହେଉଛି ଚାଷ ପାଇଁ ଚାଷୀଙ୍କୁ ଉତ୍ସାହିତ କରିବା। ଚାଷୀ ଚାଷ କରୁଛି। ଅଭାବୀ ବିକ୍ରିର ପ୍ରତିବର୍ଷ ସମ୍ମୁଖୀନ ହେଉଛି। ଚାଷୀଙ୍କୁ ଦେଢ ଗୁଣ ଆୟ ଦେବା ପାଇଁ ସ୍ୱାମୀନାଥନ କମିଟି ସୁପାରିଶ କରିଥିବାବେଳେ ଇତିମଧ୍ୟରେ ତିନି ଦଶନ୍ଧି ବିତିଯାଇଥିଲେ ମଧ୍ୟ ଦେଶରେ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। କେନ୍ଦ୍ର ହେଉ ବା ରାଜ୍ୟ ହେଉ ସରକାରମାନେ ଚାଷୀଙ୍କୁ ଅଧିକ ଆୟ ଦେଉଥିବ ଦାବି କରୁଥିବାବେଳେ ବାସ୍ତବରେ ତାହା ହୋଇପାରିଛି। ଚାଷୀଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ କୃଷି କ୍ଷେତ୍ରରେ ଦେଶ ଆତ୍ମନିର୍ଭରଶୀଳ ହୋଇପାରିଛି। ମାତ୍ର ଚାଷୀଙ୍କ ପ୍ରତି କ୍ରମାଗତ ଅବହେଳା ଭବିଷ୍ୟତରେ ଚାଷ ପ୍ରତି ସେମାନଙ୍କର ବିମୁଖର କାରଣ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଅନ୍ୟପକ୍ଷରେ ୨୦୫୦ ମସିହା ବେଳକୁ ଦେଶରେ ଗୁରୁତର ଖାଦ୍ୟ ସଂକଟ ସୃଷ୍ଟି ହୋଇପାରେ ବୋଲି କୃଷିବତ୍ ମାନେ ଆଶଙ୍କା ପ୍ରକାଶ କରିସାରିଲେ।ଖାଦ୍ୟ ଶସ୍ୟରେ ଦେଶକୁ ଆତ୍ମନିର୍ଭରଶୀଳତା ଅକ୍ଷୁର୍ଣ୍ଣ ରଖିବାକୁ ହେଲେ, ଚାଷ ଓ ଚାଷୀଙ୍କ ପ୍ରତି ଅବହେଳା ଗ୍ରହଣୀୟ ନୁହେଁ। ଚାଷୀଙ୍କ ଦେଢଗୁଣା କରିବାର ସମୟ ଏବେ ଆସିଛି।

# ଶାନ୍ତି ଏବଂ ବିକାଶ ପାଇଁ ବିଶ୍ୱ ବିଜ୍ଞାନ ଦିବସ

**ଅସିତ ମହାନ୍ତି**

ସାରା ବିଶ୍ୱରେ 'ଶାନ୍ତି ଏବଂ ବିକାଶ ପାଇଁ ବିଶ୍ୱ ବିଜ୍ଞାନ ଦିବସ' ଭାବରେ ପାଳନ କରାଯାଏ। ବିଶ୍ୱ ବିଜ୍ଞାନ ଦିବସ ଶାନ୍ତି ଏବଂ ବିକାଶ ପାଇଁ ଏକ ଆନ୍ତର୍ଜାତୀୟ ଦିନ। ଏହି ଦିନ ସମାଜରେ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆଲୋକିତ କରିଥାଏ। ଏହି ଦିବସ ଉଦୀୟମାନ ବୈଜ୍ଞାନିକ ପ୍ରସଙ୍ଗରେ ବିତର୍କରେ ବ୍ୟାପକ ଜନସାଧାରଣଙ୍କୁ ଜଡ଼ିତ କରିବାର ଆବଶ୍ୟକତା ଉପରେ ମଧ୍ୟ ଆଲୋକପାତ କରିଥାଏ। ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ (ୟୁନେସ୍କୋ) ଦ୍ୱାରା ୨୦୦୧ରେ ବିଶ୍ୱ ବିଜ୍ଞାନ ଦିବସ ଘୋଷଣା କରାଯାଇଥିଲା। ୨୦୦୨ରେ ପ୍ରଥମ ଥର ପାଇଁ ଏହି ଦିନ ପାଳନ କରାଯାଇଥିଲା। ସମଗ୍ର ବିଶ୍ୱରେ ବିଜ୍ଞାନ ପାଇଁ ବିଭିନ୍ନ କଂକ୍ରିଟ୍ ପ୍ରକଳ୍ପ, କାର୍ଯ୍ୟକ୍ରମ ଏବଂ ପାଣ୍ଠି ସୃଷ୍ଟି କରାଯାଇଛି। ଶାନ୍ତି ଏବଂ ବିକାଶ ପାଇଁ ବିଶ୍ୱ ବିଜ୍ଞାନ ଦିବସ ଲକ୍ଷ୍ୟ ରଖିଛି ଯେ ବିଜ୍ଞାନର ବିକାଶ ବିଷୟରେ ନାଗରିକମାନଙ୍କୁ ଅବଗତ କରାଇବା। ଏହା ମଧ୍ୟ ସେହି ଅଦ୍ଭୁତ ଗ୍ରହ (ପୃଥିବୀ) ବିଷୟରେ ଆମର ବୁଝାମଣାକୁ ବିସ୍ତାର କରିବାରେ ଏବଂ ଆମ ସମାଜକୁ ଅଧିକ ସ୍ଥାୟୀ କରିବାରେ ବୈଜ୍ଞାନିକମାନଙ୍କର ଭୂମିକାକୁ ସୂଚିତ କରେ, ଏକ ଶାନ୍ତିପୂର୍ଣ୍ଣ ତଥା ନିରନ୍ତର ସମାଜ ପାଇଁ ବିଜ୍ଞାନର ଭୂମିକା ଉପରେ ଜନସଚେତନତା ସୃଷ୍ଟି କରିବା ଏବଂ ଦେଶ ମଧ୍ୟରେ ଅଂଶୀଦାର ବିଜ୍ଞାନ ପାଇଁ ଜାତୀୟ ତଥା ଆନ୍ତର୍ଜାତୀୟ ଏକତାକୁ ପ୍ରୋତ୍ସାହିତ କରିବା ଏହି ଦିବସର ମହତ୍ୱପୂର୍ଣ୍ଣ ଲକ୍ଷ। ଏହା ସହିତ ସମାଜର ହିତ ପାଇଁ ବିଜ୍ଞାନର ବ୍ୟବହାର ଜାତୀୟ ଏବଂ ଆନ୍ତର୍ଜାତିକ ପ୍ରତିବଦ୍ଧତାକୁ ନବୀକରଣ କରିବା ଏବଂ ବିଜ୍ଞାନ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ପ୍ରତି ଧ୍ୟାନ ଦେବା ଏବଂ ବୈଜ୍ଞାନିକ ପ୍ରୟାସ ପାଇଁ ସମର୍ଥନ ସଂଗ୍ରହ କରିବା। ସୂଚନାଯୋଗ୍ୟ ଯେ ଅନ୍ତର୍ଜାତୀୟ ବିଜ୍ଞାନ ପରିଷଦ ଏବଂ ୟୁନେସ୍କୋ ଦ୍ୱାରା ବିଶ୍ୱର ବିଜ୍ଞାନ ସମ୍ମିଳନୀ ଅନୁଯାୟୀ ୧୯୯୯ ମସିହାରେ ବୁଦ୍ଧାପେଷ୍ଟରେ ଏହି ଦିନ ମିଳିତ ଭାବରେ ପାଳନ କରାଯାଇଥିଲା। ୨୦୨୨ ମସିହାରେ ବିଶ୍ୱ ବିଜ୍ଞାନ ଦିବସର ବିଷୟବସ୍ତୁ ହେଉଛି "ବୈଶ୍ୱିକ ମହାମାରୀକୁ ମୁକାବିଲା କରିବା ପାଇଁ ବିଜ୍ଞାନ ସମାଜ ସହିତ ଅଛି"। ବିଜ୍ଞାନର ଜୟଯାତ୍ରା ଅନେକ ଝଡଝଞ୍ଜାକୁ ପାରକରି ମନୁଷ୍ୟକୁ ଏକ ଉନ୍ନତ ଜୀବନଶୈଳୀ ପ୍ରଦାନ କରିବାରେ ଉଲ୍ଲେଖନୀୟ ଅବଦାନ ରହିଛି। ଏହି ଜୟଯାତ୍ରାରେ ଅନେକ ମୂଲ୍ୟବାନ ଜୀବନ ମଧ୍ୟ ଯାଇଛି। ବ୍ରୁନୋଙ୍କ ଠାରୁ ଆରମ୍ଭ କରି ମହାନ ଗ୍ୟାଲିଲିଓ ପର୍ଯ୍ୟନ୍ତ ବିଜ୍ଞାନର ଉନ୍ନତି ପାଇଁ ସେମାନଙ୍କର ଜୀବନ ଦେଇଛନ୍ତି। ଆଜି ମଧ୍ୟ ବିଜ୍ଞାନ ସମ୍ମୁଖରେ ଅନେକ ପ୍ରତିବନ୍ଧକ ରହିଛି, ଯାହାଫଳରେ ଆଶାତୀତ ଫଳ ମନୁଷ୍ୟକୁ ମିଳିପାରୁନାହିଁ। କିନ୍ତୁ ବିଜ୍ଞାନ ତା'ର ସଂଘର୍ଷ ଜାରି ରଖିଛି। ବର୍ତ୍ତମାନ ସମୟରେ ବିଜ୍ଞାନ ସମ୍ମୁଖରେ ମୁଖ୍ୟ ୫ ଟି ପ୍ରତିବନ୍ଧକ ରହିଛି ଯାହା ବିରୁଦ୍ଧରେ ବିଜ୍ଞାନ ସଂଘର୍ଷ କରୁଛି ଏବଂ ଏହୀ ସଂଘର୍ଷ ସମାଜ ବ୍ୟବସ୍ଥା ସହିତ ଯୋଡ଼ି ହୋଇରହିଛି। ପ୍ରମୁଖ ସମସ୍ୟା ଗୁଡ଼ିକ ହେଉଛି- ୧- ଆର୍ଥିକ ସଙ୍କଟ - ଅନୁସନ୍ଧାନକାରୀମାନେ ପାଣ୍ଠି ସୁରକ୍ଷିତ ଏବଂ ବଞ୍ଚାଇବା ପାଇଁ ଚିରସ୍ଥାୟୀ ସଂଘର୍ଷର ସମ୍ମୁଖୀନ ହୁଅନ୍ତି। ବୈଜ୍ଞାନିକ କର୍ମଜୀବୀ ବୃଦ୍ଧି ପାଉଥିବାବେଳେ ଗତ ଦଶନ୍ଧି ମଧ୍ୟରେ ଅଧିକାଂଶ ଦେଶରେ ଅର୍ଥ ହ୍ରାସ ପାଉଛି। ପ୍ରାଥମିକ ବୃତ୍ତି ଅନୁସନ୍ଧାନକାରୀଙ୍କ ପାଇଁ ପରିସ୍ଥିତି ବିଶେଷ ବିପଦଜନକ, ଯେଉଁମାନେ ବରିଷ୍ଠ ଅନୁସନ୍ଧାନକାରୀଙ୍କ ସହିତ ପାଣ୍ଠି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବା କଷ୍ଟକର। ୨ - ପ୍ରକାଶିତ କାଗଜପତ୍ରରେ ଖରାପ ଅଧ୍ୟୟନ ଡିଜାଇନ୍ - ଖରାପ ପରିକଳ୍ପିତ ଅଧ୍ୟୟନ ଏକାଡେମୀ ପାଇଁ ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟିଛି। ଏହି ସମସ୍ୟା ପଛରେ ଏକ ମୂଳ କାରଣ ହେଉଛି ପ୍ରକାଶିତ ଅନୁସନ୍ଧାନରେ ପରିସଂଖ୍ୟାନିକ ତ୍ରୁଟି ପ୍ରାୟତଃ ଚିହ୍ନଟ ହୋଇନଥାଏ। ଯେହେତୁ ସଫଳତା ଫଳାଫଳଗୁଡ଼ିକ ଅଧିକ ମୂଲ୍ୟବାନ, ଅନୁସନ୍ଧାନକାରୀମାନେ ପ୍ରକାଶିତ ହେବା ପାଇଁ ସେମାନଙ୍କର ଫଳାଫଳକୁ ହାଇପ କରିବାକୁ ବାଧ ବୋଲି ଅନୁଭବ କରନ୍ତି। ଅଧିକନ୍ତୁ, ସେମାନେ ତଥ୍ୟର ନିର୍ଦ୍ଦିଷ୍ଟ ଢାଞ୍ଚାଗୁଡ଼ିକ ଉପରେ ଧ୍ୟାନ ଦେବେ ଏବଂ ପତ୍ରିକାଗୁଡ଼ିକ ପାଇଁ ଫଳାଫଳକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସେମାନଙ୍କର ଅଧ୍ୟୟନ ଡିଜାଇନ୍କୁ ହେରଫେର କରନ୍ତି। ୩ - ସାଥୀ ସମୀକ୍ଷା ସହିତ ସମସ୍ୟା - ଯଦିଓ ସାଥି ସମୀକ୍ଷା ପ୍ରାୟତଃ ବୈଜ୍ଞାନିକ ପ୍ରକାଶନର ମେରୁଦଣ୍ଡ ଭାବରେ ବିବେଚନା କରାଯାଏ, ଏହା ବିନା ସମସ୍ୟାରେ ନୁହେଁ। ସାଥୀ ସମୀକ୍ଷକମାନେ ଖରାପ ଅନୁସନ୍ଧାନକୁ ତୃଣକ କରିବାରେ ଏବଂ ପାଣ୍ଡୁଲିପିରେ କୌଣସି ସ୍ପଷ୍ଟ ତ୍ରୁଟି ନଥିବା ସୁନିଶ୍ଚିତ କରିବାରେ ସାହାଯ୍ୟ କରନ୍ତି। ଅବଶ୍ୟ, ଏହା ଏକ ଉତ୍ସାହଜନକ କାର୍ଯ୍ୟ ନୁହେଁ, ସମୀକ୍ଷକମାନେ ସେମାନଙ୍କର କାର୍ଯ୍ୟରେ ବିଳମ୍ବ କରିବାକୁ କିମ୍ବା ଅସହଯୋଗୀ ସମୀକ୍ଷା ପ୍ରଦାନ କରିବାକୁ ଜଣାଶୁଣା। ଅଧିକନ୍ତୁ, ଲେଖକମାନେ ନିୟମିତ ଭାବରେ ସମୀକ୍ଷକ ଗାଳିଗୁଲଜ କରୁଥିବା ରିପୋର୍ଟ କରନ୍ତି ଯେଉଁଥିରେ ସମୀକ୍ଷକମାନେ ଲେଖକମାନଙ୍କୁ ଅତିରିକ୍ତ ପରୀକ୍ଷଣ କରିବାକୁ, କିଛି କାଗଜପତ୍ର ଉଲ୍ଲେଖ କରିବାକୁ, ଅନାବଶ୍ୟକ ପରିବର୍ତ୍ତନ ଆଣିବାକୁ ବାଧ କରନ୍ତି। ଅଧିକାଂଶ ପତ୍ରିକା ଏକକ-ଅନ୍ଧ ସାଥୀ ସମୀକ୍ଷା ପାଇଁ ଚୟନ କରନ୍ତି, ଯାହା ଦ୍ୱାରା ପକ୍ଷପାତ ଏବଂ ବୃତ୍ତିଗତ ଈର୍ଷା ପାଇଁ ସ୍ଥାନ ଛାଡ଼ିଥାଏ। ଏହା ବ୍ୟତୀତ, ସାଥି ସମୀକ୍ଷା ବ୍ୟବସ୍ଥା ଉପରେ ଅତ୍ୟଧିକ ନିର୍ଭରଶୀଳତା ଲେଖକ, ସମ୍ପାଦକ ଏବଂ ତୃତୀୟ-ପକ୍ଷ ସେବାକୁ ଏହାର ସୁଯୋଗ ନେବାକୁ ସାଥି ସମୀକ୍ଷା ସ୍କାମରେ ପରିଣତ କରିଛି। ଫଳସ୍ୱରୂପ, ବର୍ତ୍ତମାନର ରୂପରେ ଥିବା ସାଥି ସମୀକ୍ଷା ବ୍ୟବସ୍ଥାକୁ ଅନେକ ଏକାଡେମିକ୍ ପ୍ରଶ୍ନ କରିଛନ୍ତି। ୪ - ଅନୁସନ୍ଧାନର ଉପଲବ୍ଧତା ସମସ୍ୟା- ଏକାଡେମୀ ଧୀରେ ଧୀରେ ଖୋଲା ବିଜ୍ଞାନ ଏବଂ ଖୋଲା ଆକ୍ସେସ୍ ଆଡ଼କୁ ଅଗ୍ରସର ହେଉଛି ଏବଂ ଖୋଲା ଡାଟା ମାଣ୍ଡେଟ୍ ସ୍ୱାକ୍ଷର କରି ଡାଟା ସେୟାର୍ ବାଧ୍ୟତାମୂଳକ କରୁଛି। ତଥାପି, ସେଠାରେ ଅନେକ ବଡ ପ୍ରକାଶକ ଅଛନ୍ତି, ଯେଉଁମାନେ ସେମାନଙ୍କର ପତ୍ରିକାଗୁଡ଼ିକୁ ସଦସ୍ୟତା-ଆଧାରିତ ମଡ଼େଲଗୁଡ଼ିକରେ ପରିଚାଳନା କରନ୍ତି। ପେ-ୱାଲ୍ଡ ଗବେଷଣା ପାଇଁ ଦେୟ ଅନୁସନ୍ଧାନକାରୀ ତଥା ଅନୁଷ୍ଠାନ, ବିଶେଷକରି ବିକାଶଶୀଳ ଦେଶମାନଙ୍କରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ସଦସ୍ୟତା ଦେୟ ହେତୁ କଷ୍ଟସାଧ ହୋଇପଡୁଛି। ଅନେକ ଭକ୍ସ ସର୍ଭେ ଉତ୍ତରଦାତା ଏହାକୁ ସମାଲୋଚନା କରିଥିଲେ କାରଣ ଏହା ବୈଜ୍ଞାନିକ ଅନୁସନ୍ଧାନର ପ୍ରସାର ଉପରେ ପ୍ରଭାବ ପକାଇଥାଏ। ଅଧିକନ୍ତୁ, ସବସ୍କ୍ରିପସନ୍-ଆଧାରିତ ପ୍ରକାଶନ ମଡେଲ୍ ବୋଧହୁଏ ସାଇ-ହବ୍‌ର ମୂଳଦୁଆ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ଅଟେ, ଏକ ୱେବସାଇଟ୍ ଯାହା ପ୍ରାୟ ସମସ୍ତ ପେୱାଲ୍ ଗବେଷଣା କାଗଜପତ୍ରକୁ ଅନଧିକୃତ ପ୍ରବେଶ ପ୍ରଦାନ କରିଥାଏ। ଏହିପରି ପରିଣାମକୁ ଏଡ଼ାଇବାର ଏକମାତ୍ର ଉପାୟ ହେଉଛି ବିଜ୍ଞାନ ସମ୍ପ୍ରଦାୟ ପାଇଁ ଅନୁସନ୍ଧାନକୁ ସହଜ କରିବା ପାଇଁ ପଦ୍ଧତି ବିକାଶ କରିବା। ୫ - ପର୍ଯ୍ୟାପ୍ତ ଏବଂ ସଠିକ ବିଜ୍ଞାନ ଯୋଗାଯୋଗର ଅଭାବ- ଏହା ଏକ ଜଣାଶୁଣା ସତ୍ୟ ଯେ ବୈଜ୍ଞାନିକ ଏବଂ ଅଣ-ବୈଜ୍ଞାନିକ ସମ୍ପ୍ରଦାୟ ମଧ୍ୟରେ ଏକ ବ୍ୟାପକ ଯୋଗାଯୋଗ ବ୍ୟବଧାନ ଅଛି। ଏହାଦ୍ୱାରା ବିଜ୍ଞାନର ଭୁଲ ଯୋଗାଯୋଗ, ବୈଜ୍ଞାନିକ ବିଷୟଗୁଡ଼ିକ ଉପରେ ମତଭେଦ ଏବଂ ଜନସାଧାରଣଙ୍କ ମଧ୍ୟରେ ନିଷ୍ପତ୍ତି ଗ୍ରହଣର ଅଭାବ ଦେଖାଦେଇଛି। ଅନୁସନ୍ଧାନକାରୀମାନେ ଏଥିପାଇଁ ଆଂଶିକ ଦାୟୀ କାରଣ ସେମାନଙ୍କର ସମୟ କିମ୍ବା ବେଳେବେଳେ ସେମାନଙ୍କର ଅନୁସନ୍ଧାନ କାର୍ଯ୍ୟ ବିଷୟରେ ଜନସାଧାରଣଙ୍କ ସହ ଜଡିତ ହେବାର ପ୍ରବୃତ୍ତି ଅଭାବ ରହିଥିବାର ଦେଖାଯାଏ। ତେଣୁ, ଜନସାଧାରଣ ମୁଖ୍ୟତଃ ଗଣମାଧ୍ୟମ ଉପରେ ନିର୍ଭରଶୀଳ, ଯାହା ବୈଜ୍ଞାନିକ ତଥ୍ୟର ଭୁଲ ବୁଝାମଣା ପାଇଁ ଦାୟୀ। ଅନୁସନ୍ଧାନର ଖରାପ ଯୋଗାଯୋଗ ପାଇଁ ଏକାଡେମିକ୍ ଅନୁସନ୍ଧାନର ପ୍ରତିଯୋଗୀ ପ୍ରକୃତି ମଧ୍ୟ ଦାୟୀ। ଧ୍ୟାନ ଆକର୍ଷଣ କରିବାକୁ ଏକ ପ୍ରୟାସରେ, ବେଳେବେଳେ ଅନୁସନ୍ଧାନକାରୀ, ବିଶ୍ୱବିଦ୍ୟାଳୟ, ଏପରିକି ପତ୍ରିକାଗୁଡ଼ିକ ଫଳାଫଳକୁ ହାଇପ୍ କରି କିମ୍ବା କେବଳ ସକାରାତ୍ମକ ଫଳାଫଳକୁ ପ୍ରୋତ୍ସାହିତ କରି ଜନସାଧାରଣଙ୍କୁ ବିଭ୍ରାନ୍ତ କରନ୍ତି। ତଥାପି, ବିଜ୍ଞାନ ସମ୍ପ୍ରଦାୟ ଜନସାଧାରଣଙ୍କ ନିକଟରେ ବିଜ୍ଞାନର ଏକ ସଠିକ ଚିତ୍ର ପ୍ରୋଜେକ୍ଟ କରିବାର ଦାୟିତ୍ୱ ଗ୍ରହଣ କରିବା ଉଚିତ, ଯାହା ଦ୍ୱାରା ସେମାନେ ବୈଜ୍ଞାନିକ ପ୍ରସଙ୍ଗଗୁଡ଼ିକ ଜାଣିପାରିବେ ଏବଂ ଅନୁସନ୍ଧାନରେ ସେମାନଙ୍କ ଟିକସ ଅର୍ଥ ବିନିଯୋଗ ହେବାର ଏକ ମତ ରଖିବେ। ଉପରୋକ୍ତ ବିନ୍ଦୁ ଗୁଡ଼ିକ ଉପରେ ଯଦି ଧ୍ୟାନ ଦିଆଯାଏ ବିଜ୍ଞାନର ପ୍ରକୃତ ବିକାଶ ହୋଇପାରିବ ଏବଂ ତାହା ମନୁଷ୍ୟ ପାଇଁ ସୁଲଭରେ ଉପଲବ୍ଧ ହୋଇପାରିବ।

# ଶୈଶବ ନିର୍ମାଣର ଜାଗ୍ରତ ପ୍ରହରୀ

**ଅନସୂୟା ମହାପାତ୍ର**

ଶିଶୁ ଆତ୍ମୀୟତା, ସ୍ନେହ-ଶ୍ରଦ୍ଧା, ଅନୁରାଗ, କୋମଳତା, ସରଳତା, ନିଷ୍ଠାପତାର ଏକ ସମନ୍ୱିତ ବିଗ୍ରହଟିଏ। 'ବୟମ୍ ସର୍ବେ ଅମୃତସ୍ୟ ପୁତ୍ରାଃ'ର ଆଦିମ ଓଁକାର ହେଉଛି ଶିଶୁ। ଦେବତ୍ୱର ଅଧିକାରୀ ହୋଇ ମଧ୍ୟ ମାନବସମାଜ ପାଇଁ ମହାନ ବିଭବ ସେ। ଯାହାର ନିରୀହ ଆଖିର ସ୍ୱପ୍ନରେ ରହିଛି ଅନନ୍ତ ସୃଜନୀର ଅସୁମାରୀ ସମ୍ଭାବନା। ପ୍ରତିଟି ଶିଶୁ ଅନନ୍ୟ, ଅନୁପମ, ଅତୁଳନୀୟ। ମନୁଷ୍ୟର ଚାରିଗୋଟି ଅବସ୍ଥା ମଧ୍ୟରୁ ଶୈଶବ ଅବସ୍ଥା ବ୍ୟକ୍ତି ପାଇଁ ଅମୂଲ୍ୟ ବରଦାନ। କାରଣ ଏହି ଶୈଶବର ଉପଯୁକ୍ତ ଲାଳନ ପାଳନ, ଗଠନ ଓ ଶିକ୍ଷା ପ୍ରଦାନରେ ଗଢିହୁଏ ଦୀପ୍ତିମାନ ବ୍ୟକ୍ତିତ୍ୱ ଏବଂ ଏକ ସୁସ୍ଥ ସମାଜ ଓ ସୁଦୃଢ଼ ପ୍ରଗତିଶୀଳ ରାଷ୍ଟ୍ରଟିଏ। ଶିଶୁର ଅନ୍ୟନାମ ବର୍ତ୍ତମାନ। ଯାହାପାଇଁ ଆସନ୍ତାକାଲିକୁ ଅପେକ୍ଷା କରାଯାଇ ନପାରେ। ଏକ ସୁସ୍ଥ ଶୈଶବରେ ଲୁକାୟିତ ରହିଛି ସୁସ୍ଥ ବ୍ୟକ୍ତିତ୍ୱର ସ୍ୱରୂପ। ଏକ ସୁଦୃଢ଼ ଶୈଶବ ଗଠନର ରୂପକାର ହେଉଛନ୍ତି, ଶିଶୁର ପିତାମାତା ଓ ଶିକ୍ଷାଦାତା ବା ଶିକ୍ଷକ। ଏମାନଙ୍କର ନିରଳସ, ନିରବଚ୍ଛିନ୍ନ ଅନନ୍ତ ସମୟର ଉଦ୍ୟମ ବା ପ୍ରଚେଷ୍ଟା ହିଁ ଶିଶୁଗଠନର ବାସ୍ତବ ଆୟୁଧ। ପିତାମାତା ଓ ଶିକ୍ଷକ ସମାଜର ଅନନ୍ତ ଜାଗ୍ରତ ପ୍ରହରୀ। ଏହିମାନଙ୍କର ସାଧୁ ଉଦ୍ୟମରେ ଶୈଶବ ହୁଏ ସୁରକ୍ଷିତ ଓ ସୁସଂଗଠିତ। ଶୈଶବ କହିଲେ ସାଧାରଣତଃ ଜନ୍ମଠାରୁ ଆଠ ବର୍ଷ ଯାଏ ସମୟକୁ ବୁଝାଏ। ପ୍ରଥମେ ଜନ୍ମରୁ ତିନିବର୍ଷ ଶିଶୁ ଖାଇବା, ଶୋଇବା, ଖେଳିବା ଓ ଛୋଟ ଛୋଟ ଦୁଷ୍ଟାମୀରେ ଅନାୟାସରେ କଟିଯାଏ ମାତ୍ର। ତିନିବର୍ଷ ପରବର୍ତ୍ତୀ ସମୟ ଶିଶୁକୁ ଗଢିବାର ଏକ ବିଶେଷ ଅବସର। ଶିଶୁର ଆବେଗପୂର୍ଣ୍ଣ ଚାହାଁଣୀରେ ଅନୁଭବ ଓ ତା'ର ମନୋଭାବ ଉପରେ ତାହା ସହ ସମ୍ପର୍କିତ ପରିବେଶ ଓ ପରିବାରର ଶତ ପ୍ରତିଶତ ପ୍ରଭାବ ପଡ଼ିଥାଏ ଓ ଶିଶୁ ସହଜରେ ଅନୁକରଣ କରେ। ପରିବାର ଯେହେତୁ ଶିଶୁର ଶିଖିବାର ପ୍ରଥମ ପୃଷ୍ଠଭୂମି ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ଶ୍ରେୟ। ଶିଶୁକୁ ନୁହେଁ ନିଜେ ହିଁ ପ୍ରଥମେ ଶିକ୍ଷିତର ପ୍ରତିଫଳନ ନିଜ ବ୍ୟକ୍ତିତ୍ୱରେ କରିବାକୁ ହୋଇଥାଏ। ପରିବାରର ସଦସ୍ୟ ମଧ୍ୟରୁ ଅଧିକ ମାତ୍ରାରେ ପିତାମାତାଙ୍କର ଭୂମିକା ରହିଥାଏ। ବିଶେଷତଃ ବାତ୍ସଲ୍ୟମୟୀ ମା' ଶିଶୁପାଇଁ ଏକ ବାସ୍ତବ ମମତାର ଝରଣା। ସେ ଜନ୍ମଦାତ୍ରୀ, ଧାରଣକର୍ତ୍ତୀ, ପାଳନକର୍ତ୍ତୀ ଏବଂ ପ୍ରଥମ ଶିକ୍ଷାଦାତ୍ରୀ। ତେଣୁ ସର୍ବୋଚ୍ଚ ଗୁରୁଦାୟିତ୍ୱ ମା' ର ରହିଛି। ଜନ୍ମ ପରେ ନୁହେଁ ବରଂ ପ୍ରକୃତ ଶିଶୁଗଠନର ଅୟମାରମ୍ଭ ହୁଏ ନିଜ ଗର୍ଭରେ ଭ୍ରୁଣର ସଞ୍ଚାର ଦିନରୁ। ଯେହେତୁ ମା'ର ଆଚରଣ ଉଚ୍ଚାରଣ, ନୈତିକ ଆଦର୍ଶ, ସଂସ୍କାର ଶିଶୁ ଉପରେ ପ୍ରଭାବ ପକାଏ ତେଣୁ ସନ୍ତାନ ଧାରଣର ଯେଉଁ ଗୁରୁଦାୟିତ୍ୱ ନାରୀକୁ ଈଶ୍ୱର ପ୍ରଦାନ କରିଛନ୍ତି ତା'ର ଗୁରୁତ୍ୱକୁ ଅନୁଭବ କରି ସନ୍ତାନ ଧାରଣର ଅବ୍ୟବହିତ ପୂର୍ବରୁ ମା'ଟି ପ୍ରସ୍ତୁତ ହେବା ଉଚିତ। ସେହିପରି ପିତାର ମଧ୍ୟ ଏତାଦୃଶ ଗଠନରେ ଦାୟିତ୍ୱଶୀଳତା ରହିଛି। ପିତାର ପ୍ରତିନିଧିତ୍ୱ ସନ୍ତାନ କରୁଥିବାରୁ ନିଜ ବ୍ୟବହାର, ଚଳଣି, ଜୀବନଚର୍ଯ୍ୟା ପ୍ରତି ପିତା ସଚେତନ ରହିବା ଜରୁରୀ। ଶିଶୁ ଏକ ଚଳଚଞ୍ଚଳ ପ୍ରଜାପତି ସଦୃଶ। ମମତାର ସ୍ପର୍ଶରେ ସେ ହେବ ଅଧିକ ନିଜର। ତା'ର ଶୈକ୍ଷିକ ଶୈଳୀ ସମ୍ପୂର୍ଣ୍ଣ ଭିନ୍ନ। କେବେମଧ୍ୟ କାହା ସହିତ ତୁଳନାତ୍ମକ ମନୋବୃତ୍ତି ନେଇ ନିଜ ଶିଶୁକୁ ବିଶ୍ଳେଷଣ କରାଯାଇନପାରେ। ଶିଶୁ ଉପରେ ନିରଙ୍କୁଶ କର୍ତ୍ତୃତ୍ୱ ନିଶ୍ଚୟ ଏକ ଅପରାଧ। ଜୋର ଜବରଦସ୍ତ ତା' ଉପରେ ନିଜ ଇଚ୍ଛାକୁ ଲଦିବା ଆଦୌ ଠିକ ନୁହେଁ। ଶିଶୁକୁ ଶିଖାଇବାକୁ ହେବ ଆଖି ଉନ୍ମୁକ୍ତ କରି ସ୍ୱପ୍ନ ଦେଖିବାର ପ୍ରୟାସକୁ। ସୃଷ୍ଟିର ଚତୁରପାର୍ଶ୍ୱକୁ ମନଭରି ଉପଭୋଗ କରିବାଦ୍ୱାରା ସେ ପାଇବ ସଠିକ ଶିକ୍ଷା। ପିତା ମାତାଙ୍କର କ୍ରୋଧ, ମନ୍ଦ ଅଭ୍ୟାସ, ଦୋଷ ଦୁର୍ବଳତା ଶିଶୁ ମନ ଓ ଚରିତ୍ରକୁ ପ୍ରଭାବିତ କରେ। ସେହିପରି ଜୀବନ ଦୌଡ଼ରେ ସାମିଲ ହୋଇ ନିଜ ସନ୍ତାନକୁ ଅପରିଚିତଙ୍କ ସାହାର୍ଯ୍ୟରେ ପାଳନ କରିବାଦ୍ୱାରା ଶିଶୁଠାରେ ନିମ୍ନ ଚେତନାର ସଂକ୍ରମଣ ହୁଏ। ଆଜିକାଲି ମୋବାଇଲ ଓ ଟିଭିର କାର୍ଟୁନ ଶିଶୁର ଅଧିକ ଅବଲମ୍ବନ, ଯାହା ଆଦୌ ଶୁଭ ଲକ୍ଷଣ ନୁହେଁ। ସେହିପରି ଶିକ୍ଷକ ଏପରି ଏକ ଚରିତ୍ର ଯେ କି ଈଶ୍ୱରଙ୍କ ପ୍ରତିନିଧି, ଶିଶୁ-ଛାତ୍ରପାଇଁ ଆଲୋକର ସଦନ ଏବଂ ଶକ୍ତିର ଗୃହ କହିଲେ ଅତ୍ୟୁକ୍ତି ହେବ ନାହିଁ। ସେ ଏକ ପ୍ରତିଭା ଦୀପ୍ତ ଶିଳ୍ପୀର ତୂଳୀ, ନିରାଶାର ଭାଷା ଓ କଞ୍ଚା ମାଟି ପିଣ୍ଡୁଳାକୁ ପ୍ରାଣ ନ୍ୟାସ କରିବାର ଏକ କୁଶଳୀ କାରିଗର। ସେ ରାଷ୍ଟ୍ରର ନିର୍ମାତା। ସମାଜ ଗଠନରେ ରହିଛି ତା'ର ଗୁରୁଦାୟିତ୍ୱ। ଶ୍ରେଣୀଶିକ୍ଷାଦାନ ମାଧ୍ୟମରେ ଅବକ୍ଷୟମୁଖୀ ଧ୍ୱଂସାତ୍ମକ ସମାଜ ପାଇଁ ଆବଶ୍ୟକୀୟ ନୈତିକତାର ଉଚ୍ଚତମ ଦିଗଦର୍ଶନ ଶିଶୁକୁ ସେ ଅଜାଡ଼ିଦିଏ ନିଜେ ଉଦାହରଣ ହୋଇ। ଆଜିର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାଦ୍ୱାରା ଦ୍ରୁତ ପରିବର୍ତ୍ତନର ଆହ୍ୱାନ କ୍ରିୟାତ୍ମକତାରେ ସେ ଶିଶୁର ଏକାନ୍ତ ମାର୍ଗଦର୍ଶକ ମାତ୍ର। ଶିଶୁ ଛାତ୍ର ମଧ୍ୟରେ ସର୍ବଦା ସମାୟାନୁବର୍ତ୍ତିତା, ପରିଶ୍ରମ ମାନସିକତା, ଜ୍ଞାନର ପିପାସା ଓ ଜିଜ୍ଞାସା, ଧୈର୍ଯ୍ୟଶୀଳତା, ନିରପେକ୍ଷତା, ସତ୍ୟପ୍ରତି ଉନ୍ମୁକ୍ତଭାବ ରୋପଣର ଏକ ଗୁରୁ ଦାୟିତ୍ୱ ରଖିବା ଉଚିତ। ଶିକ୍ଷକ, ଆଚାର୍ଯ୍ୟା ସେ ଶିଶୁର ଉନ୍ନତି, ଜାଗୃତି, ପ୍ରଗତି, ବହୁବିଧ ଅନ୍ତର୍ନିହିତ ଗୁଣାବଳିର ବିକାଶ ପାଇଁ ବିଶ୍ୱସ୍ତ ମାଧ୍ୟମଟିଏ। ତେଣୁ ଶୈଶବ ଗଠନରେ ଶିକ୍ଷକ ସର୍ବଦା ରହିବ ଜାଗ୍ରତ। ଶୈଶବ ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ଶିଶୁ ହସିଲେ ଦୁନିଆ ହସେ। ଉଦ୍ୟାନର ମାଳୀ ହୋଇ ପିତାମାତା ଓ ଶିକ୍ଷକ ସେମାନଙ୍କର ମିଳିତ ସହଯୋଗରେ ଶିଶୁ ଚାରାଗଛଟିକୁ ଆଳସ୍ୟ, ମିଥ୍ୟା, ଅଶିକ୍ଷା, କୁସଂସ୍କାର, ଜାତି ଗତ, ସାମ୍ପ୍ରଦାୟିକତା ଆଦିରୁ ଉର୍ଦ୍ଧ୍ୱତର ସୁଶିକ୍ଷିତ ଏକ ଆତ୍ମବିଶ୍ୱସ୍ଥ ସତ୍ତାଟିଏ ଗଢିବାକୁ ନିରନ୍ତର ଜାଗ୍ରତ ରହିବା ବିଧେୟ। ଯଦ୍ୱାରା ଏକ ବଳିଷ୍ଠ ବ୍ୟକ୍ତି ଗଠନରେ ଏକ ସୁସମୃଦ୍ଧ ରାଷ୍ଟ୍ର ଗଠନର ମହତ କାର୍ଯ୍ୟରେ ଭୂମିକା ନିହିତ ରହିଛି।

# ଭିଡ଼କୁ ଯିବାକୁ ଭୟ କରୁଛନ୍ତି : ଏହା ଫୋବିୟା ନୁହେଁ ତ ?

**ଡା. ସମ୍ରାଟ କର**

ମାନୁ ମାଉସୀଙ୍କୁ ମୁଁ ବାଲିଯାତ୍ରା ଦେଖିଯିବାକୁ କହିଲି। ସେ ମୋତେ ବହୁତ ଭଲ ପାଆନ୍ତି। ମା', ଖୁଡ଼ୀ ସମସ୍ତଙ୍କୁ ନେଇ ବାଲିଯାତ୍ରା ଦେଖାଇବାର ଇଚ୍ଛା ମୋର ଅଛି। ମାନୁ ମାଉସୀଙ୍କୁ ଡାକିବାରୁ ସେ ମନା କଲେ। ମୁଁ ତାଙ୍କୁ କାରଣ ପଚାରିବାରୁ ସେ କହିଲେ ମୁଁ ପିଲାବେଳେ ଥରେ ବାଲିଯାତ୍ରାକୁ ଯାଇଥିଲି, ସେଠି ଏତେ ଭିଡ଼ ଥିଲା ଯେ ମତେ କିଏ ଚାରିକଡୁ ଚାପିଦେଲା ପରି ଲାଗିଲା। ସତେ ଯେମିତି ଗୋଟିଏ ଶକ୍ତ ଦଉଡ଼ିରେ ମତେ ବାନ୍ଧିଦେଇଛି। ମୁଁ ନିଶ୍ୱାସ ନେଇପାରିଲି ନାହିଁ। ସେହି ଦିନଠାରୁ ଭିଡ଼ ଦେଖିଲେ ମତେ ଡର ଲାଗେ। ମୁଁ ଗହଳି ଭିତରକୁ ଯାଏ ନାହିଁ। ମୋର ସେଇ ଦିନ କଥା ମନେ ପଡ଼େ। ଆଜିପର୍ଯ୍ୟନ୍ତ ମୁଁ ସେ ଅନୁଭୂତି ଭୁଲିନି। ମୁଁ ସେ ଭିତରେ ପଶିପାରିବିନି। ତୁମେ ଯାଅ। ଏକଥା ଶୁଣି ମୁଁ କହିଲି ଏ ଗୋଟିଏ ପ୍ରକାର ଅହେତୁକ ଭୟ। ଏହାକୁ ଫୋବିୟା କହନ୍ତି। ମୁଁ କହିଲି ଅଧିକାଂଶ ଲୋକଙ୍କଠାରେ ଏ ପ୍ରକାର ଭୟ ଦେଖାଯାଏ। ମାତ୍ର ମାତ୍ରାଧିକ ହେଲେ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ। ତାକୁ ରୋଗ ବୋଲି କୁହାଯାଏ ଓ ମାନସିକ ରୋଗ ଚିକିତ୍ସକଙ୍କୁ ଦେଖାଇ ଔଷଧ ଖାଇଲେ ଏ ରୋଗରୁ ଉପଶମ ମିଳିଥାଏ।

ଫୋବିୟା କ'ଣ ? : ଫୋବିୟା ହେଉଛି କୌଣସି ସ୍ଥାନ, ବସ୍ତୁ, କାର୍ଯ୍ୟ ଓ ପରିସ୍ଥିତି ପ୍ରତି ଅହେତୁକ ଭୟ। ଯେପରିକି କେତେକ ଲୋକ ଭିଡ଼ ଭିତରକୁ ଯିବାକୁ ଭୟ କରନ୍ତି, ଉଚ୍ଚ ସ୍ଥାନକୁ ଯିବାକୁ ଭୟ କରନ୍ତି, ଘରୁ ରାସ୍ତାକୁ ଯିବାକୁ ଭୟ କରନ୍ତି, କୌଣସି ଜୀବଜନ୍ତୁ କିଛି କ୍ଷତି କରିବ ନାହିଁ ଜାଣି ମଧ୍ୟ ତାକୁ ଭୟ କରନ୍ତି। ସେଥିଯୋଗୁଁ ସେମାନେ ସେହି ସ୍ଥାନ, ବସ୍ତୁ ବା କାର୍ଯ୍ୟଠାରୁ ଦୂରେଇ ରହିବାକୁ ଚାହାନ୍ତି। ପ୍ରାୟ ପ୍ରତ୍ୟେକ ଲୋକଙ୍କଠାରେ ଏକପ୍ରକାର ଭୟ ଅଳ୍ପ ଅଧିକେ ଥାଏ; ମାତ୍ର ଯେତେବେଳେ ଅତ୍ୟଧିକ ହୋଇ ମାନସିକ ବ୍ୟଥା ଦିଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ ସେତେବେଳେ ଏହା ଏକ ରୋଗ ବୋଲି ଧରାଯାଏ। ଅସ୍ୱାଭାବିକ ପରିସ୍ଥିତିର ଭୟାବହତାକୁ ସମ୍ଭାବନା କରି ଲୋକଟିର ମନରେ କଷ୍ଟ ହୋଇଥାଏ। ତେଣୁ ସେ ଏପରି ପରିସ୍ଥିତିଠାରୁ ଦୂରେଇ ରହିବାକୁ ଚେଷ୍ଟା କରେ ଏବଂ ଏହାର ସାମନା କଲେ ଆତଙ୍କିତ ହୋଇଯାଏ। :

ଆଗାରୋଫୋବିୟା : କୌଣସି ପରିସ୍ଥିତି ପ୍ରତି ଅସ୍ୱାଭାବିକ ଭୟକୁ ଆଗାରୋ ଫୋବିୟା ବୋଲି କୁହାଯାଏ। ସାଧାରଣତଃ ଏ ପ୍ରକାର ଫୋବିୟା ଲୋକମାନଙ୍କ ଠାରେ ଅଧିକ ଦେଖାଯାଏ। ପୁରୁଷମାନଙ୍କ ତୁଳନାରେ ସ୍ତ୍ରୀ ଲୋକମାନଙ୍କଠାରେ ଅଧିକ ହୋଇଥାଏ। ଏ ପ୍ରକାର ଫୋବିୟାରେ ମନୁଷ୍ୟ ଯେତେବେଳେ ନିଜ ପରିବାର ବା ଚିରାଚରିତ ପରିସ୍ଥିତିରୁ ଦୂରେଇଯାଏ ତାକୁ ଅହେତୁକ ଭୟ ଲାଗିଥାଏ। ଗୋଟିଏ ପରିସ୍ଥିତିରୁ ଆଉ ଗୋଟିଏ ପରିସ୍ଥିତିକୁ ଗଲେ ଲୋକଟି ହଠାତ୍ ବିଚଳିତ ହୋଇପଡ଼େ। ତାକୁ ସାହାଯ୍ୟ କରିବାକୁ କେହି ନ ଥାଆନ୍ତି। ସେହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ତା'ର ସାହସ ହୁଏ ନାହିଁ କି ସେ ଉପାୟ ପାଏ ନାହିଁ। ତେଣୁ ସେ ବିବ୍ରତ ହୋଇଯାଏ। ଉଦାହରଣସ୍ୱରୂପ ଘରଠାରୁ ଦୂରରେ ଏକା ରହିବା, ଭିଡ଼ ଭିତରେ ରହିଯିବା, ଟ୍ରେନ୍, ବସ୍ ଆଦିରେ ଏକାକୀ ବୁଲିବା ଇତ୍ୟାଦି କାର୍ଯ୍ୟଗୁଡ଼ିକୁ ସେ ସମ୍ମୁଖୀନ ହୋଇପାରେ ନାହିଁ। ଧୀରେ ଧୀରେ ପରିସ୍ଥିତି ଅଧିକ ଜଟିଳ ହୋଇଥାଏ। ଲୋକଟିର ନିଜର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୁଏ। ସେ ବାହାରକୁ ନ ଯାଇ ଘର ଭିତରେ ରହିବାକୁ ଭଲ ପାଏ। କେବଳ ଜଣେ ଦି'ଜଣ ବିଶ୍ୱସ୍ତ ଲୋକଙ୍କ ସହିତ ଘର ଛାଡ଼ିଯାଏ।

ଲକ୍ଷଣ : ଏପ୍ରକାର ରୋଗରେ ଗୋଟିଏ ନିର୍ଦ୍ଦିଷ୍ଟ ବସ୍ତୁ, ଅବସ୍ଥା, ପରିସ୍ଥିତି ବା କାର୍ଯ୍ୟ ପ୍ରତି ଅସ୍ୱାଭାବିକ ଭୟ ଉପୁଜିଥାଏ। ଏହି ଭୟ ପ୍ରକୃତ ପରିସ୍ଥିତି ତୁଳନାରେ ଖୁବ୍ ଅଧିକ ହୋଇଥାଏ। ଏହା ଅସଙ୍ଗତ ଓ ଯୁକ୍ତିବିରୁଦ୍ଧ ବୋଲି ଲୋକଟି ଜାଣିପାରେ। ଲୋକଟି ନିଜର ଏପରି ଭୟକୁ ନିୟନ୍ତ୍ରଣ କରିପାରେ ନାହିଁ। ତେଣୁ ସେ ମାନସିକ ଯନ୍ତ୍ରଣା ପାଇଥାଏ। ଏଥିପାଇଁ ଲୋକଟି ଏପରି ବସ୍ତୁ, ଅବସ୍ଥା କାର୍ଯ୍ୟରୁ ଦୂରେଇ ରହିବାକୁ ଚେଷ୍ଟା କରେ। ଧୀରେ ଧୀରେ ଲୋକଟି ଏହି ବିଷୟରେ ସବୁବେଳେ ଭାବିଥାଏ ଓ ନିଜର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ।

ପ୍ରଭାବ: ଏହା ସାଧାରଣତଃ ସ୍ତ୍ରୀଲୋକମାନଙ୍କଠାରେ ଅଧିକ ଦେଖାଦେଇଥାଏ। ଏ ରୋଗ ପ୍ରାୟତଃ ୨୫-୩୫ ବର୍ଷ ବୟସରେ ହଠାତ୍ ଆରମ୍ଭ ହୋଇଥାଏ। ଧୀରେ ଧୀରେ ଏହା ଅତ୍ୟଧିକ ହୋଇଥାଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧାପ୍ରାପ୍ତ ହୋଇଥାଏ।

କାରଣ : ଏହା ସେରୋଟୋନିନ, ଗାବା, ଆଡ୍ରେନାଲିନ୍, ଡୋପାମିନ ଆଦି ନ୍ୟୁରୋଟ୍ରାନ୍ସମିଟର ବିଶୃଙ୍ଖଳତା ଯୋଗୁଁ ହୋଇଥାଏ। ନ୍ୟୁରୋଟ୍ରାନ୍ସମିଟର ହେଉଛି ଏକ ରାସାୟନିକ ଦ୍ରବ୍ୟ, ଯାହା ସ୍ନାୟୁଗୁଡ଼ିକ ମଧ୍ୟରେ ପ୍ରେରକ କାର୍ଯ୍ୟ କରେ। ଏକ ସୂତ୍ରରୁ ଜଣାପଡ଼ିଛି ଯେ ନିଜର ରକ୍ତ ସମ୍ପର୍କୀୟ ଲୋକମାନଙ୍କଠାରେ ଏ ରୋଗ ଥିଲେ ଅନ୍ୟମାନଙ୍କୁ ହେବାର ସମ୍ଭାବନା ଅଧିକ ଥାଏ। ତେଣୁ ଏହା ବଂଶଗତ ହୋଇପାରେ।

ଚିକିତ୍ସା : ଏହି ରୋଗର ଲକ୍ଷଣ ଦେଖାଦେଲେ ଶୀଘ୍ର ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ। ଏହି ରୋଗର ଚିକିତ୍ସା, ଔଷଧ ଓ ସାଇକୋଥେରାପି ଦ୍ୱାରା କରାଯାଇଥାଏ। ଏହି ରୋଗରେ ମନରୁ ଅହେତୁକ ଭୟ ଦୂର କରିବା ପାଇଁ ଔଷଧ ଅତ୍ୟନ୍ତ ଉପଯୋଗ ହୋଇଥାଏ। ସାଇକୋଥେରାପି ଦ୍ୱାରା ରୋଗୀ ମନରେ ଜନ୍ମିଥିବା ଅହେତୁକ ଭୟକୁ ବୁଝାସୁଝା ଦ୍ୱାରା କମ୍ କରାଯାଇଥାଏ। ଫଳରେ ରୋଗୀ ମନରୁ ଭୟ କମିଯାଏ। ଏହି ରୋଗ ଯଦିଓ କୌଣସି କାରଣରୁ ଜନ୍ମ ନେଇ ନ ଥାଏ ତଥାପି ଅନେକ କ୍ଷେତ୍ରରେ ପରିସ୍ଥିତିର ଅନୁଭୂତି ହିଁ ତା'ର ଭୟର କାରଣ ହୋଇଥାଏ। ଏହାକୁ ରୋଗ ବୋଲି ଭାବି ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଚିକିତ୍ସା କଲେ ଏହି ରୋଗରୁ ଉପଶମ ମିଳିଥାଏ।



# ସ୍କିନ୍ ଡ୍ରାଏ ହେଉଥିଲେ କ'ଣ କରିବେ ?

ଚର୍ମ ପାଇଁ ଶୀତ ଋତୁ ଅତ୍ୟନ୍ତ କଷ୍ଟକର ହୋଇଥାଏ। ଏହି ଋତୁରେ, ସ୍କିନ୍ ବହୁତ ଡ୍ରାଏ ହୋଇଯାଏ। ଯେଉଁମାନଙ୍କ ସ୍କିନ୍ ଡ୍ରାଏ ସେମାନଙ୍କ ପାଇଁ ଏହା ଅଧିକ ସମସ୍ୟା ହୋଇଯାଏ। ଏହିପରି ଲୋକଙ୍କୁ ୨୪ ଘଣ୍ଟା ମୁହଁକୁ ମଶ୍ଚରାଇଜ୍ କରି ରଖିବାକୁ ପଡେ। ଯଦି ଗାଧୋଇବା ପରେ ଆପଣ ତୁରନ୍ତ ମୁହଁରେ କୌଣସି କ୍ରିମ୍ ଲଗାନ୍ତି ନାହିଁ, ତେବେ ପ୍ୟାଚେଜ୍ ପଡିଯାଏ। ତେବେ ଚାଲନ୍ତୁ ଜାଣିବା କିଛି ଏପରି ଟିପ୍ସ ବିଷୟରେ, ଯାହାକୁ ପ୍ରୟୋଗ କରି ଆପଣ ଚର୍ମର ସୌନ୍ଦର୍ଯ୍ୟ ବଜାୟ ରଖିପାରିବେ।

- ଅତ୍ୟଧିକ ଗରମ ପାଣିରେ ସ୍ନାନ କରନ୍ତୁ ନାହିଁ । ଏହା ଚେହେରାକୁ ଅଧିକ ଦୁର୍ବଳ କରିଦିଏ। ଏହାଦ୍ୱାରା, ଚେହେରାର ପ୍ରାକୃତିକ କୋମଳତା ଦୂରେଇଯାଏ। ତେଣୁ, ଆବଶ୍ୟକ ଅନୁଯାୟୀ ଗରମ ପାଣି ବ୍ୟବହାର କରନ୍ତୁ ଏବଂ ଗରମ ପାଣିରେ କିଛି ଥଣ୍ଡା ପାଣି ବ୍ୟବହାର କରିବା ଉଚିତ୍।
- ଗାଧୋଇବା ପରେ ମୁହଁକୁ ଟାୱେଲରେ ଘଷି ପୋଛନ୍ତୁ ନାହିଁ। ଏହା ଆପଣଙ୍କ ଚେହେରାର ମଶ୍ଚରାଇଜଡ୍ ପରିମାଣକୁ ହ୍ରାସ କରିଥାଏ। ସବୁବେଳେ ହାଲୁକା ହାତରେ ମୁହଁକୁ ଡ୍ୟାପ୍ ଡ୍ୟାପ୍ କରି ପୋଛନ୍ତୁ। ଏହା ଦ୍ୱାରା ଚର୍ମ ଶୁଷ୍କ ହୋଇନଥାଏ।
- ଥଣ୍ଡା ପାଗରେ ମୃଦୁ କ୍ଲିନ୍ଜର୍ ବ୍ୟବହାର କରନ୍ତୁ। ଯାହାଦ୍ୱାରା ଚେହେରାର ଉଭୟ ଚମକ ଏବଂ ଆର୍ଦ୍ରତା ରହିଥାଏ। ଶୀତଦିନେ ଆପଣଙ୍କ ଚର୍ମ ତେଲିଆ ହୋଇଥିଲେ ମଧ୍ୟ ମଶ୍ଚରାଇଜର ବ୍ୟବହାର କରନ୍ତୁ।
- ଥଣ୍ଡା ପାଗରେ ଆପଣ ଆଲୋ ଭେରା ଜେଲ୍ ବ୍ୟବହାର କରିବା ଜରୁରୀ। ଏହି ନାଚୁରାଲ୍ ପ୍ରଡକ୍ଟ ଆପଣଙ୍କ ଚର୍ମରେ ଆର୍ଦ୍ରତା ବଜାୟ ରଖିବା ସହିତ ଦାଗ ମୁକ୍ତି କରିବ।
- ଶୀତ ଋତୁରେ ଓଠ ଡ୍ରାଏ ହେବାର ସମସ୍ୟା ମଧ୍ୟ ରହିଥାଏ। ତେଣୁ ଏଥିପାଇଁ ଆପଣଙ୍କୁ ମଶ୍ଚରାଇଜ ମଧ୍ୟ କରିବା ଆବଶ୍ୟକ। ସର୍ବଦା ଲିପ୍ ବାମ୍ ପାଖରେ ରଖନ୍ତୁ।

# ମହିଳା କୈନ୍ଦ୍ରିକ ଫିଲ୍ମ ମୋର ପସନ୍ଦ



ଗତମାସ ୧୪ ତାରିଖରେ ଅଭିନେତ୍ରୀ ରକୁଲପ୍ରୀତ ସିଂହଙ୍କ 'ଡକ୍ଟର ଜୀ' ପ୍ରେକ୍ଷାଳୟକୁ ଆସିଥିଲା। ସେଥିରେ ଡାକ୍ତରୀ ଛାତ୍ରୀ ଭାବେ ତାଙ୍କର ଅଭିନୟକୁ ଦର୍ଶକମାନେ ବେଶ୍ ପ୍ରଶଂସା କରିଥିଲେ। ବକ୍ସ ଅଫିସ୍‌ରେ ଫିଲ୍ମଟି ଖୁବ୍ ଭଲ ବ୍ୟବସାୟ ବି କରିଥିଲା। ଏହାପରେ ୨୫ ତାରିଖରେ ତାଙ୍କ ଅଭିନୀତ ଆଉ ଏକ ଫିଲ୍ମ 'ଥ୍ୟାଙ୍କ୍ ଗଡ୍' ମୁକ୍ତିଲାଭ କରିଥିଲା। ତାହା ମଧ୍ୟ ବେଶ୍ ଦର୍ଶକୀୟ ଆଦୃତି ପାଇଛି। ଏହି ପରିପ୍ରେକ୍ଷୀରେ ଏକ ସାକ୍ଷାତକାରରେ ରାକୁଲ ତାଙ୍କର ଭବିଷ୍ୟତର ଯୋଜନା ସମ୍ପର୍କରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଫିଲ୍ମ ଚୟନ ସମୟରେ ମୁଁ ସବୁବେଳେ ଅତି ସତର୍କ ରହିଥାଏ। ପ୍ରତ୍ୟେକ ଫିଲ୍ମ ଯେପରି ପରସ୍ପରଠାରୁ କିଛି ପରିମାଣରେ ଅଲଗା ହେବ ସେଥିପ୍ରତି ଦୃଷ୍ଟି ଦିଏ। ମୁଁ ରୋମାନ୍ସଠାରୁ ଆରମ୍ଭ କରି ହାସ୍ୟରସାତ୍ମକ, ଥ୍ରିଲର, ଆକ୍ସନ୍ ଭଳି ସମସ୍ତ ପ୍ରକାର ଫିଲ୍ମରେ କାମ କରିବାକୁ ଚାହେଁ। ତେବେ ସେନା ପରିବାରରେ ଜନ୍ମ ହୋଇଥିବାରୁ ପ୍ରତ୍ୟେକ ପ୍ରସଙ୍ଗରେ ମୋର ଏକ ସ୍ୱତନ୍ତ୍ର ମତ ରହିଛି। ତେଣୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନ ମିଳିଲେ କୌଣସି ଫିଲ୍ମ ଯେତେ ଚର୍ଚ୍ଚିତ ହୋଇଥିଲେ ବି ମୁଁ ସେଥିରେ କାମ କରିବି ନାହିଁ। ଫିଲ୍ମ ହେଉଛି ସାଧାରଣ ଜନତାଙ୍କ ସହିତ ସଂପର୍କ ସ୍ଥାପନ କରିବାର ଏକ ମାଧ୍ୟମ। ଯେଉଁଥିରେ ସାମାଜିକ ସଚେତନତାର ବାର୍ତ୍ତା ଥିବ ସେଭଳି ଫିଲ୍ମ ମୋ' ପାଇଁ ପସନ୍ଦର ତାଲିକାରେ ସବୁଠୁ ଉପରେ ରହିବ ବୋଲି ରକୁଲ ପ୍ରକାଶ କରିଛନ୍ତି। ଅନ୍ୟପଟେ ମହିଳା କୈନ୍ଦ୍ରିକ ଫିଲ୍ମ ବି ତାଙ୍କର ପସନ୍ଦ ବୋଲି ସେ ଦର୍ଶାଇଛନ୍ତି । ସୂଚନାଥାଉକି, 'ଥ୍ୟାଙ୍କ୍ ଗଡ୍' ହେଉଛି ରକୁଲଙ୍କର ଚଳିତବର୍ଷର ଶେଷ ଫିଲ୍ମ। ଆସନ୍ତାବର୍ଷ ତାଙ୍କୁ 'ଛତ୍ରିୱାଲି', 'ମେରି ପତ୍ନୀ କା ରିମେକ୍'ରେ ଦେଖିବାକୁ ମିଳିବ।

# ବିପଦରେ ଦୁନିଆର ସବୁଠୁ ବଡ଼ ଜଳଜୀବ

ବ୍ଲୁ ହ୍ୱେଲକୁ ଦୁନିଆର ସବୁଠୁ ବଡ଼ ଜୀବ ବୋଲି କୁହାଯାଏ। କିନ୍ତୁ ଏବେ ଏହାର ଜୀବନ ବିପଦରେ। ଦୁନିଆର ସବୁଠୁ ବଡ଼ ମାଛ ବ୍ଲୁ ହ୍ୱେଲ ବା ତିମି ମାଛ ଏବେ ବିପଦରେ। ତିମି ମାଛକୁ ନେଇ ନିକଟରେ ହୋଇଥିବା ରିସର୍ଚ୍ଚରେ ଆଶ୍ଚର୍ଯ୍ୟକର ତଥ୍ୟ ସାମ୍ନାକୁ ଆସିଛି। ରିସର୍ଚ୍ଚରେ ବୈଜ୍ଞାନିକମାନେ ତିମିର ସ୍ୱାସ୍ଥ୍ୟକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ଏହାର କାରଣ ହେଉଛି ମନୁଷ୍ୟ। ତେବେ ଆସନ୍ତୁ ଜାଣିବା କ'ଣ କହୁଛି ରିସର୍ଚ୍ଚ। ନେଚର କମ୍ୟୁନିକେସନ ଜର୍ଣ୍ଣାଲରେ ପ୍ରକାଶିତ ରିସର୍ଚ୍ଚ ଅନୁଯାୟୀ, ବ୍ଲୁ ହ୍ୱେଲ ପ୍ରତିଦିନ ୧ କୋଟି ତଥା ୪୩.୫ କେଜିର ମାଇକ୍ରୋପ୍ଲାଷ୍ଟିକ୍ ଖାଉଛନ୍ତି। ଗବେଷକ ତଥା ଷ୍ଟାନଫୋର୍ଡ ୟୁନିଭର୍ସିଟିର ସମୁଦ୍ର ଜୀବବିଜ୍ଞାନୀ ମ୍ୟାଥ୍ୟୁ ସାବୋକଙ୍କ କହିବା ଅନୁଯାୟୀ, ଯଦି ଏମାନେ ଏଭଳି ସ୍ଥାନରେ ରୁହନ୍ତି ଯେଉଁଠାରେ ପ୍ଲାଷ୍ଟିକ୍ ମାତ୍ରା ଅଧିକ କିମ୍ବା ଭବିଷ୍ୟତରେ ପ୍ଲାଷ୍ଟିକ୍ ଆବର୍ଜନା ବଢୁଛି ତେବେ ପ୍ରତିଦିନ ଏମାନଙ୍କ ଶରୀରରେ ୧୫ କୋଟି ମାଇକ୍ରୋପ୍ଲାଷ୍ଟିକ୍ ପହଞ୍ଚିପାରେ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଏମାନଙ୍କ ଶରୀରରେ ଏହି ମାଇକ୍ରୋପ୍ଲାଷ୍ଟିକ୍ ଦୁଇଟି ଉପାୟରେ ପହଞ୍ଚୁଛି। ପ୍ରଥମେ ସିଧାସଳଖ ଏବଂ ଅନ୍ୟଟି ଏହାର ଶିକାର ଦ୍ୱାରା। ୯୯ ପ୍ରତିଶତ ମାଇକ୍ରୋପ୍ଲାଷ୍ଟିକ୍ ଶିକାର ଦ୍ୱାରା ଏମାନଙ୍କ ଶରୀରରେ ପ୍ରବେଶ କରୁଛନ୍ତି। ଗବେଷକ ଏହି ରିସର୍ଚ୍ଚ କାଲିଫର୍ଣ୍ଣିଆର ଉପକୂଳ ଅଞ୍ଚଳରେ କରିଥିଲେ। କାଲିଫର୍ଣ୍ଣିଆର ଉପକୂଳ କ୍ଷେତ୍ରରେ ଏହି ସ୍ଥିତି ରହିଛି। ଦୁନିଆର ଅନେକ ଅଞ୍ଚଳରେ ଏହାଠାରୁ ଅଧିକ ପ୍ରଦୂଷିତ ରହିଛି ବୋଲି କହିଛନ୍ତି ଗବେଷକ। ବୈଜ୍ଞାନିକମାନେ ରିସର୍ଚ୍ଚ ପାଇଁ ୧୨୬ ବ୍ଲୁ ହ୍ୱେଲ୍, ୬୫ ହମ୍ପବ୍ୟାକ୍ ହ୍ୱେଲ ଏବଂ ୨୯ ଫିନ୍ ହ୍ୱେଲ୍‌ଙ୍କ ଉପରେ ଗବେଷଣା କରିଥିଲେ। ଏମାନଙ୍କ ଶରୀରରେ ଇଲେକ୍ଟ୍ରୋନିକ୍ ଟ୍ୟାଗ୍ ଡିଭାଇସ୍ ଲଗାଯାଇଥିଲା। ଏହା ସହ ମାଇକ୍ରୋଫୋନ୍, କ୍ୟାମେରା, ଜିପିଏସ ଲୋକେଟର ଭଳି ଡିଭାଇସ ଲଗାଇଥିଲେ ଯାହାଦ୍ୱାରା ଏମାନଙ୍କର ଗତିବିଧି ଉପରେ ନଜର ରଖାଯାଇପାରିବ। ରିସର୍ଚ୍ଚରେ ସାମ୍ନାକୁ ଆସିଥିଲା ଯେ ବ୍ଲୁ ହ୍ୱେଲ୍ ଗଭୀର ସମୁଦ୍ରରେ ଏହାର ଖାଦ୍ୟ ଗ୍ରହଣ କରିଥାଏ। ସମୁଦ୍ରରେ ୧୬୫-୮୨୦ ଫୁଟ୍ ତଳକୁ ଯାଇ ଏମାନେ ଭୋଜନ କରିଥାନ୍ତି। ଏହି କାରଣରୁ ଏହାର ଶରୀରରେ ମାଇକ୍ରୋପ୍ଲାଷ୍ଟିକ୍ ପହଞ୍ଚିଥାଏ। ଏଥିରେ ଏଭଳି କେମିକାଲ ଅଛି ଯାହା ଏମାନଙ୍କୁ ଅସୁବିଧାରେ ପକାଇପାରେ। ଯାହା ଭବିଷ୍ୟତରେ ଏମାନଙ୍କର ଜୀବନ ପ୍ରତି ବିପଦ ବଢ଼ାଇପାରେ।



# ୨୮ ବର୍ଷ ଯୁବକଙ୍କ ପ୍ରେମରେ ୮୩ ବର୍ଷୀୟ ବିଦେଶିନୀ



'ପ୍ୟାର୍ ଅନ୍ଧା ହୋତା ହେ' କଥାଟି ଆପଣ ନିଶ୍ଚୟ ଶୁଣିଥିବେ। ପ୍ରେମରେ ପଡ଼ିଲେ ମଣିଷ ସବୁକିଛି ଭୁଲିଯାଏ। ନା ଧନୀ ଗରିବେ ଭେଦଭାବ ଦେଖେ ନା ଜାତିପ୍ରଥା। ମଣିଷକୁ ଅନ୍ଧ କରିଦିଏ ପ୍ରେମ ନାମକ ଦୁଇ ଅକ୍ଷରର ଏହି ଶବ୍ଦ। ଏକଥା ଆମେ କହୁନୁ, ଏହି ଘଟଣା ଦେଖିବା ପରେ ଲୋକେ ଏଭଳି କହୁଥିବା ଦେଖାଯାଉଛି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ପାକିସ୍ତାନ ହାପଜାଦାବାଦର କାଜିପୁର ଅଞ୍ଚଳରେ। ପାକିସ୍ତାନରେ ବାସ କରୁଥିବା ୨୮ ବର୍ଷୀୟ ଯୁବକ ହାଫିଜ ନଦିମ୍ ୮୩ ବର୍ଷୀୟ ବିଦେଶୀ ମହିଳାଙ୍କ ପ୍ରେମରେ ପଡ଼ିଥିଲେ। ଉଭୟ ଫେସବୁକରେ ମାଧ୍ୟମରେ ପରିଚିତ ହୋଇଥିବା କହିଛନ୍ତି। ସୋସିଆଲ ମିଡିଆରେ କଥା ହେବା ପରେ ଉଭୟ ପରସ୍ପରକୁ ଭଲପାଇ ବସିଲେ। ବିଦେଶିନୀ ଜଣଙ୍କ ହାଫିଜଙ୍କ ପ୍ରେମରେ ପଡ଼ି ପାକିସ୍ତାନ ଚାଲିଆସିଲେ। ସବୁଠୁ ଆଶ୍ଚର୍ଯ୍ୟର କଥା ୮୩ ବର୍ଷୀୟ ମହିଳା ଜଣକ ଅବିବାହିତ ଥିଲେ। ସମାଜକୁ ଭ୍ରୁକ୍ଷେପ ନ କରି ଉଭୟ ୨୦୨୧ରେ ବିବାହ ବନ୍ଧନରେ ବାନ୍ଧିହେଲେ। ମହିଳା ଜଣକ ପୋଲାଣ୍ଡ ବାସିନ୍ଦା ହୋଇଥିବା ବେଳେ ଯୁବକ ଜଣକ ପାକିସ୍ତାନର। ଏକ ସାକ୍ଷାତକାର ପରେ ଏହି ପ୍ରେମୀଯୁଗଳଙ୍କ ପ୍ରେମ କାହାଣୀ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପ୍ରଥମେ ବିଦେଶିନୀ ମହିଳା ଜଣକ ହାଫିଜଙ୍କୁ ଭଲପାଇବସିଥିଲେ। ପରେ ହାଫିଜ ମଧ୍ୟ ତାଙ୍କୁ ଭଲପାଇବସିଲେ। ବର୍ତ୍ତମାନ ଉଭୟଙ୍କ ବିବାହକୁ ବର୍ଷେ ପୂରିଯାଇଥିବା ବେଳେ ଉଭୟ ପରସ୍ପରଙ୍କ ସହ ଖୁସିରେ ଅଛନ୍ତି ବୋଲି ସେ କହିଛନ୍ତି।

# ହୃଦୟବାନ ଚୋର, ଫେରାଇଲା ୫ ଲକ୍ଷର ଗହଣା



ଅକ୍ଟୋବର ମାସରେ ଚୋରିର ଅନେକ ମାମଲା ସାମ୍ନାକୁ ଆସିଛି। ଅନେକ ସମୟରେ ଏମିତି ହୋଇଥାଏ କି ଚୋର ଚୋରି କରିଥିବା ସାମଗ୍ରୀ ଫେରାଇ ଦିଏ। ତେବେ ଏମିତି ମାମଲା ବହୁତ କମ୍। ଏବେ ଗାଜିଆବାଦରେ ମଧ୍ୟ ସମାନ ଘଟଣା ଘଟିଛି। ଉତ୍ତର ପ୍ରଦେଶର ଗାଜିଆବାଦରେ ରହୁଥିବା ଏକ ପରିବାରକୁ ଚୋର ୫ ଲକ୍ଷ ଟଙ୍କାର ସୁନା ଗହଣା ଫେରାଇ ଦେଇଛି। ଚୋରଟି ୨୦ ଲକ୍ଷ ଟଙ୍କାର ସୁନା ଗହଣା ଚୋରି କରିଥିଲା। କିନ୍ତୁ ସେ ୫ ଲକ୍ଷ ଟଙ୍କାର ଗହଣା ଫେରାଇ ଦେଲା। ଘଟଣା ଦୀପାବଳି ସମୟରେ ଘଟିଥିଲା। ପରିବାର ୨୩ ଅକ୍ଟୋବରରେ ନିଜ ହୋମଟାଉନ୍ ଯାଇଥିଲା। ସେ ୨୭ ତାରିଖରେ ନିଜ ଘରକୁ ଫେରିବା ପରେ ଦେଖିଲେ କି ତାଙ୍କ ଘରେ ଚୋରି ହୋଇଯାଇଛି। ଏହା ପରେ ଘର ମାଲିକ ନିକଟସ୍ଥ ଥାନାକୁ ସୂଚନା ଦେଲେ। ଅଭିଯୋଗ ଆଧାରରେ ନନ୍ଦଗ୍ରାମ ଥାନାରେ ଅଭିଯୁକ୍ତ ବିରୁଦ୍ଧରେ ଆଇପିସିର ଧାରା ୩୮୦ ଅନୁସାରେ ମାମଲା ରୁଜୁ କରାଗଲା। ତେବେ ୩ ଦିନ ପରେ ଘଟଣାରେ ଏକ ଭିନ୍ନ ମୋଡ ନେଲା। ପରିବାରକୁ ୩୧ ଅକ୍ଟୋବରରେ ଏକ କୋରିୟର ଆସିଲା ଏବଂ ସେମାନେ ସେଥିରୁ ସୁନା ଗହଣା ପାଇ ଖୁସି ହୋଇଗଲେ। ପରିବାରର ମୁରବୀଙ୍କ ପୁଅ ହର୍ଷ କୁହନ୍ତି କି ୩୧ ଅକ୍ଟୋବର ସନ୍ଧ୍ୟାରେ ତାଙ୍କ ପାଖକୁ ଏକ କୋରିୟର ଆସିଲା, ସେଥିରେ ପଠାଇଥିବା ବ୍ୟକ୍ତିଙ୍କ ନାଁ ରାଜଦୀପ ଲେଖାଥିଲା। ଯେତେବେଳେ ସେ ପ୍ୟାକେଟ୍ ଖୋଲିଲେ ସେଥିରେ ତାଙ୍କୁ ଏକ ବକ୍ସ ମିଳିଲା। ସେଥିରେ ୫ ଲକ୍ଷ ଟଙ୍କାର ଚୋରି ହୋଇଥିବା ସୁନା ଗହଣା ଥିଲା। ହର୍ଷ କହିଲେ କି ତାଙ୍କୁ ବାକି ଅନ୍ୟ ଗହଣା ମିଳିନି। ସୋସାଇଟିର ଗେଟରେ ଲାଗିଥିବା ସିସିଟିଭି କ୍ୟାମେରାରୁ ଫୁଟେଜ୍ ଖୋଜିବା ପରେ ପୋଲିସକୁ ୨୦ ବର୍ଷୀୟ ଜଣେ ଯୁବକକୁ କାନ୍ଧରେ ଏକ ସ୍କୁଲ ବ୍ୟାଗ୍ ଟଙ୍ଗାଇ ଯାଉଥିବାର ଦେଖିବାକୁ ମିଳିଲା।

# ବିକାଶ ଖୋଜୁଛି ଆଦିବାସୀଙ୍କ ଗାଁ

## ଗମନାଗମନ ଓ ପାନୀୟଜଳ ସାତସପନ

ଲାଞ୍ଜିଗଡ,୧୧/୫: କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବେନଗାଁ ପଞ୍ଚାୟତଠାରୁ ୭ କିମି ଦୂରରେ ଥିବା ଗାଁ ଭିତର ଧଡେଲରେ ଦେଖାଦେଇଛି ଗମନାଗମନ ଓ ପାନୀୟ ଜଳ ସଙ୍କଟ। ଏହି ଗାଁ ବସତିରୁ ଗ୍ରାମରେ ନଳକୂପ ନଥିବା ଯୋଗୁଁ ବର୍ଷ ବର୍ଷ ଧରି ଝରଣା ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରିଥାନ୍ତି। ଖରାଦିନେ ଝରଣା ପାଣି ଶୁଖିଯିବା ଫଳରେ ପାଣି ମୁନ୍ଦାଏ ପାଇଁ ତହଳ ବିକଳ ହୋଇଥାନ୍ତି। ଆଦିବାସୀ ବା କୁଟିଆକନ୍ଧଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ରହିଛି । ହେଲେ ଏଠି ପହଞ୍ଚି ପାରୁନି। ଏହି ଗ୍ରାମରେ ପ୍ରାୟ ୧୫ ଘର ଆଦିବାସୀ ବା କୁଟିଆ କନ୍ଧ ପରିବାର ଦୀର୍ଘ ବର୍ଷ ଧରି ବସବାସ କରୁଛନ୍ତି। ଏହି ଗ୍ରାମର ମୁଖ୍ୟ ସମସ୍ୟା ହେଉଛି ରାସ୍ତା। ମୂଷାନାଳ ଠାରୁ ବେନଗାଁକୁ ସଂଯୋଗ କରୁଥିବା ମୁଖ୍ୟ ପିଡବ୍ଲୁଡି ରାସ୍ତାର ଧଡେଲ ଗାଁ କଲୋନୀ ପଡାଠାରୁ ପୂର୍ବ ଦିଗରେ ଦୁଇ କିମି ଦୂରରେ ଏହି ଗାଁ ରହିଛି। ଗାଁକୁ ପାଦ ଚଲା ଜଙ୍ଗଲୀ ରାସ୍ତା ରହିଥିବା ବେଳେ କିଛି ଅଂଶ ବନ ବିଭାଗର କଟକଣା ରହିଛି। ରାସ୍ତା ନଥିବା ଯୋଗୁଁ ଗାଁର ବିକାଶ ମୂଳକ କାମ ହୋଇ ପାରୁନଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ସେହିପରି ଏହି ଗାଁରେ ମୂଳରୁ ନଳକୂପ ନ ଥିବା ଯୋଗୁଁ ଏକ କିଲୋମିଟର ଦୂର ଘାଟି ରାସ୍ତା ଦେଇ ଟିଟି ଝରଣାର ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ବର୍ଷା ଦିନରେ ପାଣି ଗୋଳିଆ ଓ ଖରା ଦିନରେ ଟିଟି ଝରଣା ପାଣି ଶୁଖି ଯିବାରୁ ନାହିଁ ନଥିବା ଅସୁବିଧା ଭୋଗିବାକୁ ପଡୁଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏନେଇ ବାରମ୍ବାର ସରପଞ୍ଚ ଓ ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ ପ୍ରଶାସନ ଶୁଣୁନଥିବା ଗାଁ ଲୋକେ କହିଛନ୍ତି। ଏହି ଝରଣା ପାଣିରେ ବିଭିନ୍ନ ବନ୍ୟ ଯନ୍ତୁ ଓ ଗୃହ ପାଳିତ ପ୍ରାଣୀ ଚଳ ପ୍ରଚଳ କରୁଥିବା ବେଳେ ସେହି ଝରଣାର ଦୂଷିତ ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରି ଅନେକ ରୋଗରେ ଆକ୍ରାନ୍ତ ହେଉଛୁ ବୋଲି ପ୍ରକାଶ କରିଥିଲେ ଗ୍ରାମବାସୀ। ଅନେକ ଏନଜିଓ, ସରକାରୀ ସଂସ୍ଥା ଲାଞ୍ଜିଗଡ ବ୍ଲକରେ କାର୍ଯ୍ୟ କରୁଛନ୍ତି। କିନ୍ତୁ କାଗଜ କଲମରେ ହିଁ କାର୍ଯ୍ୟ ସୀମିତ ରହୁଛି ବୋଲି ଲୋକେ ପ୍ରକାଶ କରିଛନ୍ତି। ଆଦିବାସୀଙ୍କ ବିକାଶ ନାରେ ଆସୁଥିବା ଟଙ୍କା ହରି ଲୁଟ ହେଉଛି ବୋଲି ଅଭିଯୋଗ ହେଉଛି । ଏନେଇ ବେନଗାଁ ସରପଞ୍ଚ ପୁରାଣା ମାଝୀଙ୍କୁ ପଚାରିବାରୁ ଗାଁକୁ ଯିବାପାଇଁ ୨ କିମି ଦୂର ପାଦ ଚଲା ରାସ୍ତା ରହିଥିବା ବେଳେ ପ୍ରଥମରେ କିଛି ରେଭନ୍ୟୁ ଫରେଷ୍ଟ ଜଙ୍ଗଲ ରହିଛି। ସେଥିପାଇଁ ପଞ୍ଚାୟତ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଅର୍ଥ ମଞ୍ଜୁର ହୋଇ ମଧ୍ୟ କାମ ହେଉନାହିଁ। ଜିଲ୍ଲା ସ୍ତରରେ ଅଭିଯୋଗ ପରେ ଆରଡି ବିଭାଗ ପକ୍ଷରୁ ଆସି ତଦନ୍ତ କରି ଯାଇଛନ୍ତି ବୋଲି ପ୍ରକାଶ କରିଛନ୍ତି। ତେଣୁ ଗାଁର ସମସ୍ୟା ପ୍ରତି କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ ଜନପ୍ରତିନିଧି ମାନେ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ଦିବ୍ୟାଙ୍ଗ ପରିବାର



ଫୁଲବାଣୀ,୧୧/୫: କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଂଚାୟତ ଅନ୍ତର୍ଗତ ଟେଲା ପାଲି ଗ୍ରାମର ଶିବାଜୀ ରଣା (୫୩) ଜନ୍ମରୁ ଦୃଷ୍ଟିହୀନ ହୋଇଥିବା ବେଳେ ସ୍ତ୍ରୀ ସୁନ୍ଦରୀ ରଣା (୪୭) ମଧ୍ୟ ମାନସିକ ବିକଳାଙ୍ଗ। ତାଙ୍କ ଗୋଟିଏ ବୋଲି ଝିଅ କାଜଲ ରଣା (୧୮) ମଧ୍ୟ ଭିନ୍ନକ୍ଷମ। ଏହି ଭିନ୍ନକ୍ଷମ ପରିବାରକୁ ଅନେକ ବର୍ଷ ତଳେ ଏକ ଇନ୍ଦିରା ଆବାସ ଘର ମିଳିଥିଲା। ତାହା ଏବେ ଦୟନୀୟ ଅବସ୍ଥାରେ ରହିଛି। ଘର ଅତି ପୁରୁଣା ହୋଇଥିବାରୁ ଘର କାନ୍ଥ ସବୁ ଫାଟି ଆଁ କଲାଣି। କେତେବେଳେ ଯେ ଭୁଶୁଡି ପଡିବ କହି ହେବ ନାହିଁ। ଏଭଳି ବିପଦପୂର୍ଣ୍ଣ ଅବସ୍ଥାରେ ଭଙ୍ଗା ଘରେ ଦିନ କାଟୁଛନ୍ତି ଏହି ଭିନ୍ନକ୍ଷମ ପରିବାର ହେଲେ ପ୍ରଶାସନ ଆଖିକୁ ଏ ପରିବାରର ଦୁଃଖ ଦେଖାଯାଉନି। ଭିନ୍ନକ୍ଷମ ହିସାବରେ ବାପ, ଝିଅ ଓ ସ୍ତ୍ରୀ ଙ୍କୁ ଭତ୍ତା ଟଙ୍କା ମିଳୁଛି। ଅନ୍ୟପଟେ ସ୍ତ୍ରୀ ସୁନ୍ଦରୀ ଏଘର ସେଘର ବୁଲି ଅନ୍ୟ ମୂଲ ଲାଗି ଯାହା କିଛି ବି ଧରିକି ଆସୁଛି ସେଥିରେ ୩ ପ୍ରାଣୀଙ୍କ ପେଟ ପାଇଁ ଦାନାର ଯୋଗାଡ଼ କରୁଛନ୍ତି। ଶିବାଜୀ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ଅନେକ ଥର ଆବେଦନ କରିଥିଲେ ମଧ୍ୟ ପ୍ରଶାସନ ଶିବାଜୀଙ୍କ ପରିବାର ପାଇଁ ଘର ଖଣ୍ଡେ ଯୋଗେଇ ଦେଉନଥିବା ଅଭିଯୋଗ ହେଉଛି। ସରପଞ୍ଚଙ୍କ ଠାରୁ ଆରମ୍ଭ କରି ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ବିଡ଼ିଓଙ୍କ ନିକଟକୁ ବାରମ୍ବାର ଘର ଆଶାରେ ଦୌଡ଼ିଛନ୍ତି ହେଲେ ପ୍ରଶାସନିକ ଅଧିକାରୀ ମାନେ ସେକେଣ୍ଡ ଲିଷ୍ଟରେ ଆସିବ ବୋଲି କହି ଦିନ ଗଡାଉ ଥିବା ସେ କହିଛନ୍ତି।

## ୪୦ ଲିଟର ବିଦେଶୀ ମଦ ଜବତ ୪ ଢ଼ାବା ମାଲିକ ଗିରଫ

ପାଟଣା **୧୧/୫(ନି.ପ୍ର):** ପାଟଣା ବ୍ଲକ ଅଞ୍ଚଳ ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ କଡ ତୁରୁମୁଙ୍ଗା ରେ ଥିବା ୪ ଟି ଢ଼ାବା ରେ ଗୁରୁବାର ରାତି ପୁଲିସ ର ସ୍ପେଶାଲ ସ୍କ୍ୱାର୍ଡ ଚଢ଼ାଉ କରି ୪୦ ଲିଟର ବିଦେଶୀ ମଦ ସହ ବିଅର ବୋତଲ ଜବତ କରି ୪ ଢ଼ାବା ମାଲିକ ଙ୍କୁ ଅଟକ ରଖି ତୁରୁମୁଙ୍ଗା ପୁଲିସର ଜିମା ଦେଇଥିଲା ।ଶୁକ୍ରବାର ଏହି ୪ ଢ଼ାବା ମାଲିକ ଙ୍କୁ ଗିରଫ କରି ତୁରୁମୁଙ୍ଗା ପୁଲିସ କୋର୍ଟ ଚାଲାଣ କରିଛି। ଏନେଇ ତୁରୁମୁଙ୍ଗା ଥାନା ରେ ୪ ଟି ମାମଲା ରୁଜୁ ହୋଇଛି।

## ମା ଜାଗୁଳାଇ ଡ୍ରାମାଟିକ କ୍ଲବ ବାଲୁଙ୍କ ପକ୍ଷରୁ ଯାତ୍ରା ମହୋତ୍ସବ ଉଦଘାଟନ

ନିମାପଡା **୧୧/୫(ନି.ପ୍ର):** ପୁରୀ ଜିଲ୍ଲା ନିମାପଡା ବ୍ଲକ ଛଣିଜଙ୍ଗପଂଚାୟତ ବାଲୁଙ୍କ ଗ୍ରାମରେ ମା ଜାଗୁଳାଇ ଡ୍ରାମାଟିକ କ୍ଲବ ପକ୍ଷରୁ ଡ୍ରାମା ଯାତ୍ରା ମହୋତ୍ସବମୁଖ୍ୟ ଅତିଥି ସ୍ଥାନୀୟ ଛଣିଜଙ୍ଗ ପଞ୍ଚାୟତ ସରପଞ୍ଚ ଅଜୟ ପରିଡା ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ନାଟ୍ୟକାର ସ୍ମୃତିରଞ୍ଜନ ମହାନ୍ତି ଓ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ମହାନ୍ତି ଙ୍କୁ ମୁଖ୍ୟ ଅତିଥି ଦ୍ୱାରା ମାନପତ୍ର ଉତ୍ତୋରୀୟ ଦେଇ ସମ୍ମାନିତ କରାଯାଇଥିଲା । ସମ୍ମାନିତ ଅତିଥି ଭାବେ ସହ ନିର୍ଦ୍ଦେଶକ ବାବୁଲି ମଲ୍ଲିକ ଯୋଗଦେଇଥିଲେ ।ଗ୍ରାମାଞ୍ଚଳରେ ଲୁଚି ରହିଥିବା କଳା କୁ ଲୋକ ଲୋଚନକୁ ଆଣିବା ଲାଗି ଏହି ଡ୍ରାମା ଯାତ୍ରା ମହୋତ୍ସବ ର ମୂଳ ଲକ୍ଷ ବୋଲି ନିର୍ଦ୍ଦେଶକ ଶ୍ରୀ ମହାନ୍ତି କହିଥିଲେ । ଯାତ୍ରା ମହୋତ୍ସବ ଆରମ୍ଭ ପୂର୍ବରୁ ଅତିଥି ମାନଙ୍କ ଦ୍ୱାରା ଦୀପ ଜାଳି ପୂଜା କରିବା ପରେ କଳାକାର ଦ୍ୱାରା ନୃତ ଓ ସଙ୍ଗୀତ ପରିବେଷଣ କରାଯିବା ପରେ ପ୍ରଥମ ଦିନରେ ' ମଣିଷ ଗଛର ଛାଇ' ନାଟକ ଜାଗୁଳାଇ ଡ୍ରାମାଟିକ କ୍ଲବ ବାଲୁଙ୍କ ଗୃପ ଦ୍ୱାରା ପରିବେଷଣ କରାଯାଇଥିଲା । ରୂପ ଶଯ୍ୟା ରେ ପ୍ରିଣ୍ଟର ବିପ୍ର ବେହେରା ସଜ ଶଯ୍ୟାରେ ସହଯୋଗ କରିଥିଲେ ।ଏହି ଯାତ୍ରା ମହୋତ୍ସବ କାର୍ଯ୍ୟକ୍ରମ ରେ ଅନୁଷ୍ଠାନ ର ପୂର୍ଣ୍ଣଚନ୍ଦ୍ର ଖଟୋଇ , କର୍ଣ୍ଣ ଖଟୋଇ ,ଆଲୋକ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ରେ ସହଯୋଗ କରିଥିଲେ ।ଏହି ଯାତ୍ରା ମହୋତ୍ସବ କୁ ଦେଖି ଉପଭୋଗ କରିବା ପାଇଁ ବାଲୁଙ୍କ ସହିତ ଆଖ ପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଦର୍ଶକ ଆସି ନାଟକ ଦେଖିବା ସହିତ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ ।

## ମା' ପାଟଖଣ୍ଡା ଠାକୁରାଣୀ ଯାତ୍ରାର ନଗର ଭ୍ରମଣ : ପଞ୍ଚମ ଦିନରେ ଏକାକୀ ଭକ୍ତଙ୍କ ଗୃହ କୁ ଆଗମନ: ଶତାଧିକ ଭକ୍ତ ଙ୍କ ସମାଗମ



ବାଲିଗୁଡା **୧୧/୫(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା 'ପାଟଖଣ୍ଡା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ପାଇଁ ଗାନ୍ଧୀ ଛକ ସ୍ଥିତ ମା 'ବରାଳ ଦେବୀ ମନ୍ଦିର ଅସ୍ଥାୟୀ ମଣ୍ଡପ ବର୍ତ୍ତମାନ ଚଳ ଚଞ୍ଚଳ ହୋଇ ଉଠିଛି । ଏହି ଯାତ୍ରା ମଇ ୬ ତାରିଖରୁ ଆରମ୍ଭ ହୋଇ ଆଜି ପଞ୍ଚମ ଦିନରେ ପହଞ୍ଚି ଥିବା ବେଳେ ଶନିବାର ଦ୍ୱିତୀୟ ନଗର ଭ୍ରମଣ ଆରମ୍ଭ ହୋଇଛି। ଏହା ଜୁନ ୫ ତାରିଖରେ ଶେଷ ହେବ କ୍ଷ ଏକ ମାସ ବ୍ୟାପୀ ମା' ଅସ୍ଥାୟୀ ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେବେ। ଏ ନେଇ ସମଗ୍ର ବାଲିଗୁଡା ସହର ଉତ୍ସବମୁଖର ହୋଇଉଠିଛି। ଅସ୍ଥାୟୀ ପୀଠ ରେ ମା 'ପାଟଖଣ୍ଡା ଙ୍କ ସମେତ ମା' କନକ ଦୁର୍ଗା, ମା' ଡେଙ୍ଗସିଲ, ମା' ବରାଳଦେବୀ, ମା' ମହାମାୟୀ ଓ ମା' ଦକ୍ଷିଣ କାଳୀ ବିରାଜ ମାନ ଅଛନ୍ତି କ୍ଷ ପ୍ରତିଦିନ ସକାଳ ଓ ସନ୍ଧ୍ୟା କାଳୀନ ଆଳତୀ ସମୟରେ ଶହ ଶହ ଭକ୍ତଙ୍କ ସମାଗମ ହେଉଛି କ୍ଷ ଶନିବାର ପଞ୍ଚମ ଦିନରେ ବାଲିଗୁଡା ଟାଉନ ର ଗୁଳିମରା ପଦା ସାହି ନିବାସୀ ସିଏଚ.ଗୋପାଳ ପାତ୍ର ନିଜ ବାସଭବନରେ ନିଜେ ଏକାକୀ ସାହି କୁ ଆଣି ସାହି ପରିଭ୍ରମଣ କରି ଆସିଥିଲେ। ଏହି ଅବସରରେ ସନ୍ଧ୍ୟା ଆଳତୀ ପରେ ପରେ ଏକ ବିରାଟ ପଟୁଆର ରେ ବିଭିନ୍ନ ପ୍ରକାର ନୃତ୍ୟ, ଗୀତ ସହ ବାଜା ବଜାଇ ଟାଉନର ବିଭିନ୍ନ ସାହି, କଲୋନୀ ଦେଇ ଗୁଳିମରା ପଦା ସାହି ଗୋପାଳ ଙ୍କ ଘର ସମ୍ମୁଖରେ ଅସ୍ଥାୟୀ ପୂଜା ମଣ୍ଡପ ରେ ପହଞ୍ଚି ଥିଲେ। ଉକ୍ତ ପୂଜା ମଣ୍ଡପ ରେ ସାହି ର ସମସ୍ତ ଭକ୍ତ ବିଶେଷ କରି ମହିଳା ଭକ୍ତ ମାନେ ଉପସ୍ଥିତ ରହି ମା' ଙ୍କ ଶୁଭାଶିର୍ବାଦ ଭିକ୍ଷା କରିଥିଲେ କ୍ଷ ଏକ ମାସ ଧରି ଚାଲିବାକୁ ଥିବା ଏହି ଯାତ୍ରା ଟାଉନର ଭିନ୍ନ ଭିନ୍ନ ସାହିରେ ପର୍ଦାର୍ପଣ କରିବେ, ଏହି ପରିପ୍ରେକ୍ଷୀରେ ଆକର୍ଷଣୀୟ ମେଢ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ଆକର୍ଷଣୀୟ ପୂଜା ମଣ୍ଡପ ସାଙ୍ଗକୁ ଅସ୍ଥାୟୀ ମଣ୍ଡପ ତୋରଣର ନିର୍ମାଣ କାର୍ଯ୍ୟ ଭକ୍ତ ଙ୍କୁ ବେଶ ଖୋରାକ ଯୋଗାଉଛି। ଠାକୁରାଣୀ ଯାତ୍ରା କାଳରେ ଅପେରା, ମୀନାବଜାର, ଖାଦ୍ୟ ପସରା ଭଳି ଆକର୍ଷଣୀୟ କାର୍ଯ୍ୟକ୍ରମ ମନ ମୋହିବା ସୁନିଶ୍ଚିତ ଥିବା ବେଳେ ମା'ଙ୍କ କୃପା ଭିକ୍ଷା ପାଇଁ ଶ୍ରଦ୍ଧାଳୁ ଉତ୍କଣ୍ଠାର ସହ ଅସ୍ଥାୟୀ ମଣ୍ଡପ କୁ ଆସି ଦର୍ଶନ କରୁଥିବା ଦେଖିବାକୁ ମିଳୁଛି ।ଏଥିରେ ମା ' ପାଟଖଣ୍ଡା ଦୁର୍ଗାପୂଜା ସମିତିର ସମସ୍ତ ସଦସ୍ୟ ଙ୍କ ସମେତ ଏହି ଠାକୁରାଣୀ ଯାତ୍ରାର ଏକ ୫ଜଣିଆ କମିଟି ସଦସ୍ୟ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ପରିଚାଳନା କରୁଛନ୍ତି ।

## ପୁରୀ ଅଫିସିଆଲ ପ୍ରିମିୟର ଲିଗ ଉଦଯାପିତ ନିମାପଡା ଦଳ ୪ ୱିକେଟ ରେ ବିଜୟୀ

ନିମାପଡା **୧୧/୫(ନି.ପ୍ର):** ଐତିହାସିକ ନିମାପଡା ବାରବାଟୀ ପଡିଆ ଠାରେ ନିମାପଡା ତହସିଲ ପକ୍ଷରୁ ଅନୁଷ୍ଠିତ ପୁରୀ ଅଫିସିଆଲ ତୃତୀୟ ପ୍ରିମିୟର ଲିଗରେ ନିମାପଡା ଦଳ ଚମ୍ପିୟାନ ହୋଇଛି ।ଆଜି ପୂର୍ବାହ୍ନରେ ଗୋପ ଓ ନିମାପଡା ଅଫିସିଆଲ ଗ୍ରୁପ ମଧ୍ୟରେ ଏହି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା ।ଗୋପ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୬ୱିକେଟ ବିନିମୟରେ ୧୦୮ ରନ କରିଥିଲେ ।ନିମାପଡା ଦଳ ୬ୱିକେଟ ବିନିମୟରେ ୧୫.୫ ଓଭରରେ ୧୧୨ରନ କରି ବିଜୟୀ ହୋଇଥିଲେ ।ଏଥିରେ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ନିମାପଡା ତହସିଲଦାର ମନୋଜ କୁମାର ପ୍ରଧାନ ଯୋଗ ଦେଇ ଖେଳ ଶୃଙ୍ଖଳା ଓ ଭାଇଚାରାର ଶିକ୍ଷା ଦେଇଥାଏ ବୋଲି କହିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।ପରେ ଚମ୍ପିୟାନ ଦଳକୁ ୨୦ ହଜାର ଟଙ୍କା ର ଚେକ ସହ ଟ୍ରଫି ଓ ରନର୍ସ ଅପ ଦଳକୁ ୧୫ ହଜାର ଟଙ୍କା ର ଚେକ ସହ ଟ୍ରଫି ପ୍ରଦାନ କରାଯାଇଥିଲା ।ଗୋପ ପକ୍ଷରୁ କାମାକ୍ଷା ପ୍ରସାଦ ମଲ୍ଲିକ ସର୍ବାଧିକ ୪୦ ରନ କରିଥିବା ବେଳେ ନିମାପଡା ପକ୍ଷରୁ ସତ୍ୟବାନ ପଲେଇ ୩ଟି ୱିକେଟ ନେଇଥିଲେ ।ନିମାପଡା ପକ୍ଷରୁ ମନୋଜ କୁମାର ବେହେରା ୭୦ ରନ କରିଥିବା ବେଳେ ଗୋପ ପକ୍ଷରୁ ଜିତେନ୍ଦ୍ର ଛାଟୋଇ ଓ ପଙ୍କଜ ଖଟୋଇ ୨ ଟି ଲେଖାଏଁ ୱିକେଟ ନେଇଥିଲେ ।ନିମାପଡା ଦଳର ମନୋଜ କୁମାର ବେହେରା ୭୦ ରନ କରିବା ସହ ଗୋଟିଏ ୱିକେଟ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ଟ୍ରଫି ଦିଆଯାଇଥିଲା ।ଏଥିରେ ନିମାପଡା ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ,ସତ୍ୟବାଦୀ ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା, ରାଜସ୍ୱ ପର୍ଯ୍ୟବେକ୍ଷକ ରାମଚନ୍ଦ୍ର ମହାପାତ୍ର,ସେକ୍ସନ ଅଫିସର ସସ୍ମିତା ଦାସ, ସମସ୍ତ ରାଜସ୍ୱ ନିରୀକ୍ଷକ, ଉଭୟ ନିମାପଡା ଓ ଗୋପ ତହସିଲର କର୍ମଚାରୀ ମାନେ ସହଯୋଗ କରିଥିଲେ।

## ହାଇ ପ୍ରୋଫାଇଲ ଗଞ୍ଜେଇ ମାଫିଆ ଗିରଫ, ଗଞ୍ଜେଇ ସହ ଦାମୀ କାର ଜବତ

ବାଲିଗୁଡା **୧୧/୫(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ଅଞ୍ଚଳ ରୁ ଆନ୍ତଃ ରାଜ୍ୟକୁ ଗଂଜେଇ ଚୋରା ଚାଲାଣ ବେଳେ ମାଡ଼ି ବସିଲା ପୋଲିସ । ବାଲିଗୁଡ଼ା ଥାନା ଅନ୍ତର୍ଗତ ବାରଖମା ରୁ ଅନ୍ୟ ରାଜ୍ୟ କୁ ଗଂଜେଇ ଚୋରା ଚାଲାଣ ହେଉଥିବା ଖବର ପାଇଥିଲା ବାଲିଗୁଡା ପୋଲିସ କ୍ଷ ବାରଖମା ଫାଣ୍ଡି ଅଧିକାରୀ ବିକାଶ ଜକ୍ଷଲ ଙ୍କ ନେତୃତ୍ୱ ରେ ପୋଲିସ ସଦଳବଳେ ଗାଡି ନମ୍ବର - ଓଡ଼ି-୦୨-ଏସ-୧୯୯ କୁ -ଅଟକାଇ ୫୬ କିଲୋ ୫୦୦ ଶହ ଗ୍ରାମ ଗଂଜେଇ ସହିତ ଗାଡି କୁ ଜବତ କରିଛି କ୍ଷ ଗିରଫ ହାଇପ୍ରୋଫାଇଲ ଗଞ୍ଜେଇ ମାଫିଆ ବାରଖମା ଗ୍ରାମର ଡ଼ି. ବ୍ରୋଶ ଆଲାମ ଓରଫ ରିପୁ ଡିଗାଲ ବୋଲି ଜଣା ପଡିଛି କ୍ଷ ସୂଚନାଯୋଗ୍ୟ ଯେ ଦୀର୍ଘ ବର୍ଷ ହେବ ରିପୁ ଡିଗାଲ ଗଞ୍ଜେଇ ଚୋରା ଚାଲାଣ କଳା କାରନାମା ରେ ଲିପ୍ତ ଥିଲା, କିନ୍ତୁ ପୋଲିସ ଆଖିରେ ଧୁଳିଦେଇ ଖସି ଯାଉଥିଲା କ୍ଷ ଏନେଇ ବାଲିଗୁଡା ଥାନାରେ କେଶ ନମ୍ବର ୧୪୦/୨୫ ପ୍ରକାରେ ଏକ ମାମଲା ରୁଜୁ ହୋଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।



## କଲମା ବ୍ୟାରେଜର ୬୫ଗେଟ୍ ବନ୍ଦ, ଓଡ଼ିଶାରେ ଉତ୍କଟ ଜଳ ସଙ୍କଟ

# ସରକାରଙ୍କ ହସ୍ତକ୍ଷେପ ଦାବିକଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର : ଛତିଶଗଡ଼ ସରକାର କଲମା ବ୍ୟାରେଜର ସମସ୍ତ ଗେଟ୍ ବନ୍ଦ କରିବା ଦ୍ୱାରା ଓଡ଼ିଶାରେ ଗମ୍ଭୀର ଜଳ ସମସ୍ୟା ସୃଷ୍ଟି ହୋଇଛି। ଚଳିତବର୍ଷ ଏପ୍ରିଲ ଆରମ୍ଭରୁ କଲମା ବ୍ୟାରେଜର ୬୬ଗେଟ୍ ମଧ୍ୟରୁ ୬୫ଟି ଗେଟ୍ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କେବଳ ଗୋଟିଏ ଗେଟ୍‌ରେ ମାତ୍ର ୫ ସେଟିମିଟର ଖୋଲା ରହିଛି। ଯାହାଫଳରେ ମହାନଦୀର ନିମ୍ନ ଅବବାହିକା ଜଳ ସ୍ରୋତ କମିବା ସହିତ ମହାନଦୀର ସମସ୍ତ ଶାଖାନଦୀ ଗୁଡ଼ିକ ଶୁଖି ଗଲାଣି ।ପ୍ରତ୍ୟେକ ଥର ଛତିଶଗଡ଼ ସରକାରଙ୍କ ଏପରି ଏକଚଟିଆ ନିଷ୍ପତି ଯୋଗୁ ଓଡ଼ିଶାବାସୀଙ୍କ ପାଇଁ ଏକ ଗମ୍ଭୀର ଜଳ ଅଭାବ ସୃଷ୍ଟି ହୋଇଛି। କାରଣ ମାର୍ଚ୍ଚ ମାସ ଶେଷ ସପ୍ତାହରୁ ରାଜ୍ୟରେ କୌଣସି ପାଣି ପ୍ରବାହିତ ହୋଇନାହିଁ। ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକର ସୁଖାସୋଡ଼ା ପରି ଅ□ଳରେ ଯେଉଁଠାରୁ ମହାନଦୀ ଓଡ଼ିଶାରେ ପ୍ରବେଶ କରେ, ସେହି ନଦୀପଠା ଏବେ ମରୁଭୂମି ପାଲଟିଛି। ଟ୍ରିପଲ୍ ଇଞ୍ଜିନ ସରକାରଙ୍କ ବିଫଳତା ଯୋଗୁ ଏଭଳି ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି। କେନ୍ଦ୍ର ଛତିଶଗଡ଼ ଏବଂ ଓଡ଼ିଶାରେ ବିଜେପି ନେତୃତ୍ୱାଧୀନ ସରକାର ଏହା ଉପରେ ଦୃଷ୍ଟ ନଦେବା ଦୁର୍ଭାଗ୍ୟର ବିଷୟ।



କେନ୍ଦ୍ର ସରାକରଙ୍କ ନିୟନ୍ତ୍ରଣ ଏବଂ ଉଭୟ ରାଜ୍ୟରେ ବିଜେପିର ଉପସ୍ଥିତି ସତ୍ତ୍ୱେ ଦୀର୍ଘକାଳୀନ ମହାନଦୀ ଜଳ ବିବାଦ ଅସମାହିତ ହୋଇ ରହିଛି ଯାହା ଓଡ଼ିଶାରେ ଜଳ ଅଭାବ ସୃଷ୍ଟି କରିଛି। ଜଳ ଅଭାବର ପ୍ରଭାବ ସୁଦୂରପ୍ରସାରୀ। ପାରମ୍ପରିକ ଭାବରେ ଜୀବିକା ପାଇଁ ମହାନଦୀ ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀମାନେ ଏବେ ଜୀବିକା ନିର୍ବାହ ପାଇଁ ସଂଘର୍ଷ କରୁଛନ୍ତି। ପାଣିର ଅଭାବ ଚାଷୀମାନଙ୍କୁ ମଧ୍ୟ ପ୍ରଭାବିତ କରିଛି। ବିଶେଷକରି ରବି ଫସଲ ଚାଷ କରୁଥିବା କୃଷକମାନେ ଜଳସେଚନ ପାଇଁ ନଦୀ ଜଳ ଉପରେ ନିର୍ଭର କରନ୍ତି, ସେମାନେ ଏବେ ନିଜର ଜୀବିକା ହରାଉଛନ୍ତି। ଏହି ସମସ୍ୟା କେବଳ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁନାହିଁ ବରଂ ଓଡ଼ିଶାରେ ଭୂତଳ ଜଳସ୍ତରରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରସା ଘଟିଛି ।ଦୁଇ ରାଜ୍ୟ ମଧ୍ୟରେ ଦୀର୍ଘକାଳୀନ ଜଳ ବିବାଦର ସମାଧାନ କରିବା ଲକ୍ଷ୍ୟରେ ସୁପ୍ରିମକୋର୍ଟ ୧୨ ମାର୍ଚ୍ଚ ୨୦୧୮ରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ପ୍ରତିଷ୍ଠା କରିଥିଲେ। କିନ୍ତୁ ସାତବର୍ଷ ପରେ ଏହି ସମସ୍ୟାର ସମାଧାନ ଅଦ୍ୟାବଧି ହୋଇପାରି ନାହିଁ। ଅଣମୌସୁମୀ ଋତୁରେ କଲମା ବ୍ୟାରେଜର ଗେଟ୍ ବନ୍ଦ ହେବା ଦ୍ୱାରା ଓଡ଼ିଶାରେ ଜଳ ସମସ୍ୟାକୁ ଆହୁରି ଜଟିଳ କରିଛି। ଓଡ଼ିଶାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗିରହିଛି, ଏଥିପାଇଁ ପାଣି ଏବେ ଲୋକଙ୍କର ନିତାନ୍ତ ଆବ୍ୟକ, ଏଭଳି ଏକ ଗମ୍ଭୀର ସମୟରେ ସରାକାର କୌଣସି ପଦକ୍ଷେପ ନ ନେଇ ବୀରବଦ୍ରଷ୍ଟା ସାଜିଛନ୍ତି ଯାହା ସରକାରଙ୍କ ଅପାରଗତାକୁ ସୁଚାଉଛି। ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ଶିବ ହାତୀ ଯାଦବ ଛତିଶଗଡ଼ ସରକାରଙ୍କ ନିଷ୍ପତିକୁ କଡ଼ା ନିନ୍ଦା କରିବା ସହିତ ଛତିଶଗଡ଼ ସରକାର ଓଡ଼ିଶାକୁ ମରୁଭୂମିରେ ପରିଣତ କରିବାର ପ୍ରୟାସ କରୁଛନ୍ତି ବୋଲି କହିଛନ୍ତି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ, ମହାନଦୀ ଜଳ ବିବାଦର ଶୀଘ୍ର ସମାଧାନ ହେବା ଆବଶ୍ୟକ। କାରଣ ଏହା ଓଡ଼ିଶାର ଲୋକଙ୍କ ବଚବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ଜଳ ସଙ୍କଟ ସମସ୍ୟାର ସାଧାନ କରନ୍ତୁ ବୋଲି ଶ୍ରୀ ଯାଦବ ଦାବି କରିଛନ୍ତି।

## ଜାମଦା ବ୍ଲକ ଅଂଚଳରେ ଲକ୍ଷ୍ମୀ ବସ୍ ଷ୍ଟପ୍ ଯାତ୍ରୀ ପ୍ରତିକ୍ଷାଳୟ ନିମ୍ନମାନର ଅଭିଯୋଗ

ମୟୂରଭଞ୍ଜ **୧୧/୫(ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଅଞ୍ଚଳରେ ନିର୍ମାଣ ହୋଇଥିବା ଅଧିକାଂଶ ଲକ୍ଷ୍ମୀ ବସ୍ ଷ୍ଟପ୍ ଯାତ୍ରୀ ପ୍ରତିକ୍ଷାଳୟ ଜନସାଧାରଣଙ୍କ କାମରେ ଲାଗୁନଥିବା ଅଭିଯୋଗ ହେଉଥିଲାବେଳେ ଲକ୍ଷ୍ମୀ ବସ୍ ଷ୍ଟପ୍ ଯାତ୍ରୀ ପ୍ରତିକ୍ଷାଳୟ ଜାମଦା ବ୍ଲକର ବିଭିନ୍ନ ସ୍ଥାନରେ ନିମ୍ନମାନର କାର୍ଯ୍ୟ କରି ଠିକାଦାର,ଯନ୍ତ୍ରୀ ଓ ନେତା ଲକ୍ଷ ଲକ୍ଷ ଟଂକା ଆତ୍ମସାତ କରିଥିବା ବିଭିନ୍ନ ଛକ ବଜାରରେ ଆଲୋଚନା ହେଉଥିବା ଜାଣିବାକୁ ମିଳୁଛି ।ଅନେକସ୍ଥାନରେ ନିମ୍ନମାନର କାର୍ଯ୍ୟହେତୁ ଯାତ୍ରୀମାନେ ମନରେ ଭୟ ରଖି ପ୍ରତିକ୍ଷାଳୟରେ ନ ରହି ରାସ୍ତା କଡ଼ରେ ଛିଡା ହେଉଥିବା ଦେଖିବାକୁ ମିଳୁଛି ।ସୂଚନାଯୋଗ୍ୟ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୋଟ୍ ପାଇଁ ତତ୍କାଳୀନ ଆରମ୍ଭ କରିଥିଲେ ଲକ୍ଷ୍ମୀ ବସ୍ ଯୋଜନା ।କିନ୍ତୁ ଯୁଦ୍ଧକାଳୀନଭିତ୍ତିରେ ଜାମଦା ବ୍ଲକ ଅଞ୍ଚଳରେ ଏହି ଲକ୍ଷ୍ମୀ ବସ୍ ଷ୍ଟପ୍ ର ଯାତ୍ରୀ ପ୍ରତିକ୍ଷାଳୟ ନିର୍ମାଣ କରାଯାଇଥିଲା ଯାହା ନିମ୍ନମାନର କାର୍ଯ୍ୟ ହୋଇଥିବା ଦେଖିବାକୁ ମିଳୁଛି ।ଏହାର ଜ୍ୱଳନ୍ତ ଉଦାହରଣ ଜାମଦା ବ୍ଲକ ରଙ୍ଗାମାଟିଆ ଓ ହରିଲାବେଡ଼ା ରେ ଥିବା ଲକ୍ଷ୍ମୀ ବସ୍ ଷ୍ଟପ୍ ଯାତ୍ରୀ ପ୍ରତିକ୍ଷାଳୟ ।ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଏସବୁ ଜାମଦା ବ୍ଲକ ଅଞ୍ଚଳରେ ହୋଇଥିବା ଲକ୍ଷ୍ମୀ ବସ୍ ଷ୍ଟପ୍ ଯାତ୍ରୀ ପ୍ରତିକ୍ଷାଳୟ କିପରି ବ୍ୟବହାର ଯୋଗ୍ୟ ହୋଇପାରିବ ଏବଂ ରଙ୍ଗାମାଟିଆ ଓ ହରିଲାବେଡ଼ା ଲକ୍ଷ୍ମୀ ପ୍ରତିକ୍ଷାଳୟ ର ଫାଟି ଯାଇଥିବା କାନ୍ଥ,ଚଟାଣରୁ ଉଠିଯାଇଥିବା ମାର୍ବଲ ଆଦି କାମକୁ ତୁରନ୍ତ ମରାମତି କାର୍ଯ୍ୟ କରିବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି ।

## ଭ୍ରାମ୍ୟମାଣ ଜଳଛତ୍ର ସେବା ଉଦ୍‌ଘାଟିତ



ଭୁବନେଶ୍ୱର, : ଶ୍ରୀ ଶିରିଡି ସାଇ ଟ୍ରଷ୍ଟ ପକ୍ଷରୁ ଭ୍ରାମ୍ୟମାଣ ଜଳଛତ୍ର ସେବା ପଟିଆ ସ୍ଥିତ ଶିରିଡି ସାଇ ଛକ ଠାରେ ଉଦ୍‌ଘାଟିତ ହୋଇଯାଇଛି । ଟ୍ରଷ୍ଟର ଅଧ୍ୟକ୍ଷ ତଥା ୧ ନମ୍ବର ୱାର୍ଡର କର୍ପୋରେଟର ମିହିର କୁମାର ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଓ ୬ ନଂ ୱାର୍ଡର କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ବର୍ତମାନ ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ହେଉଥିବାରୁ ଏହି ଜଳସେବା ପଥିକ ମାନଙ୍କୁ ବେଶ ସହାୟକ ହେବ ବୋଲି କହିଥିଲେ । ଏହି ଭ୍ରାମ୍ୟମାଣ ଜଳସେବା ପଟିଆ ଛକଠାରୁ ଜୟଦେବ ବିହାର ଛକ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଯାତ୍ରା କରିବ । ପ୍ରତି ଛକରେ କିଛି ସମୟ ରହି ଦହିପାଣି ଓ ସାଧା ପାଣି ବଣ୍ଟନ କରାଯିବ ବୋଲି ମିହିର ରାଉତ କହିଛନ୍ତି ।

## ନୀଳାଦ୍ରି ବିହାର ସରସ୍ୱତୀ ଶିଶୁ ମନ୍ଦିରର ଶତ ପ୍ରତିଶତ ସଫଳତା

ଭୁବନେଶ୍ୱର :ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ନୀଳାଦ୍ରି ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପୂର୍ବବର୍ଷ ପରି ଚଳିତ ବର୍ଷ ମଧ ଶତ ପ୍ରତିଶତ ସଫଳତା ହାସଲ କରିଛି। ଏଥର ୨୨୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସମସ୍ତେ କୃତକାର୍ଯ୍ୟ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏ-୧ ରେ ୧୫ ଜଣ ରହିଥିଲାବେଳେ ୧୬୪ ଜଣ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି। ପ୍ରତ୍ୟୁଷା ପ୍ରୟଦର୍ଶନୀ ସାହୁ ୫୭୫ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଶ୍ରୀପର୍ଣ୍ଣା ରାଉତରାୟ, ସୁର୍ଯ୍ୟକାନ୍ତ ମହାପାତ୍ର ୫୬୫ ନମ୍ବର ରଖି ଯୁଗ୍ମ ଭାବରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲାବେଳେ ଶ୍ରୀୟା ସାଲିନ ପ୍ରିୟଦର୍ଶନୀ ଭୋଇ ୫୬୨ ନମ୍ବର ରଖି ତୃତୀୟ ହୋଇଛନ୍ତି। ଆଜି ବିଦ୍ୟାଳୟ ପରିସରରେ ପ୍ରଧାନ ଆଚାର୍ଯ୍ୟ ନେତ୍ରାନନ୍ଦ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟିର ଉପସଭାପତି ପଙ୍କଜ କୁମାର କର ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ପରିଶ୍ରମ କଲେ ନିଶ୍ଚୟ ସଫଳତା ମିଳିବ ବୋଲି କହିଥିଲେ।

# ବାଲିଗୁଡାରେ ପ୍ରବଳ ଖରା ଓ ଗରମ ସାଙ୍ଗକୁ ଅଘୋଷିତ ବିଜୁଳି କାଟ୍ କୁ ନେଇ ଉପଭୋକ୍ତାଙ୍କ ମହଲରେ ଅସନ୍ତୋଷ: ଜନଜୀବନ ଅସ୍ତବ୍ୟସ୍ତ



ବାଲିଗୁଡା ,**୧୧/୫(ନି.ପ୍ର):** ରାଜ୍ୟରେ ଦିନକୁ ଦିନ ବଢି ଚାଲିଛି ଗ୍ରୀଷ୍ମପ୍ରବାହ ଓ ଏହାର ପ୍ରଭାବ କନ୍ଧମାଳ ଜିଲ୍ଲା ବାଲିଗୁଡା ସହରରେ ମଧ ଦେଖିବାକୁ ମିଳିଛି ଓ ଦିନସାରା ଚଳଚଞ୍ଚଳ ରହୁଥିବା ବାଲିଗୁଡା ସହରର ସ୍ଥିତି କିନ୍ତୁ ବର୍ତ୍ତମାନ ବଦଳି ଯାଇଛି ଓ ବର୍ତ୍ତମାନ ଦିନ ବେଳା ଏହାର ରାସ୍ତାଘାଟ ସମ୍ପୂର୍ଣ୍ଣ ଶୁନଶାନ୍ ରହୁଛି ଓ ବର୍ତ୍ତମାନ ସକାଳ ଆଠ ଘଣ୍ଟା ପରଠାରୁ ଖରା ବୃଦ୍ଧି ପାଇ ଦିନ ଏଗାରଟା ବେଳକୁ ଏହା ଅସହ୍ୟ ହୋଇପଡୁଛି ଓ ଏହି ଖରା ସନ୍ଧ୍ୟା ପାଞ୍ଚଟା ପର୍ଯ୍ୟନ୍ତ ରହୁଛି ଓ ଏପଟେ ଦିନ ବାରଟା ପରଠାରୁ ଅପରାହ୍ନ ଚାରିଟା ପର୍ଯ୍ୟନ୍ତ ସହରରେ କୌଣସି ଲୋକଙ୍କୁ ଦେଖିବାକୁ ମିଳୁନି ଓ ଗାଡ଼ିମଟର ଯାତାୟତ ସମ୍ପୂର୍ଣ୍ଣରୂପେ ବନ୍ଦ ରହୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ ଓ ରାସ୍ତାଘାଟ ଖାଁ ଖାଁ ଲାଗୁଛି ଓ ପୂର୍ବରୁ ଏହିଭଳି ଖରା କେବେ ହୋଇନଥିବା କଥା ସ୍ଥାନୀୟ ଜନସାଧାରଣ କହୁଛନ୍ତି ଓ ଦିନ ସାରା ପ୍ରବଳ ଖରା ସାଙ୍ଗକୁ ରାତିର ପ୍ରବଳ ଗୁଳୁଗୁଳି ଜୀବନ ଯନ୍ତ୍ରଣାକୁ ବଢାଇଦେଉଛି ଓ ଗୁଳୁଗୁଳି ଯୋଗୁଁ ଲୋକଙ୍କୁ ରାତି ଗୋଟାଏ ପର୍ଯ୍ୟନ୍ତ ନିଦ ହେଉନି ଓ ଆଜି ବାଲିଗୁଡା ରେ ତାପମାତ୍ରା ସର୍ବାଧିକ ୩୯ ଡିଗ୍ରିଥିବା ଜଣାପଡିଛି । ଗତ ପାଞ୍ଚ ଦିନ ହେଲା ପାରଦ ୪୦ ରୁ ୪୨ ଡିଗ୍ରୀ ରହୁଛି । ଆଗାମୀ ଦିନରେ ଏହା ଅଧିକା ଡିଗ୍ରୀ ଛୁଇଁବାର ସମ୍ଭାବନା ଅଛି । ପ୍ରବଳ ଗରମରେ ଛୋଟ ଛୁଆ, ବୟସ୍କଙ୍କ ଅବସ୍ଥା ଅତି ଶୋଚନୀୟ ହୋଇପଡୁଛି ଓ ଏସି, କୁଲର୍, ପଙ୍ଖା କିଛି ବି କାମ କରୁନି ଓ ଏହା ସହିତ ତାଳ ଦେଉଛି ଆଘୋଷିତ ବିଦ୍ୟୁତ୍ କାଟ ଓ ଲୋକେ ଗୁଳୁଗୁଳିରେ ଛଟପଟ ହୋଇ ବିଳମ୍ବରେ ଶୋଉଥିବା ବେଳେ ସକାଳୁ ସକାଳୁ ଅଘୋଷିତ ବିଦ୍ୟୁତ୍ କାଟ ହେବା ଯୋଗୁଁ ଲୋକଙ୍କ ଯନ୍ତ୍ରଣା ସକାଳୁ ସକାଳୁ ହିଁ ବଢ଼ି ଯାଉଛି ଓ ସହରରେ ମନ ଇଚ୍ଛା ବିଦ୍ୟୁତ୍ କାଟ ହେବା ଯୋଗୁଁ ଜନ ଅସନ୍ତୋଷ ବୃଦ୍ଧି ପାଉଛି ଓ କେଉଁ କାରଣରୁ ବିଜୁଳିକାଟ୍ କରାଯାଉଛି ତାହା ଜଣାପଡୁନି । ପୂର୍ବରୁ ତାର ଛିଡିଯିବା କିମ୍ବା ଶଙ୍ଖ ଫାଟିଯିବା କଥା କହି ବିଜୁଳି ବିଭାଗ ବିଜୁଳିକାଟ୍ କରୁଥିବା ବେଳେ ଏବେ ମେଣ୍ଟନାନ୍ସ କଥା କହି ବିଜୁଳିକାଟ୍ କରାଯାଉଛି ବୋଲି ଶୁଣିବାକୁ ମିଳୁଛି । ଖରା ହେଉ କି ବର୍ଷା କିମ୍ବା ଶୀତ ସବୁ ବେଳେ ବିଜୁଳି କାଟ୍ । ସେହିପରି ସାମାନ୍ୟ ବର୍ଷା ପବନ କିମ୍ବା ବିଜୁଳି ଘଡଘଡି ହେଲେ ଘଣ୍ଟା ଘଣ୍ଟା ଧରି ବିଜୁଳି କାଟ୍ କରାଯାଉଛି । ଏହି ବିଜୁଳିକାଟ୍ ର କୌଣସି ସମୟସୀମା ନାହିଁ । ଯେତେବେଳେ ନାହିଁ ସେତେବେଳେ କରାଯାଉଛି ବିଜୁଳିକାଟ୍ । ଦିନରର ଅଧିକାଂଶ ସମୟ ବିଜୁଳି ରହୁନଥିବା ବେଳେ ବିଳମ୍ବିତ ରାତି ଆଉ ଭୋର ସମୟରେ ମଧ ବିଜୁଳିକାଟ୍ କରାଯାଉଛି ।ଏ ନେଇ ସମଗ୍ର ବାଲିଗୁଡା ଅଞ୍ଚଳରେ ଅଘୋଷିତ ବିଜୁଳିକାଟ୍ କୁ ନେଇ ଉପଭୋକ୍ତାଙ୍କ ମହଲରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ଅଧିକାଂଶ ସମୟରେ ବିନା କାରଣରେ ବିଜୁଳିକାଟ୍ କରାଯିବାର କାରଣ ଜଣାପଡୁନି । ଏ ସଂପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ ପଚରାଯିବାରୁ ସେ କହିଲେ ଯେ, ଫୁଲବାଣୀ ସେକ୍ସନ ବିଦ୍ୟୁତ ବାରମ୍ବାର ଟ୍ରିପ ନେଉଛି, ଯାହାକି କଣ୍ଟ୍ରୋଲ କରି ହେଉନାହିଁ, ଏଣୁ ବାରମ୍ବାର ବିଦ୍ୟୁତ ବିଭ୍ରାଟ ହେଉଛି, ଏଣୁ ବେଶୀ ସମୟ ଏପରି ହେଲେ ବାଧ ହୋଇ ଲୋ ଭୋଲଟେଜ ରେ ରାଇକିଆ ଷ୍ଟ୍ରକଚର ଲାଇନ ଦିଆ ଯାଉଛି ବୋଲି ପ୍ରକାଶ କରିଛନ୍ତି ।

## ମୁଁ ବି ଗାଇବି, ମୁଁ ବି ନାଚିବି ପ୍ରତିଭା ପ୍ରତିଯୋଗୀତା -୨୦୨୫ ଅନୁଷ୍ଠିତ

ଗୁଣପୁର **୧୧/୫(ନି.ପ୍ର):** ଏମ୍ ଆର୍ଟ୍ ଭାରତୀୟ କଳା ଓ ସାଂସ୍କୃତିକ କେନ୍ଦ୍ର, ଗୁଣପୁର ତରଫରୁ ପ୍ରତ୍ୟେକ ବର୍ଷ ଭଳି ବାର୍ଷିକ ଉତ୍ସବ ପୂର୍ବରୁ 'ମୁଁ ବି ଗାଇବି, ମୁଁ ବି ନାଚିବି !' ପ୍ରତିଭା ପ୍ରତିଯୋଗୀତା - ୨୦୨୫ , ସିଜନ୍ - ୨ ମାଧ୍ୟମରେ ଘୁଙ୍ଗୁର ପ୍ରତିଭା ସମ୍ମାନ ପାଇଁ ପ୍ରତିଭା ଅନ୍ୱେଷଣ କାର୍ଯକ୍ରମ ସ୍ଥାନୀୟ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବା ପୂର୍ବରୁ ସ୍ଥାନୀୟ ମ୍ୟୁନିସିପାଲଟି ର ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଶିବ ପ୍ରସାଦ ଗୌଡ, ସ୍ଥାନୀୟ ଆଦର୍ଶ ଥାନାର ଇନ୍ସପେକ୍ଟର ଶ୍ରୀ ସଞ୍ଜୀବ କୁମାର ପଟ୍ଟନାୟକ, ସଙ୍ଗୀତକଳା ରେ ନୈପୁଣ୍ୟତା ହାସଲ କରିଥିବା ଆଦର୍ଶ ଶିକ୍ଷକ ଶ୍ରୀ ଏମ୍ .କେଶବ ରାଓ, ଅନୁଷ୍ଠାନର ମୁଖ୍ୟ ତଥା ନିର୍ଦ୍ଦେଶକ ଶ୍ରୀ ପ୍ରଣବ ଚୌଧୁରୀ ଆନୁଷ୍ଠାନିକ ଭାବେ ଉକ୍ତ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ ଏବଂ ମଞ୍ଚାସିନ ହୋଇଥିଲେ । ମଞ୍ଚାସିନ ଅତିଥି ମାନଙ୍କ ଦ୍ୱାରା ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଥିଲା । ଏହାପରେ ବିଭିନ୍ନ ଅଞ୍ଚଳରୁ କୁନିକୁନି ପ୍ରତିଯୋଗୀ ମାନେ ନିଜ ନିଜ ପ୍ରତିଭା ପ୍ରତିପାଦନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନିଖିଲ ପାଢ଼ୀ ସଂଯୋଜନା କରିଥିଲେ । ଏହାପରେ ସନ୍ଧ୍ୟାରେ ପୁଣି ପୁରସ୍କାର ବିତରଣ କାର୍ଯକ୍ରମ ରେ ରାୟଗଡ଼ ଜିଲ୍ଲାର ଆରକ୍ଷୀ ବିଭାଗ ର ଏଡିସନାଲ ଏସ୍.ପି ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ ପାତ୍ର ଯୋଗଦେଇ ପିଲାଙ୍କ ଉଦ୍ଦେଶ୍ୟରେ କଳା, ସଂସ୍କୃତି ଓ ଆମ ପରମ୍ପରାଗତ ନୃତ୍ୟକଳା ସମ୍ପର୍କ ରେ ଉଦବୋଧନ ଦେଇଥିଲେ । ତାଙ୍କ ସହ ଆମ ଅଞ୍ଚଳର ସୁନାମ ଧନ୍ୟ ଡାକ୍ତର ଲକ୍ଷ୍ମଣ କୁମାର ପାତ୍ର, ଆମ ଅନୁଷ୍ଠାନର ଶ୍ରିନୁ ରାଓ ଭାଇ ଓ ଆମ ଅନୁଷ୍ଠାନର ମୁଖ୍ୟ ତଥା ଗୁରୁ ସୁଶ୍ରୀ ସସ୍ମିତା ପଣ୍ଡା ମଞ୍ଚାସିନ ହୋଇଥିଲେ ଓ ପିଲାଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ । ଏହାପରେ ସାଂସ୍କୃତିକ କାର୍ଯକ୍ରମ ରେ ଆମ ଅନୁଷ୍ଠାନ ର ଛାତ୍ରୀ ନବଦୁର୍ଗା ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂଜୀବ କୁମାର ପଟ୍ଟନାୟକ ସଂଯୋଜନା କରିଥିଲେ । ବଡଗୁଡ଼ା ଗ୍ରାମର କୁନି କୁନି ପିଲା ମାନେ ନିଜଗୁରୁ ମୋହନ ଭାଇଙ୍କ ସହ ଆସି ବାଦ୍ୟଯନ୍ତ୍ର ରେ ସହାୟତା କରିଥିଲେ । ଏହିପରି କାର୍ଯ୍ୟକ୍ରମ ଆଗାମୀ ଦିନ ରେ ଅଧିକରୁ ଅଧିକ କଳାକାର ମାନଙ୍କ ସ୍ୱପ୍ନ 'ମୁଁ ବି ଗାଇବି, ମୁଁ ବି ନାଚିବି !' କୁ ନିଶ୍ଚିତ ସଫଳ କରିପାରିବ ବୋଲି ବିଭିନ୍ନ ମହଲ ରୁ ଶୁଭେଚ୍ଛା ଓ ଅଭିନନ୍ଦନ ମିଳିଛି ।

## ବୁଢ଼ି ମାଆ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଏବଂ ଚବିଶି ପ୍ରହର ଅଖଣ୍ଡ ନାମ ଯଜ୍ଞ



ବେଲଗୁଣ୍ଠା **୧୧/୫(ନି.ପ୍ର):** ବେଲଗୁଣ୍ଠା ବ୍ଲକ୍ ମାଧବରୀଡା ଗ୍ରାମରେ ଶ୍ରୀ ଶ୍ରୀ ମାଆ ବୁଢୀମା ଠାକୁରାଣୀଙ୍କ ମନ୍ଦିର ପୁନରୁଦ୍ଧାର ଏବଂ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ଓ ଏହି ଅବସରରେ ଗ୍ରାମରେ ଚବିଶି ପ୍ରହର ଅଖଣ୍ଡ ନାମ ଯଜ୍ଞ,ଅନ୍ନ ଯଜ୍ଞ ଏବଂ ଘୃତ ଯଜ୍ଞ ମଧ ଅନୁଷ୍ଠିତ ହୋଇଯାଇଛି ଓ ଅନୁଷ୍ଠିତ ଚବିଶି ପ୍ରହର ଅଖଣ୍ଡ ନାମ ଯଜ୍ଞରେ ତୁଳସୀ ପଲ୍ଲୀ, ଗେରେଡା, ଜିଲୁଣ୍ଡି,ସୋଲଣ୍ଡି ଏବଂ ଜଗନ୍ନାଥପ୍ରସାଦ କଇଠ ସାହିର ନାମ ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ ଓ ଗ୍ରାମରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ଏବଂ ଯଜ୍ଞ ଦେଖିବା ସହ ପ୍ରସାଦ ସେବନ ପାଇଁ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା ଓ ସମସ୍ତ କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ ।

## ଆଜିଠୁ ଆରମ୍ଭ ଲକ୍ଷ୍ମୀ ନୃସିଂହଙ୍କ ତ୍ରିଦିନାତ୍ମକ ଯାତ୍ରାସ୍ତୋବ : ସହର ମୁଖରିତ

ହିଞ୍ଜିଳିକାଟୁ **୧୧/୫(ନି.ପ୍ର):**ହିଞ୍ଜିଳିକାଟୁ ସହରର ଇଷ୍ଟଦେବ ତଥା ଅଞ୍ଚଳର ପ୍ରସିଦ୍ଧ ଶ୍ରୀ ଲକ୍ଷ୍ମୀ ନୃସିଂହ ଠାକୁରଙ୍କ ତ୍ରିଦିନାତ୍ମକ ଯାତ୍ରାସ୍ତୋବ ରବିବାର ଠାରୁ ଆରମ୍ଭ ହେବ । ଯାତ୍ରାସ୍ତୋବ ପାଳନ ସକାଶେ ହିଞ୍ଜିଳିକାଟୁ ସହର ବେଶ୍ ଚଳଚଞ୍ଚଳ ହୋଇ ଉଠିଛି । ବିଭିନ୍ନ ସାହି ବସ୍ତିକୁ ରଙ୍ଗବେରଙ୍ଗ ବାନାମାଳ ସାଜସଜ୍ଜା ସାଙ୍ଗକୁ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି । ବିଭିନ୍ନ ସାହିବସ୍ତିରେ ସ୍ଥାପିତ ହେବାକୁ ଥିବା କଳାକୁଞ୍ଜ ଗୁଡିକ ସଂପୃକ୍ତ ସାହିବସ୍ତିର ଯୁବଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଯାତ୍ରାର ପ୍ରଥମ ଦିବସ ରବିବାର ରାଜପରିବାର ଓ କେଉଟବାଡର ମିଳିତ ସହଯୋଗରେ ପାଳନ କରାଯିବ । ଅନୁରୂପ ଭାବେ ସ୍ଥାନୀୟ ପୌରାଞ୍ଚଳ ପାଟଣା ସାହି ପକ୍ଷରୁ ମଧ ପ୍ରଥମ ଦିବସ ପାଳନ କରାଯିବ । ଏଥି ନିମନ୍ତେ ବିଭିନ୍ନ ସାହିରେ ଅସ୍ଥାୟୀ ଭାବେ ସ୍ଥାପନ ହେବାକୁ ଥିବା ଆକର୍ଷଣୀୟ କଳାକୁଞ୍ଜ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସ୍ୱଥାନୀୟ ସହର ସମେତ ନିକଟବର୍ତ୍ତୀ ଅଞ୍ଚଳର ବହୁ ଚିତ୍ରାଳୟ ମାଲିକ ମାନେ ଆସି ହିଞ୍ଜିଳିକାଟୁ ସହରରେ ଭିଡ ଜମାଇଛନ୍ତି । ମାନସିକଧାରୀ ମାନଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରି ନିଜର ପରିବାର ପ୍ରତିପୋଷଣ ସହ ବେଶ ୨ପଇସା ରୋଜଗାର ଆଶାରେ ଆସି ହିଞ୍ଜିଳିକାଟୁ ସହରରେ ପହଞ୍ଚିଛନ୍ତି । ଚଳିତ ବର୍ଷ ମହାଆଡମ୍ବର ସହକାରେ ଯାତ୍ରା ଆୟୋଜନ କରିବା ନେଇ ବିଭିନ୍ନ ସାହିବସ୍ତିର ଯୁବଗୋଷ୍ଠୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ରାମ, ପର୍ଶୁରାମ, ବୀର ହନୁମାନ, ଜାରାଶବର ସମେତ ଅନ୍ୟାନ ମନଲୋଭା



କଳାକୁଞ୍ଜ ଗୁଡିକୁ ବିଭିନ୍ନ ସାହି ବସ୍ତିରେ ଆଲୋକମାଳାରେ ଝଟକିବ । ମାନସିକଧାରୀ ଭକ୍ତ ମାନେ ରାମ, କୃଷ୍ଣ, ପିଲାଖାଇ ଡାହାଣୀ, ବାଘ, ଅସୁର/ଅସୁରଣୀ, କାଚରା, ଖଟବିଦ୍ୟା ଆଦି ବିଭିନ୍ନ ବେଶ ଭୁଷାରେ ଆଭରଣ ହୋଇ ସହର ମଧ୍ୟରେ ପାରମ୍ପରିକ ଭିକ୍ଷାକାମନା କରିବା ଦୃଶ୍ୟ ବେଶ ଆକର୍ଷଣୀୟ ହେବ । ବାଦ୍ୟବାଜଣା ସହ ମାନସିକଧାରୀଙ୍କ ନୃତ୍ୟ ଓ ସଙ୍ଗୀତରେ ସହର ପ୍ରକମ୍ପିତ ହୋଇଉଠିବ । ଯାତ୍ରାସ୍ତୋବର ମୁଖ୍ୟ ଆକର୍ଷଣ ବାଣ ପଟୁଆର ସହ ପଶୁମୁଖା ନୃତ୍ୟ ସହ ଲକ୍ଷ୍ମୀ ନୃସିଂହ ଠାକୁରଙ୍କ ବିମାନ ଯୋଗେ ଗ୍ରାମ ପରିକ୍ରମା ଦେଖିବା ସକାଶେ ସ୍ଥାନୀୟ ସହର ସମେତ ନିକଟବର୍ତ୍ତୀ ପ୍ରାୟ ୪୦ଖଣ୍ଡ ଗ୍ରାମବାସୀଙ୍କ ସମାଗମ ହେଉଥିବା ପରିଲିକ୍ଷିତ ହେଉଛି । ଏଣୁ ଏକ ଭକ୍ତିମୟ ପରିବେଶରେ ଯାତ୍ରାସ୍ତୋବ ପାଳିତ ହେବା ସହ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଭକ୍ତିଭାବର ସମନ୍ୱୟ ଦେଖିବାକୁ ମିଳିବ । ପ୍ରଶାସନ ପକ୍ଷରୁ ପାନୀୟଜଳ, ପରିମଳ, ଶାନ୍ତି ଶୃଙ୍ଖଳା, ନିରବିଛନ୍ନ ବିଦ୍ୟୁତ ସେବା, ସ୍ୱାସ୍ଥ୍ୟ ସେବା ଓ ଅଗ୍ନିକାଣ୍ଡ ଆଦି ପ୍ରତି ପ୍ରତିକାର ମୂଳକ ପଦକ୍ଷେପ ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । ଯାତ୍ରାର ସୁପରିଚାଳନା ସକାଶେ ବଡ ରଙ୍ଗଣିସାହି ଯାତ୍ରାଧିକାରୀ ବଂଶୀଧର ସାହୁ କେଉଟସାହି ଯାତ୍ରା କମିଟି ସଭାପତି ପ୍ରମୋଦ ବେହେରା ଓ ପାଟଣା ସାହି ଯାତ୍ରା କମିଟି ପକ୍ଷରୁ ସହରବାସୀଙ୍କ ସହଯୋଗ କାମନା କରିଛନ୍ତି । ବିଶୃଙ୍ଖଳାକାରୀ ଓ ଅସାମାଜିକ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହିଞ୍ଜିଳି ପୁଲିସ ପ୍ରଶାସନ ପକ୍ଷରୁ ସାଦା ପୋଷାକଧାରୀ ପୁଲିସ୍ ନିୟୋଜନ କରାଯିବ ବୋଲି ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ଜଣାପଡିଛି ।

## ଯୁବକଙ୍କୁ ଆକ୍ରମଣ ସହ ହତ୍ୟା ଉଦ୍ୟମ ଅଭିଯୋଗ, ୨ ଗିରଫ

ହିଞ୍ଜିଳିକାଟୁ **୧୧/୫(ନି.ପ୍ର):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ୨ ଜଣ ଯୁବକ ମିଶି ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରିଥିବା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି । ପୁଲିସ ସୂଚନା ମୁତାବକ ଶୁକ୍ରବାର ରାତି ପ୍ରାୟ ୧୦ ଘଣ୍ଟା ସମୟରେ ହିଞ୍ଜିଳି ଥାନା ତଥା ସ୍ଥାନୀୟ ପୌରାଞ୍ଚଳ ଆଙ୍କୋରଡା ଗ୍ରାମର ଶ୍ରୀକାନ୍ତ ନାହାକ (୩୫) ବିଦ୍ୟୁତ୍ ତାର କିଣିବା ସକାଶେ ମୋଟର ସାଇକେଲ ଯୋଗେ ହିଞ୍ଜିଳିକାଟୁ ବଜାରକୁ ଯାଇଥିଲେ । ? ତାର କିଣି ଘରକୁ ଫେରୁଥିବା ସମୟରେ ହିଞ୍ଜିଳିକାଟୁ ଥାନା ସାହିରେ ୨ ଜଣ ଯୁବକ ହଠାତ୍ ଶ୍ରୀକାନ୍ତଙ୍କ ମୋଟର ସାଇକେଲକୁ ଅଟକାଇ ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲେ । ଯୁବକ ଜଣଙ୍କ କାହିଁକି ଗାଳିଗୁଲଜ କରୁଛ ପଚାରିବାରୁ ତୁମ ବାପା ଗତ କିଛି ବର୍ଷ ପୂର୍ବେ ଆମ ବାପାଙ୍କୁ ଗାଳି କାହିଁକି କରିଥିଲେ ବୋଲି ୨ ଯୁବକ ପଚାରିଥିଲେ । ପରେ ଉତକ୍ଷିପ୍ତ ହୋଇ ୨ ଯୁବକ ମାଡ ମାରିବା ସହ ଧରିଥିବା ଏକ ମାରଣାସ୍ତ୍ରରେ ଶ୍ରୀକାନ୍ତଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣରେ ଯୁବକ ଜଣଙ୍କ ଗୁରୁତର ଆହତ ହୋଇଥିଲେ । ଆହତଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ଘଟଣା ସ୍ଥଳରେ ପହଞ୍ଚିବା ପରେ ଆକ୍ରମଣକାରୀ ୨ ଯୁବକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଚିକିତ୍ସିତ ପରେ ଘଟଣା ନେଇ ଯୁବକ ଜଣଙ୍କ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନମ୍ବ- ୩୮ ୧/୨୫ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଥିଲା । ଶୁକ୍ରବାର ବିଳମ୍ବିତ ରାତ୍ରିରେ ପୁଲିସ ଚଢ଼ାଉ କରି ଆକ୍ରମଣକାରୀ ୨ ଯୁବକଙ୍କୁ ଗିରଫ କରିଥିଲା । ଗିରଫ ୨ ଯୁବକ ହେଲେ ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ଗଜପତି ମାର୍ଗର ଅନୁପ ଗୌଡ (୨୮) ଓ ସିନେମାହଲ ଛକର ବୁଲୁ ଗୌଡ (୩୪) । ଶନିବାର ଆକ୍ରମଣକାରୀ ୨ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ ।

## ପୁଣି ଫେରିଲେ ୨୪ ଟିକିଆ ହାତପଲ, ଭାଙ୍ଗିଲେ ୬ ଘର , ଖାଇଲେ ଧାନ ଚାଉଳ ଏବଂ ପରିବା କ୍ଷେତ

ପାଟଣା **୧୧/୫(ନି.ପ୍ର):** କିଛି ଦିନର ବ୍ୟବଧାନ ପରେ ପୁଣି ପାଟଣା ବନାଞ୍ଚଳ କୁ ୨୪ ଟିକିଆ ପୁଣି ହାତୀପଲ ଫେରିଛନ୍ତି ।ହାତୀଙ୍କ ଭୟରେ ଲୋକଙ୍କ ର ନିଦ ହଜିଯାଇଥିବା ବେଳେ ଏହି ହାତୀପଲ ଘର କାନ୍ଥ ,କବାଟ ଭାଙ୍ଗିବା ସହ ଚାଷୀ ମାନଙ୍କ ପରିବା କ୍ଷେତକୁ ନଷ୍ଟ କରିଛନ୍ତି । ଗତକାଲି ବିଳମ୍ବିତ ରାତିରେ ହାତୀପଲ ସାହରପଡା ବ୍ଲକ ବେଗନା ଗାଁ ପଟରୁ ଖଜୁରିଡିହା ଦେଇ ତେଣ୍ଡରା ,ଚୁଟିଆପଶି, ଭାଲିଆଡାଳ ହୋଇ ଅସନବାହାଳି ଗ୍ରାମରେ ପ୍ରବେଶ କରିଥିଲେ ।କପୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଚୁଟିଆପଶି ଗ୍ରାମର ସମରା ମୁଣ୍ଡା ଙ୍କର ଆଜବେଷ୍ଟ ଭାଙ୍ଗିବା ସହ ଘର କବାଟ ଭାଙ୍ଗି ଦେଇଛି ।ସେହିପରି ଚୁଟିଆପଶି ଗ୍ରାମର ଚଇତି ମୁଣ୍ଡା ଙ୍କ ଘର ହାତୀ ଭାଙ୍ଗିବା ସହ ଆଉ ଜଣଙ୍କ ଘର ମଧ ଭାଙ୍ଗିଛି । ମିରିଗିଖୋଜି ପଞ୍ଚାୟତ ଅନ୍ତର୍ଗତ ଭାଲିଆଡାଳ ଗ୍ରାମର ବାଙ୍ଗୁରୁ ମୁଣ୍ଡା ଙ୍କର ଘର କବାଟ ଭାଙ୍ଗି ଦେଇ ଚାଉଳ ଖାଇଦେଇଥିବା ବେଳେ ନିରାଶ ଖଟେଇ ଙ୍କର ଘର କାନ୍ଥ ଭାଙ୍ଗି ଦେଇଛି ।ସେପଟେ ସୁହାଗପୁର ଗ୍ରାମର ଦୁଃଖିନୀ ମୁଣ୍ଡା ଙ୍କ ର ଘର ହାତୀ ଭାଙ୍ଗିଛି । ଅସନବାହାଳି ଗ୍ରାମର ମଙ୍ଗୁଲୁ ମୁଣ୍ଡା ଓ ରସା ମୁଣ୍ଡା ଙ୍କର ଘର କବାଟ ଭାଙ୍ଗିବା ସହ କାନ୍ଥଭାଙ୍ଗି ଚାଉଳ ଖାଇଦେଇଥିବା ଜଣାପଡିଛି ।ଏହି ହାତୀପଲ ଆଜି ମଧାହ୍ନ ରେ ଅସନବାହାଳି ବୈତରଣୀ ନଦୀ କୂଳରେ ଡେରା ପକାଇ ନଦୀ ରେ ଜଳ କ୍ରୀଡା କରିବା ସହ ବୈତରଣୀ ଟାପୁ ରେ ଡେରା ପକାଇଥିବା ଦେଖାଯାଇଛି । ବନରକ୍ଷୀ ଦୀପକ ରଣା ଓ ହାତୀ ସ୍କ୍ୱାର୍ଡ ଏହି ହାତୀପଲ ଙ୍କ ଉପରେ ନଜର ରଖିଛନ୍ତି ।

## ବେଲଗୁଣ୍ଠା ମାଁ ବ୍ରାହ୍ମଣ ଦେବୀ ମହୋତ୍ସବର ବାଜିଲା ବିଗୁଲ୍: ବିଧାୟକଙ୍କ ଦ୍ୱାରା ଶୁଭ ଖୁଣ୍ଟି ସ୍ଥାପିତ



ବେଲଗୁଣ୍ଠା **୧୧/୫(ନି.ପ୍ର):** ବେଲଗୁଣ୍ଠାରେ ଚାଲିଥିବା ମାଁ ବ୍ରାହ୍ମଣ ଦେବୀ ଯାତ୍ରା ଉପଲକ୍ଷେ ହେବାକୁ ଥିବା ମହୋତ୍ସବ ପାଇଁ ଶୁଭ ଖୁଣ୍ଟି ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀଙ୍କ କରକମଳରେ ସ୍ଥାପିତ ହେବା ସହିତ ମହୋତ୍ସବ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି ।ଆଜି ବେଲଗୁଣ୍ଠା ବଡ଼ଦାଣ୍ଡଠାରୁ ମହୋତ୍ସବ କମିଟି ସଭାପତି ତଥା ବିଧାୟକ ଶ୍ରୀ ବିଷୋୟୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବାହାରି ଶୁଭ ଖୁଣ୍ଟି ନେଇ ମାଁ ବ୍ରାହ୍ମଣ ଦେବୀଙ୍କ ଅସ୍ଥାୟୀ ପୀଠରେ ପହଞ୍ଚିଥିଲେ ।ସେଠାରେ ମାଁ ଙ୍କ ନିକଟରେ ଶୁଭଖୁଣ୍ଟି ପୂଜାର୍ଚ୍ଚନା କରିବା ପରେ ବଡ଼ଦାଣ୍ଡ ଠାରେ ଏହାକୁ ସ୍ଥାପନା କରାଯାଇଥିଲା । ପରମ୍ପରା ଅନୁସାରେ ବେଲଗୁଣ୍ଠା ମାଁ ବ୍ରାହ୍ମଣ ଦେବୀ ଯାତ୍ରାରେ ଗୋଟିଏ ଶୁଭ ଖୁଣ୍ଟି କୋଳି ସାହି ଅସ୍ଥାୟୀ ପୀଠରେ ସ୍ଥାପନା କରାଯାଇଥିବା ବେଳେ ମହୋତ୍ସବ ତଥା ବିଭିନ୍ନ ସାହି, ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ତରଫରୁ ହେଉଥିବା ଆତସବାଜି, ପଟୁଆର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅନ୍ୟ ଏକ ଶୁଭ ଖୁଣ୍ଟି ବଡ଼ଦାଣ୍ଡରେ ସ୍ଥାପିତ କରାଯାଇଥାଏ ଯାହା କି ଏହି ଯାତ୍ରାର ବିଶେଷତ୍ୱ କହିଲେ ଅତ୍ୟୁକ୍ତି ହେବ ନାହିଁ ।ଆଜିର ଏହି କାର୍ଯ୍ୟକ୍ରମ ପରେ ବିଭିନ୍ନ ସାହି ତରଫରୁ ମାଁ'ଙ୍କ ନଗର ପରିକ୍ରମା ଆରମ୍ଭ ହେବ ବୋଲି ଜଣାପଡିଛି । ଆଗାମୀ ଦିନରେ ମାଁ'ଙ୍କ ନଗର ପରିକ୍ରମା ମହାସମାରୋହରେ ପାଳନ ହେବା ସହିତ ବିଭିନ୍ନ ପ୍ରକାରର ଆତସବାଜି ପ୍ରଦର୍ଶନ ହେବ ଯାହା କି ବେଲଗୁଣ୍ଠା ଯାତ୍ରାକୁ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି ।ଏଥି ସହିତ ଓଡିଶାର ବହୁ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମରେ ଯାତ୍ରା କମିଟି ସଭାପତି ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେଇଥିବା ବେଳେ କାର୍ଯକାରୀ ସଭାପତି ନଗରପାଳ ଫିରୋଜ କୁମାର ସେଠୀ,ଉପଦେଷ୍ଟା ତଥା ପୁର୍ବତନ ନଗରପାଳ ରବୀନ୍ଦ୍ରନାଥ ମହାପାତ୍ର ଓ ନୀଳାଚଳ ମହାପାତ୍ର, ଯାତ୍ରା କମିଟି ସମ୍ପାଦକ ସତୀଶ ରେଡ୍ଡୀ,ସହ-ସମ୍ପାଦକ ଦିବ୍ୟ ରଞ୍ଜନ ଦାଶଙ୍କ ସମେତ ସମସ୍ତ କାଉନସିଲର, କାଉନସିଲର ପ୍ରତିନିଧି,ସ୍ଥାନୀୟ ସଂସ୍କୃତି ପ୍ରେମୀ,ବହୁ ବୁଦ୍ଧିଜୀବୀ, ସହରବାସୀ ଯୋଗ ଦେଇଥିଲେ ।

## ବେଆଇନ ବାଲି ଚାଲାଣ ବେଳେ ବନବିଭାଗ ୧୦ଟି ହାଇୱା ଓ ଜେସିବି ଜବତ କଲା



ପାଟଣା **୧୧/୫(ନି.ପ୍ର):** ଗୁରୁବାର ମଧରାତ୍ରିରେ ଏନଫୋର୍ସମେଣ୍ଟ ଟିମ୍, ପାଟଣା ରେଞ୍ଜ ଟିମ୍ ଏବଂ ଡିଏଫଓ କେନ୍ଦୁଝରଙ୍କ ଦ୍ୱାରା ହାତୀ ତଦାରଖ ଡ୍ୟୁଟି ସମୟରେ ରାଜନଗର ନିକଟସ୍ଥ ଗୋଚର ଜମି ଉପରେ ରାଇକଳା ବେଆଇନ ବାଲିଘାଟରେ ଗୋଟିଏ ଜେସିବି ମେସିନ ଜବତ କରାଯାଇଥିଲା । ପ୍ରାଥମିକ ତଦନ୍ତ ଅନୁଯାୟୀ ଏହା ରାଇକଳା ଗ୍ରାମର ରଞ୍ଜିତ ବେହେରାଙ୍କ ମାଲିକାନାରେ ଥିବା ବେଳେ ଏହି ବେଆଇନ ବାଲିଘାଟ ବୈତରଣୀ ନଦୀରେ ହାତୀ ଗତିବିଧିକୁ ବାଧା ଦେଉଛି ଏବଂ ନଦୀରେ ବିପଦପୂର୍ଣ୍ଣ ପ୍ରାଣୀମାନଙ୍କୁ ବିପର୍ଯ୍ୟସ୍ତ କରିବା ସହ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ହାତୀ ସଂଘର୍ଷ ବୃଦ୍ଧି କରୁଛି ବୋଲି ବନ ବିଭାଗ ଉପଲବ୍ଧି କରି ରାଇକଳାଠାରେ ବେଆଇନ ବାଲି ପରିବହନ କରିବା ପାଇଁ ୧୦ଟି ହାଇୱା ଗାଡ଼ିକୁ ଅଟକ ରଖାଯାଇଛି ।ଟ୍ରକ୍ ଡ୍ରାଇଭରମାନଙ୍କ ଠାରୁ ପ୍ରାଥମିକ ତଦନ୍ତ ଅନୁଯାୟୀ ଏହା କେନ୍ଦୁଝର ସହରରୁ ଘନଶ୍ୟାମ ରାଉତ ଏବଂ ଉତ୍ତମ ସାହୁଙ୍କ ମାଲିକାନାରେ ଅଛି ।ତୁରୁମୁଙ୍ଗା ତାଳସାହି (ତ୍ରିବିନ୍ଧା) ନିକଟରେ ମଧ ବେଆଇନ ବାଲି ଚାଲାଣ ଦେଖାଯାଇଥିଲା, ଯେଉଁଠାରେ ହାତୀମାନେ ୩ ଦିନ ଧରି ଶିବିର ସ୍ଥାପନ କରିଥିଲେ । ଏହା ବ୍ୟତୀତ ହାତୀମାନେ ଘାଟ ସଞ୍ଚାଳକଙ୍କ ଦ୍ୱାରା ବେଆଇନ ଭାବରେ ନିର୍ମିତ ଅସ୍ଥାୟୀ ଘରକୁ ମଧ କ୍ଷତି ପହଞ୍ଚାଇଥିଲେ । ପମ୍ପିଂ ମାଧ୍ୟମରେ ବାଲି ଉତ୍ତୋଳନ ପାଇଁ ନଦୀ ଭିତରେ ପଥ ପ୍ରସ୍ତୁତ କରିବା ପାଇଁ ନଦୀ କୂଳକୁ ୩୦୦ ମିଟରରୁ ଅଧିକ ଖୋଳାଯାଇଛି ବୋଲି ବନ ବିଭାଗ ତରଫରୁ ପ୍ରକାଶ କରିଛି । ସ୍ଥାନୀୟ ଲୋକଙ୍କ ତଦନ୍ତ ଅନୁସାରେ ଏହା ତୁରୁମୁଙ୍ଗାର ଭରତ ସାହୁ ନାମକ ବ୍ୟକ୍ତି ଦ୍ୱାରା ଉତ୍ତୋଳନ କରାଯାଉଥିବା ଜଣାପଡିଛି ।ଏହି ବେଆଇନ କାର୍ଯ୍ୟ ବିରୋଧରେ ବନ ବିଭାଗ ପଦକ୍ଷେପ ନେଉଛି ।

## ଆଠମଲ୍ଲିକ କୋଟ ପରିସରରେ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ

ଆଠମଲ୍ଲିକ **୧୧/୫(ନି.ପ୍ର):**ତାଲୁକ ଆଇନ ସେବା କମିଟି ତରଫରୁ କୋଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୫ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଲୋକ ଅଦାଲତ ରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ରଞ୍ଜନ କୁମାର ସୁତାର, ସବ ଜଜ ଲିଙ୍କିପ୍ରିୟା ସାହୁ, ଏସ ଡି ଜେ ଏମ ସିଙ୍କୁନ ରଏ ଯୋଗଦେଇ କେଶ ବିଚାର କରିଥିଲେ କ୍ଷ ମିଳିଥିବା ସୂଚନା ଅନୁଯାଇ ବ୍ୟାଙ୍କ ମନି ରିକଭରି କେଶ ର ୧୩ ଟି କେଶ ଫଇସଲା କରାଯାଇ ୯୪ ହଜାର ୧ ଶହଟଙ୍କା ଅସୁଲ ହୋଇଥିଲା କ୍ଷ ସେହିପରି ୨୨୫ ଟି କ୍ରିମିନାଲ କେଶ ଫଇସଲା ହେବା ସହିତ ରାଜସ୍ୱ ୯ ହଜାର ୩ ଶହ ଟଙ୍କା ଆଦାୟ ହୋଇଥିଲା କ୍ଷ ଏହି ଲୋକ ଅଦାଲତ ରେ ଷ୍ଟେଟ ବ୍ୟାଙ୍କ ଆଠମଲ୍ଲିକ ଶାଖା, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ ବରୋଦା ଓ ଇଣ୍ଡିଆନ ବ୍ୟାଙ୍କ ଯୋଗଦେଇଥିଲେ କ୍ଷ ଏହି ସମସ୍ତ କାର୍ଯ୍ୟକ୍ରମ ରେ ତାଲୁକ ଆଇନ ସେବା କାର୍ଯ୍ୟାଳୟ ର ଅତିରିକ୍ତ ଦାୟିତ୍ୱ ରେ ଥିବା କ୍ଲର୍କ ଅମିତ କୁମାର ନାୟକ ଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଏରେଣ୍ଡେଇ ବାଲି ଉତ୍ସ ରୁ ବେଆଇନ ବାଲି ଉତ୍ତୋଳନ , ବିପଦ ରେ ବୈତରଣୀ



ପାଟଣା **୧୧/୫(ନି.ପ୍ର):** ପାଟଣା ତହସିଲ ଅନ୍ତର୍ଗତ ଏରେଣ୍ଡେଇ ଗ୍ରାମରେ ଥିବା ବୈତରଣୀ ବାଲି ଉତ୍ସ କୁ ପ୍ରଭାତ କୁମାର ସାହୁ ନାମକ ଜଣେ ବ୍ୟକ୍ତି ୫ ବର୍ଷୀୟା ଲିଜ ନେଉଥିବା ବେଳେ ଏହା ୨୦୨୦ ସେପ୍ଟେମ୍ବର ୪ ରୁ ଆରମ୍ଭ ହୋଇ ୨୦୨୫ ସେପ୍ଟେମ୍ବର ୪ ତାରିଖ ଯାଏଁ ରହିଛି । ଏହି ବାଲି ଉତ୍ସ ରୁ ବାଲି ଉତ୍ତୋଳନ କରିବା ପାଇଁ ସରକାରୀ ନୀତି ନିୟମ କୁ ଫୁ କରି ଏଠାରୁ ମାତ୍ରାଧିକ ବାଲି ପ୍ରତ୍ୟହ ଉଠାଯାଇ ହାଇୱା ଯୋଗେ ବାହାର ଅଞ୍ଚଳ କୁ ଚାଲାଣ କରାଯାଉଥିବା ବେଳେ ଏହି ଗ୍ରାମ ଇଲାକା ରେ ହଜାର ହଜାର ଟନ ବାଲି ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଗଛିତ ରଖିଛନ୍ତି । ଏହି ବାଲି ଉତ୍ସ ଟି ଖାତା ନମ୍ବର ୩୫୬ ଓ ପ୍ଲଟ ନମ୍ବର ୧୫୧୩/୧ ର କ୍ଷେତ୍ରଫଳ ମାତ୍ର ୨ ଏକର ୯୦ ଡିସମିଲ ହୋଇଥିବା ବେଳେ ନିର୍ଦ୍ଧାରିତ ଅଞ୍ଚଳ ବାହାରେ ବେଆଇନ ଭାବରେ ଏଠାରୁ ଦିନ ରାତି ବାଲି ଉତ୍ତୋଳନ କରାଯାଉଛି । ଏପରିକି ନଦୀ ଗର୍ଭ ରୁ ଡଙ୍ଗା ଲଗାଇ ମେସିନ ସାହାଯ୍ୟ ରେ ବେଆଇନ ଭାବେ ପ୍ରତ୍ୟହ ବାଲି ଉଠା ଯାଉଥିବା ଦେଖିବାକୁ ମିଳୁଛି । ଖଣି ଓ ରାଜସ୍ୱ ବିଭାଗ ଜ୍ଞାତ ସାର ରେ ଏଭଳି ବେଆଇନ କାର୍ଯ୍ୟ କୁ ପ୍ରୋତ୍ସାହନ ଦିଆଯିବା ରେ କାହାର ସ୍ୱାର୍ଥ ରହିଛି ଏହାର ତଦନ୍ତ କରାଯିବା ସହ ବେଆଇନ ଖନନ ଯୋଗୁଁ ବିପଦ ରେ ଥିବା ବୈତରଣୀ କୁ ଏଠାରେ ସୁରକ୍ଷା ଦେବାକୁ ବୁଦ୍ଧିଜୀବୀ ମାନେ ଦାବି ଜଣାଇଛନ୍ତି ।

# ରାଜଧାନୀରେ ନୂଆ ଆଇଟି ଟାୱାର

ଭୁବନେଶ୍ୱର,୧୧/୫: ପ୍ରମୁଖ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇ.ଟି) ସଂସ୍ଥାଗୁଡ଼ିକୁ ଆକୃଷ୍ଟ କରିବା ଏବଂ ରାଜ୍ୟର ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଓଡ଼ିଶା ସରକାର ଭୁବନେଶ୍ୱରରେ ଏକ ନୂତନ, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଟାୱାର ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି । ସରକାରୀ ସୂତ୍ର ଅନୁଯାୟୀ, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (ଓକାକ) ସୌଧର ବର୍ତ୍ତମାନର ସ୍ଥାନରେ ଏହି ଉଚ୍ଚାଭିଳାଷୀ ପ୍ରକଳ୍ପ ସ୍ଥାପନ କରାଯିବ । ଆଧୁନିକ ଟେକ୍ନୋଲୋଜି ବ୍ୟବସାୟ ଟାୱାର ପାଇଁ ପଥ ପରିଷ୍କାର କରିବା ପାଇଁ ବିଦ୍ୟମାନ ଢାଞ୍ଚାକୁ ଭାଙ୍ଗି ଦିଆଯିବ, ଯେଉଁଥିରେ ପ୍ରାୟ ୩୦୦,୦୦୦ ବର୍ଗ ଫୁଟ ନିର୍ମିତ ସ୍ଥାନ ରହିବ ବୋଲି ପରିକଳ୍ପନା କରାଯାଇଛି । ଏହି ସ୍ଥାନ ଓକାକ ସହିତ ଅନ୍ୟ ଜାତୀୟ ଏବଂ ଆନ୍ତର୍ଜାତୀୟ ଆଇଟି ସଂସ୍ଥା ଏବଂ ଅନୁଷ୍ଠାନଗୁଡ଼ିକୁ ସ୍ଥାନିତ କରିବ । ଅଧିକାରୀମାନେ କହିଛନ୍ତି ଯେ ଆଗାମୀ ଟାୱାରଟି ଆଇଟି ଏବଂ ଆଇଟି-ସକ୍ଷମ ସେବା (ଆଇଟିଇଏସ) କମ୍ପାନୀଗୁଡ଼ିକର ସୁଚାରୁ ରୂପେ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ସମସ୍ତ ଆଧୁନିକ, ବିଶ୍ୱସ୍ତରୀୟ ସୁବିଧାଗୁଡ଼ିକରେ ସଜ୍ଜିତ ହେବ । ଏହି ବିକାଶ ରାଜ୍ୟ ରାଜଧାନୀ ମଧ୍ୟରେ ବିଦ୍ୟମାନ ଆଇଟି ପାର୍କ ଏବଂ ଟାୱାରରେ ସ୍ଥାନ ଅଭାବକୁ ନେଇ ବଢୁଥିବା ଚିନ୍ତାର ସମାଧାନ କରେ, ଯାହା ଅନେକ ଆଇଟି/ଆଇଟିଇଏସ ଏବଂ ଇଲେକ୍ଟ୍ରୋନିକ୍ସ ସଂସ୍ଥାକୁ ଓଡ଼ିଶାରେ ସେମାନଙ୍କର କାର୍ଯ୍ୟ ପ୍ରତିଷ୍ଠା କରିବାରେ ବାଧା ସୃଷ୍ଟି କରିଛି । ରାଜଧାନୀ ସହର ବାହାରେ ଏହାର ଧ୍ୟାନ ବିସ୍ତାର କରି ରାଜ୍ୟ ସରକାର କେନ୍ଦୁଝରରେ ପ୍ରାୟ ଦେଢ଼ ଲକ୍ଷ ବର୍ଗଫୁଟ ଅଞ୍ଚଳରେ ୪.୫୬ ଏକର ଜମିରେ ଏକ ଟେକ୍ ବିଜନେସ୍ ପାର୍କ ବିକଶିତ କରିବାକୁ ଯୋଜନା କରିଛନ୍ତି । ଅଧିକନ୍ତୁ, ରାଜ୍ୟର ଅନ୍ୟ ଛଅଟି ସ୍ଥାନରେ ବିକାଶ ପାଇଁ ସମାନ ଆଇଟି ପାର୍କ ପ୍ରସ୍ତାବ ଦିଆଯାଇଛି, ଯାହା ଦ୍ୱିତୀୟ ଏବଂ ତୃତୀୟ ସ୍ତରର ସହରରେ ଅ ।ଇଟି ଭିତ୍ତିଭୂମି ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମିଳିତ ପ୍ରୟାସର ସଙ୍କେତ ଦେଇଥାଏ । ଓକାକ ଯାହା ବର୍ତ୍ତମାନ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ବୈଷୟିକ ନିର୍ଦ୍ଦେଶାଳୟ ଭାବରେ କାର୍ଯ୍ୟ କରେ ଏବଂ ରାଜ୍ୟରେ ଅ ।ଇଟି ନିବେଶକୁ ସୁଗମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ତାହା ମଧ୍ୟ ନୂତନ ଟାୱାରର ସ୍ଥାନ ପାଇବ । ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଟେକ୍ନୋଲୋଜି ବ୍ୟବସାୟ ଟାୱାର ନିର୍ମାଣ ପାଇଁ ପ୍ରକଳ୍ପ ପରିଚାଳନା ଏଜେନ୍ସି (ପିଏମଏ) ଭାବରେ ଏକ କେନ୍ଦ୍ରୀୟ କିମ୍ବା ରାଜ୍ୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସୟୁ) କୁ ନିୟୋଜିତ କରିବ । ବିସ୍ତୃତ ଯୋଜନା, ସମନ୍ୱୟ, କାର୍ଯ୍ୟକାରିତା, କ୍ରୟ, ବିପଦ ପରିଚାଳନା, ମୂଲ୍ୟ ନିୟନ୍ତ୍ରଣ, ଗୁଣବତ୍ତା ଆଶ୍ୱାସନା ଏବଂ ସମସ୍ତ ପ୍ରାସଙ୍ଗିକ ଆଇନଗତ, ବୈଷୟିକ ଏବଂ ନିୟାମକ ମାନର ପାଳନ ସୁନିଶ୍ଚିତ କରିବା ସହିତ ପ୍ରକଳ୍ପର ସମସ୍ତ ପର୍ଯ୍ୟାୟର ତଦାରଖ ପାଇଁ ପିଏମଏ ଦାୟୀ ରହିବ । ଏହି ରଣନୈତିକ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଆବଣ୍ଟିତ ବଜେଟ ମଧ୍ୟରେ ଏବଂ ସମସ୍ତ ଅଂଶୀଦାରଙ୍କ ସନ୍ତୋଷ ପାଇଁ ପ୍ରକଳ୍ପର ସମୟୋଚିତ ଏବଂ ଦକ୍ଷ ସମାପ୍ତି ସୁନିଶ୍ଚିତ କରିବା । ଏହି ଭିତ୍ତିଭୂମି ପ୍ରୋତ୍ସାହନ ୨୦୩୬ ମସିହା ସୁଦ୍ଧା ଆଇ.ଟି. ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଓଡ଼ିଶାକୁ ଏକ ପାୱାରହାଉସ୍ ରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ବ୍ୟାପକ ଲକ୍ଷ୍ୟ ସହିତ ମେଳ ଖାଉଛି, ଯାହା ରାଜ୍ୟ ଗଠନର ଶତବାର୍ଷିକୀ ସହିତ ମେଳ ଖାଉଛି । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସରକାର ନିକଟରେ ଏକ ନୂଆ ଆଇ.ଟି. ନୀତିର ଚିଠା ପ୍ରସ୍ତୁତ କରିଛନ୍ତି ଯାହା ନିବେଶ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପ୍ରକାରର ସବସିଡି ଏବଂ ପ୍ରୋତ୍ସାହନ ପ୍ରଦାନ କରିଥାଏ । ପ୍ରସ୍ତାବିତ ନୀତିରେ ପ୍ରଥମ କାରବାର ପାଇଁ ଷ୍ଟାମ୍ପ ଡ୍ୟୁଟି ଉପରେ ୧୦୦ ପ୍ରତିଶତ ରିହାତି ଏବଂ ଆଇ.ଟି. ପାର୍କ ପ୍ରତିଷ୍ଠା କରୁଥିବା କମ୍ପାନୀଗୁଡ଼ିକ ପାଇଁ ସରକାରଙ୍କ ଦ୍ୱାରା ଆବଣ୍ଟିତ ଜମି କିମ୍ବା ବିଲ୍ଟ-ଅପ୍ ସ୍ଥାନର ଲିଜ୍ କିମ୍ବା ବିକ୍ରୟ ଚୁକ୍ତି ଉପରେ ଦ୍ୱିତୀୟ କାରବାର ପାଇଁ ୫୦ ପ୍ରତିଶତ ରିହାତି ଭଳି ବ୍ୟବସ୍ଥା ରହିଛି । ଏହାବ୍ୟତୀତ, ଯୋଗ୍ୟ ଆଇଟି ୟୁନିଟ୍, ଟାୱାର ଏବଂ ପାର୍କଗୁଡ଼ିକୁ ରାଜ୍ୟରେ ସେମାନଙ୍କର ବାଣିଜ୍ୟିକ କାର୍ଯ୍ୟ ଆରମ୍ଭ ହେବାର ପାଞ୍ଚ ବର୍ଷ ଅବଧି ପାଇଁ ବିଦ୍ୟୁତ୍ ଶୁଳ୍କରୁ ୧୦୦% ରିହାତି କିମ୍ବା ପ୍ରତିପୂର୍ତ୍ତି ପ୍ରଦାନ କରାଯିବ । ଭୁବନେଶ୍ୱର ଏବଂ ଦ୍ୱିତୀୟ/ତୃତୀୟ ସ୍ତରର ସହରଗୁଡ଼ିକରେ ଅତ୍ୟାଧୁନିକ ଭିତ୍ତିଭୂମିର ବିକାଶକୁ ଅନ୍ତର୍ଭୁକ୍ତ କରୁଥିବା ଏହି ବହୁମୁଖୀ ଆଭିମୁଖ୍ୟ, ଆକର୍ଷଣୀୟ ନୀତିଗତ ପ୍ରୋତ୍ସାହନ ସହିତ, ଏକ ସମୃଦ୍ଧ ଆଇଟି ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ରେଖାଙ୍କିତ କରେ ଏହି କ୍ଷେତ୍ରରେ, ଶେଷରେ ନିଯୁକ୍ତି ସୁଯୋଗ ବୃଦ୍ଧି ଏବଂ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ଆଗେଇ ନେବା ଲକ୍ଷ୍ୟ ରହିଛି ।



## ରାଜ୍ୟରେ ଖୁବଶୀଘ୍ର ଆରମ୍ଭ ହେବ ମହିଳା ଫାଷ୍ଟଟ୍ରାକ୍ କୋର୍ଟ : ଆଇନ ମନ୍ତ୍ରୀ



ଭୁବନେଶ୍ୱର,୧୧/୫: ମହିଳାଙ୍କ ଉପରେ ନିର୍ଯାତନା, ଅପରାଧ ଏବଂ ଘରୋଇ ହିଂସା ଜନିତ ମାମଲାଗୁଡ଼ିକର ତଦନ୍ତ କରି ତ୍ୱରିତ ନ୍ୟାୟ ପ୍ରଦାନ କରିବା ଲକ୍ଷ୍ୟରେ ରାଜ୍ୟରେ ଖୁବ୍ ଶୀଘ୍ର ୫ଟି ମହିଳା ଫାଷ୍ଟଟ୍ରାକ୍ କୋର୍ଟ ଆରମ୍ଭ କରାଯିବ ବୋଲି ରାଜ୍ୟ ଆଇନ୍, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏହି ଫାଷ୍ଟଟ୍ରାକ୍ କୋର୍ଟଗୁଡ଼ିକ ଏକ ମାସ ମଧ୍ୟରେ ମାମଲାର ଶୁଣାଣି କରି ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲଜି ବିଭାଗ ଏବଂ ଇଣ୍ଡିଆନ୍ ଏକାଡେମି ଅଫ୍ ଫରେନ୍‌ସିକ୍ ମେଡିସିନ୍ (ଆଇଏଏଫଏମ୍)ର ରାଜ୍ୟ ଶାଖା ପକ୍ଷରୁ ମିଳିତ ଭାବେ ଆୟୋଜିତ ମେଡିକୋ-ଲିଗାଲ ସୋସାଇଟି ଅଫ୍ ଓଡ଼ିଶା (ଏମ୍‌ଏଲଏସ୍‌ଓ)ର ୪୩ତମ ବାର୍ଷିକ ସମ୍ମିଳନୀ "ଏମ୍‌ଇଏଲ୍‌ଇଏସ୍‌ଓସିଓଏନ୍ ୨୦୨୫" କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି। ନିଜ ବକ୍ତବ୍ୟରେ ଶ୍ରୀ ହରିଚନ୍ଦନ କହିଥିଲେ ଯେ ଅପରାଧର ତଦନ୍ତ, ଅପରାଧୀଙ୍କୁ ଦଣ୍ଡ ଏବଂ ନ୍ୟାୟ ପ୍ରଦାନ କରିବାରେ ଫରେନ୍‌ସିକ୍ ସାଇନ୍ସର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ଥାନାଗୁଡ଼ିକରେ କର୍ତ୍ତବ୍ୟରତ ତଦନ୍ତକାରୀ ଅଫିସରମାନେ ମେଡିକୋ-ଲିଗାଲ ପାଠ୍ୟ ସମ୍ପର୍କିତ ଜ୍ଞାନ ଆହରଣ କରିବା ଉଚିତ୍। ସେମାନେ ତଦନ୍ତ ନିମନ୍ତେ ଫରେନ୍‌ସିକ୍ ସାଇନ୍ସ ସମ୍ପର୍କିତ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏହି ପରିପ୍ରେକ୍ଷୀରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ଭଳି ଏକ ଅଗ୍ରଣୀ ଡାକ୍ତରୀ ଶିକ୍ଷାନୁଷ୍ଠାନ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ପ୍ରଶଂସନୀୟ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଶ୍ୱବିଦ୍ୟାଳୟର ଗବେଷଣା କ୍ଷେତ୍ରରେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଅନେକ ଯୋଗଦାନ ରହିଛି ବୋଲି କହିଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଗବେଷଣା କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ ବୋଲି ସେ କହିଥିଲେ। ଏହି ଅବସରରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ହସ୍ପିଟାଲ୍‌ରେ ଫରେନ୍‌ସିକ୍ ସାଇନ୍ସର ଗୁରୁତ୍ୱ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଏହି ସମ୍ମିଳନୀର ଥିମ୍ 'ଫରେନ୍‌ସିକ୍ ଫ୍ରନ୍‌ଟିୟର୍ସ: ଏନସିୟୁଅରିଂ ମ୍ୟାଟରନାଲ, ଚାଇଲ୍ଡ ଆଣ୍ଡ ଟ୍ରାନ୍ସଜେଣ୍ଡର ହେଲ୍‌ଥ ଫର ସୋସିଆଲ୍ ଜଷ୍ଟିସ୍' ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡାକ୍ତରଖାନାରୁ ତଥ୍ୟ ପ୍ରମାଣ ସଂଗ୍ରହ କରିବା ସମୟରେ ଯେଉଁ ସମ୍ବେଦନଶୀଳତା ଅବଲମ୍ବନ କରାଯାଏ ବା କରାଯିବା ଉଚିତ୍ ସେ ସମ୍ପର୍କରେ ଏହି ସମ୍ମିଳନୀରେ ଆଲୋଚନା କରାଯାଇଥିବା ପ୍ରଫେସର ସାମନ୍ତସିଂହାର ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ଆଡିସ୍‌ନାଲ୍ ଡିଏମ୍‌ଇଟି ତଥା ଏମ୍‌ଏଲଏସ୍‌ଓରେ ସଭାପତି ପ୍ରଫେସର ବ୍ରଜ କିଶୋର ଦାସ ବକ୍ତବ୍ୟ ରଖିଥିବା ବେଳେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ ଭୁବନେଶ୍ୱରର ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) କୁନାଲ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ, ଫୁଲନଖରାର ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲଜି ବିଭାଗର ମୁଖ୍ୟ ଡାକ୍ତର ଅଙ୍କିତା ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଛତୁ ପରି ଫୁଟିଛି ପାଣି ବୋତଲ କମ୍ପାନୀ

## ବ୍ରାଣ୍ଡେଡ କମ୍ପାନି ବୋତଲର ଅବିକଳ କପି

ସମ୍ବଲପୁର,୧୧/୫: ନାମୀଦାମୀ କମ୍ପାନୀର ପାଣି ବୋତଲ ସମସ୍ତଙ୍କୁ ଜଣା। ଶୋଷ ସମୟରେ ପାଣି ବୋତଲ ଦୋକାନୀକୁ ମଗାଯାଉଛି। ଏହାର ଫାଇଦା ନେଇ ଦୋକାନୀ ନକଲି ବ୍ରାଣ୍ଡର ପାଣି ବୋତଲ ଧରାଇ ଦେଉଛି। ଯହା ଦେଖିବାକୁ ପୁରା ସମାନ,ଟିକେ ପରିବର୍ତ୍ତନ କରି କପି କରି ପାଣି ବୋତଲ ବଜାରରେ ବିକ୍ରି ହେଉଛି। ଯାହାକୁ ବ୍ୟବସାୟୀ ମାନେ ବିକିଲେ ଅଧିକ ଲାଭ ମଧ୍ୟ ମିଳୁଛି। ସମ୍ବଲପୁର ବଜାରରେ ବଡ ହୋଟେଲ ଠାରୁ ଆରମ୍ଭ କରି ରାସ୍ତାକଡ ହୋଟେଲ, ଠେଲା ଦୋକାନୀରେ ସବୁବେଳେ ପାଣି ବୋତଲର ଚାହିଦା ରହିଛି। ବଜାରରେ ଅନେକ ପ୍ରତିଷ୍ଠିତ କମ୍ପାନିର ପାଣିବୋତଲ ମିଳୁଛି। ହେଲେ ଏହି ପ୍ରତିଷ୍ଠିତ କମ୍ପାନି ବୋତଲ ଡିଜାଇନ ଆଳରେ ଅନକେ ନକଲି ପାଣି ବୋତଲ ବିକ୍ରି ହେଉଛି। ପ୍ରତିଷ୍ଠିତ କମ୍ପାନିର ଲୋଗ, ଡିଜାଇନ, ବୋତଲ ଆକାର ଦେଖିବାକୁ ପୁରା ସମାନ କିନ୍ତୁ ସାମାନ୍ୟ ନାମରେ ଟିକେ ପରିବର୍ତ୍ତନ କରି ବଜାରରେ ବେଧଡକ ବିକ୍ରି ଚାଲିଛି। ତତଲା ଖରାରେ ତଣ୍ଟି ଶୁଖିଯାଉଥିବା ବେଳେ ବଜାରରେ ମିଳୁଥିବା ପାଣି ବୋତଲର ଚାହିଦା ଢେର ଅଧିକ। ଲୋକମାନେ ବାହରକୁ ଡହଡହ ଖରାରେ ଗଲେ ଶୋଷ ଲାଗିଲେ ବିଭିନ୍ନ କମ୍ପାନିର ପାଣି ବୋତଲକୁ କିଣି ପିଇଥାନ୍ତି। ହେଲେ ବଜାରରେ ଉପଲବ୍ଧ ଥିବା ବୋତଲରେ ଥିବା ପାଣି କେତେ ବିଶୁଦ୍ଧ ତାହା ଲୋକେ ଜାଣି ନଥିବେ। ବଜାରରେ ମିଳୁଥିବା ବିଭିନ୍ନ କମ୍ପାନିର ପାଣି ବୋତଲରେ ବେଳେ ବୋତଲର ପ୍ୟାକେଜିଂ, ଏହାର ଏକ୍ସପାରି ତାରିଖ ଇତ୍ୟାଦି ଲେଖା ହୋଇ ନଥାଏ। ଶୋଷକୁ ମେଣ୍ଟାଇବା ଆଶାରେ ଲୋକେ ମଧ୍ୟ ଏହି ସବୁ ତଥ୍ୟକୁ ଯାଞ୍ଚ କରିନଥାନ୍ତି। ଅନେକ ଖ୍ୟାତନାମୀ କମ୍ପାନିର ପାଣି ବୋତଲରେ ସବୁ ତଥ୍ୟ ଉପଲବ୍ଧ ଥାଏ। ହେଲେ ବଜାରରେ ଏମିତି ଅନେକ କମ୍ପାନିର ବୋତଲ ରହିଛି ଯେଉଁଥିରେ ଏକ୍ସପାରି ତାରିଖ ନଥାଏ। ଖ୍ୟାତିନାମ କମ୍ପାନିର ପାଣି ବୋତଲ ବିକ୍ରି ଆଳରେ ଦୋକାନି ମାନେ ମଧ୍ୟ ବିଭିନ୍ନ ନକଲି କମ୍ପାନିର ପାଣି ବୋତଲ ଗ୍ରାହକଙ୍କୁ ବିକ୍ର କରିବାକୁ ପଛାଉ ନାହିନ୍ତି। ପ୍ରତିଷ୍ଠିତ କମ୍ପାନି ନା, ଲୋଗ,ବୋତଲ ଡିଜାଇନ ସମାନ ରଖି ନକଲି ପାଣି ବୋତଲ ବିଶେଷ ଭାବରେ ଗ୍ରାମାଞ୍ଚଳରେ ବିକ୍ରି ଚାଲିଛି। ସଠିକ୍ ଭାବରେ ଯାଞ୍ଚ ହେଉନଥିବା ଯୋଗୁଁ ଏହାର ଫାଇଦା ନେଇ ଲକ୍ଷ ଲକ୍ଷ ଟଙ୍କାର ଲାଭ ଉଠାଉଛନ୍ତି ଅନେକ ଅସାଧୁ ବ୍ୟବସାୟୀ। ପ୍ରତିଷ୍ଠିତ କମ୍ପାନିର ପାଣି ବୋତଲ ବିକ୍ରି କଲେ ଲାଭ କମ ମିଳୁଛି କିନ୍ତୁ ନକଲି କମ୍ପାନିର ପାଣି ବୋତଲ ବିକ୍ରି କଲେ ଅଧିକ ଲାଭ ମିଳିଥାଏ ବୋଲି ଏକ ଦୋକାନୀ କହିଛନ୍ତି। ଅଧିକ ଲାଭ ପାଇବା ଆଶାରେ ଦୋକାନୀମାନେ ମଧ୍ୟ ପାଣି ନାମରେ ଲୋକଙ୍କୁ ବିଶ ଦେବା ପାଇଁ ପଛାଉ ନାହନ୍ତି। ସୂଚନାଯୋଗ୍ୟ, ପାଣି ବୋତଲ ପ୍ରସ୍ତୁତି କରିବାକୁ ହେଲେ ପ୍ରଥମେ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ (ବିଆଇଏସ୍)ରୁ ସ୍ୱୀକୃତିପତ୍ର ଆଣିବାକୁ ପଡେ। ସ୍ୱୀକୃତି ପୂର୍ବରୁ ବିଆଇଏସ୍ ଟିମ୍ କମ୍ପାନି ୟୁନିଟ୍ ପରିଦର୍ଶନ କରିଥାଏ। ସେଠାରେ ଥିବା ପ୍ରକ୍ରିୟାକରଣ ଏବଂ ବ୍ୟବସ୍ଥା ଯାଞ୍ଚ କରିଥାଏ। ଏହାପରେ ପ୍ରତି ୬ମାସରେ ଥରେ ଉକ୍ତ କମ୍ପାନିରୁ ପାଣି ଅଣାଯାଇ ଲାବ୍ରୋଟୋରୀରେ ପରୀକ୍ଷା କରାଯାଇଥାଏ। ଫଳରେ ନିୟମିତ ଭାବେ ପାଣିର ଶୁଦ୍ଧତା ବା ମାନ ନିର୍ଦ୍ଧାରଣ ସମ୍ଭବ ହୁଏ। ହେଲେ ବିଆଇଏସର ଏହି ନିୟମକୁ ଅନେକ ନକଲି ପାଣିବୋତଲ କମ୍ପାନି ମାନୁ ନାହାଁନ୍ତି। କି ପାଣିର ଗୁଣବତ୍ତାକୁ ପରୀକ୍ଷା କରାଉନାହାନ୍ତି। ଅଣସ୍ୱୀକୃତିପ୍ରାପ୍ତ ପାଣି କମ୍ପାନୀଗୁଡ଼ିକ ଉପରେ କେବେ ଚଢ଼ଉ କରାଯାଉ ନାହିଁ। ଯାହାଫଳରେ ଏମାନେ ନିୟମକୁ ଅଣଦେଖା କରି ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଖେଳ ଖେଳୁଛନ୍ତି। ଯଦି ପ୍ରଶାସନ ପକ୍ଷରୁ ଠିକ୍ ଭାବରେ ଯାଞ୍ଚ କରାଯାଏ ତାହାଲେ ବଜାରରେ ଅଣସ୍ୱୀକୃତି କମ୍ପାନିର ପାଣି ବୋତଲ ବିକ୍ର କମିଯିବ ବୋଲି ଅଭିଯୋଗ ହୋଇଛି। ଏହ ସହ ବଜାରରେ କେତେ ନକଲି କମ୍ପାନୀ ବ୍ୟବସାୟ କରୁଛନ୍ତି ସେ ସମ୍ପର୍କରେ ମଧ୍ୟ ପ୍ରଶାସନ ପାଖରେ କୌଣସି ସୂଚନା ନାହିଁ। ଯାହାର ସୁଯୋଗ ନେଇ ସହରରେ ଶତାଧିକ ଅଣସ୍ୱୀକୃତିପ୍ରାପ୍ତ କମ୍ପାନି ପାଣି ବ୍ୟବସାୟର କାୟା ମେଲାଇ ବସିଛନ୍ତି। ଅନ୍ୟପକ୍ଷରେ ଯେଉଁ କମ୍ପାନୀଗୁଡ଼ିକ ବିନା ସ୍ୱୀକୃତିପତ୍ରରେ ପାଣି ବ୍ୟବସାୟ କରୁଛନ୍ତି ସେମାନେ ସିଧା ସଳଖ ବୋରୱେଲ କିମ୍ବା ପାଣି ପାଇପ୍ ଲାଇନ୍‌ରୁ ଜଳ ନେଇ ତାହାକୁ ପ୍ୟାକ୍ କରି ବଜାରକୁ ଛାଡୁଛନ୍ତି। ସ୍ୱୀକୃତିପ୍ରାପ୍ତ କମ୍ପାନୀ ୧ ଲିଟର ବିଶିଷ୍ଟ ପାଣି ବୋତଲର ହୋଲସେଲ୍ ମୂଲ୍ୟ ୧୦ ରୁ ୧୫ ଟଙ୍କା ରହିଛି। ହେଲେ ନକଲି କମ୍ପାନୀର ପାଣି ବୋତଲ ଲିଟର ପିଛା ୬ରୁ ୧୨ ଟଙ୍କାରେ ଦେଉଛନ୍ତି। ଯାହାଫଳରେ ଅଧିକ ଲାଭ ଆଶାରେ ଖୁଚୁରା ବ୍ୟବସାୟୀ ମଧ୍ୟ ନକଲି କମ୍ପାନିର ପାଣି ବୋତଲ ବ୍ୟବସାୟକୁ ଅଧିକ ଗୁରୁତ୍ୱ ଦେଉଛନ୍ତି।



## ପଡୋଶୀଙ୍କୁ କଟୁରୀରେ ହାଣି ହତ୍ୟା, ଅଭିଯୁକ୍ତ ଅଟକ

ସୁନ୍ଦରଗଡ,୧୧/୫: ସୁନ୍ଦରଗଡ ଜିଲ୍ଲା ମହୁଲପଦା ଥାନା ସାନଜଲ ଗାଁରେ ଅଭାବନୀୟ ଘଟଣା ଘଟିଛି। ପୂର୍ବଶତ୍ରୁତାକୁ ନେଇ ଘର ପଡୋଶୀଙ୍କୁ ହତ୍ୟା କରାଯାଇଥିବା ସୂଚନା ମିଳିଛି। ମୃତକ ଦୋଳ ନାଏକ ବୋଲି ଜଣାପଡିଛି। ସୂଚନା ମୁତାବକ ସାନଜଲ ଗାଁର ଶୁକ ଦେହୁରୀ ଏବଂ ଦୋଳ ନାଏକଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପୂର୍ବରୁ ବିବାଦ ଲାଗି ରହିଥିଲା। ଗତକାଲି କିଛି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଶୁକ ଦେହୁରୀ ଦୋଳ ନାଏକଙ୍କୁ କଟୁରୀରେ ହାଣି ହତ୍ୟା କରିଥିଲେ।

## ମହିଳାମାନଙ୍କ ପାଇଁ ସମ୍ମାନ, ସୁଯୋଗ ଏବଂ ସମାନତା ସୁନିଶ୍ଚିତ କରିବା ହେଉଛି ସମୟର ଆହ୍ୱାନ : ରାଜ୍ୟପାଳ

ଭୁବନେଶ୍ୱର,୧୧/୫: ଯେ କୌଣସି ସମାଜର ଶକ୍ତି ଏହାର ମହିଳାମାନଙ୍କ ପ୍ରତି ପ୍ରଦର୍ଶନ କରାଯାଉଥିବା ବ୍ୟବହାର ଉପରେ ନିର୍ଭର କରେ। ଏଣୁ ଏକ ସୁସ୍ଥ ସମାଜ, ଶକ୍ତିଶାଳୀ ଓ ସମୃଦ୍ଧ ଦେଶ ଗଠନ ନିମନ୍ତେ ପୃଷ୍ଠଭୂମି ଓ ଭୌଗଳିକ ପରିବେଶ ନିର୍ବିଶେଷରେ ମହିଳାମାନଙ୍କ ପାଇଁ ସମ୍ମାନ, ସୁଯୋଗ ଏବଂ ସମାନତା ସୁନିଶ୍ଚିତ କରିବା ହେଉଛି ସମୟର ଆହ୍ୱାନ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। ଆଜି "ମା' ଘର ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର" ଏବଂ "ଏସ୍.ଏସ୍. ହସ୍ପିଟାଲ, ତାଳଚେର"ର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଆୟୋଜିତ "ବିଶ୍ୱ ମାତୃ ଦିବସ" ପାଳନ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ମାତୃ ଦିବସ କେବଳ ମାତୃତ୍ୱର ଏକ ଉତ୍ସବ ନୁହେଁ, ଏହା ବିଶ୍ୱରେ ପ୍ରତିଦିନ ମା'ମାନଙ୍କର ପାଳନକାରୀ ଆତ୍ମା, ଅସୀମ ସ୍ନେହ ଏବଂ ତ୍ୟାଗର ସ୍ୱୀକୃତି। ଏହା ଏକ ଦିନ ଯାହା ଆମ ପ୍ରତ୍ୟେକଙ୍କ ପାଇଁ ଗଭୀର ଭାବଉଦ୍ରେକକାରୀ ମହତ୍ୱ ବହନ କରେ ବୋଲି ରାଜ୍ୟପାଳ କହିଥିଲେ। ମା'ଘର ଫାଉଣ୍ଡେସନ୍ ଟ୍ରଷ୍ଟ, ଭୁବନେଶ୍ୱର ଏବଂ ଏସ୍.ଏସ୍. ହସ୍ପିଟାଲ, ତାଳଚେରର ମିଳିତ ପ୍ରୟାସରେ "ବିଶ୍ୱ ମାତୃ ଦିବସ" ଅବସରରେ "ସମୟର ଆବଶ୍ୟକତା" ଶୀର୍ଷକ ସେମିନାର ଆୟୋଜନ କରିଥିବାରୁ ରାଜ୍ୟପାଳ ସାଧୁବାଦ ଜଣାଇବା ସହିତ ଆମ ସମାଜ ସମ୍ମୁଖୀନ ହେଉଥିବା ସମସ୍ୟା ସଂପର୍କରେ ଆଲୋଚନା ଓ ବିଚାରବିମର୍ଷ ନିମନ୍ତେ ବୁଦ୍ଧିଜୀବୀ, ନୀତି ନିର୍ଦ୍ଧାରକ, ସାମାଜିକ କର୍ମୀ ଏବଂ ସ୍ୱାସ୍ଥ୍ୟ ସେବା ସହ ଜଡିତ ବୃତ୍ତିଧାରୀ ଏକତ୍ର ହୋଇଥିବାରୁ ଖୁସି ପ୍ରକଟ କରିଥିଲେ। ଏପରି ପଦକ୍ଷେପ କେବଳ ସମୟୋଚିତ ନୁହେଁ, ବରଂ ସମାବେଶୀ ବିକାଶ, ସଶକ୍ତିକରଣ ଦିଗରେ ଆମର ସାମୁହିକ ଯାତ୍ରାରେ ବହୁତ ଆବଶ୍ୟକ ବୋଲି ରାଜ୍ୟପାଳ କହିଥିଲେ। ଓଡିଶାର ଦୁର୍ଗମ ଓ ଅନୁନ୍ନତ ଅଂଚଳରେ ବିଭିନ୍ନ ସମସ୍ୟାର ସମାଧାନ, ଶାନ୍ତି ପ୍ରତିଷ୍ଠା ପାଇଁ ନିରନ୍ତର ପଦକ୍ଷେପ, ମହିଳାମାନଙ୍କୁ ସଶକ୍ତ କରିବା, ଗୋଷ୍ଠୀଙ୍କୁ ପୋଷଣ କରିବା, ଶିକ୍ଷା ଓ କଲ୍ୟାଣମୂଳକ ପଦକ୍ଷେପକୁ ସହଜ କରିବା ଦିଗରେ ଅନୁଷ୍ଠାନର ଉତ୍ସର୍ଗୀକୃତ ପ୍ରଚେଷ୍ଟା ପାଇଁ ଖୁସି ପ୍ରକଟ କରିଥିଲେ। ସେହିପରି ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଉପରେ ଏସ୍.ଏସ୍. ହସ୍ପିଟାଲ, ତାଳଚେରର ପ୍ରୟାସ ପାଇଁ ଖୁସି ହେବା ସହ ଏହା ଏକ ସୁସ୍ଥ ଏବଂ ଶକ୍ତିଶାଳୀ ସମାଜ ଗଠନରେ ମୂଳଦୂଆ ବୋଲି କହିଥିଲେ। ଏହି ସମାରୋହରେ ସମ୍ମାନନୀୟ ଅତିଥିଭାବେ ଓଡିଶାର ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ସମାରୋହର କୋ-ଅର୍ଗାନାଇଜର ଆଡ୍‌ଭୋକେଟ୍ ରତୁପର୍ଣ୍ଣା ମହାନ୍ତି ଏବଂ ଡ. ସୁସ୍ମିତା ସାହୁ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରୋଗ୍ରାମ କୋ-ଅର୍ଡିନେଟର ଆଡଭୋକେଟ୍ ଜ୍ଞାନଦୀପ ବିଶ୍ୱପ୍ରସାଦ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶେଷରେ ଟ୍ରଷ୍ଟି ଶ୍ରୀମତୀ ସୁନିତା ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ନାଳ ସଫେଇ ନାଁରେ ଲକ୍ଷାଧିକ ଟଙ୍କା ଚଳୁ

## ଆରଡିପୀଠ ପ୍ରବେଶ ପଥ ନାଳ ସଫେଇ ନାଁରେ ୩ଲକ୍ଷ ଟଙ୍କା ଚଳୁ, ବିନା ସୂଚନା ଫଳକରେ କାର୍ଯ୍ୟ ସମାପନ

ଆରଡି,୧୧/୫: ରାଜ୍ୟର ପୁରାତନ ଶୈବପୀଠକୁ ସରସ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ବହୁବିଧ ଯୋଜନାରେ କୋଟିକୋଟି ଟଙ୍କା ବ୍ୟୟ ବରାଦ କରାଯାଇ କାର୍ଯ୍ୟ କରାଯାଉଛି। ହେଲେ ଦାୟିତ୍ୱରେ ଥିବା ଅଧିକାରୀ ଓ ଠିକାଦାରଙ୍କ ଅସାଧୁ ମେଣ୍ଟ ଯୋଗୁ କାର୍ଯ୍ୟ ସଫଳ ରୂପରେଖ ନେଇପାରୁ ନାହିଁ। ଏପରି ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଆରଡିପୀଠ ପ୍ରବେଶ ପଥରେ ଥିବା ନାଳ ସଫେଇ ଯୋଜନାରେ। ବାବା ଆଖଣ୍ଡଳମଣିଙ୍କ ପୀଠର ପରିମଳ ବ୍ୟବସ୍ଥାର ସୁଧାର ଆଣିବା ପାଇଁ ଆଗନ୍ତୁକ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ପକ୍ଷରୁ ବାରମ୍ବାର ଦାବି ହେବା ପରେ ଭଦ୍ରକ ଜିଲାପାଳଙ୍କ ପରାମର୍ଶ କ୍ରମେ ପରିତ୍ୟକ୍ତ ହୋଇ ପଡିଥିବା ନାଳ ସଫେଇ ନିମନ୍ତେ ଜିଲା ଡ୍ରେନେଜ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ଏହାସହ ସ୍ଥାୟୀ ପ୍ରତିକାର ପାଇଁ ମଧ୍ୟ ବିଭାଗ ପକ୍ଷରୁ ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ହେଲେ ଉକ୍ତ ନାଳର ଅବସ୍ଥା ଏବେ ଯଥା ପୂର୍ବ ତଥା ପରଂ.. । ନାଳର ପାଣି ନିଷ୍କାସନ ହେବାତ ଦୂରର କଥା ପଚାସଢା ଆବର୍ଜନାରେ ଭର୍ତ୍ତି ହୋଇ ଦୁର୍ଗନ୍ଧମୟ ପରିବେଷ ସୃଷ୍ଟି କରୁଛି। ଅପରପକ୍ଷେ ପୀଠକୁ ଆସୁଥିବା ଆଗନ୍ତୁକ ଶ୍ରଦ୍ଧାଳୁଭକ୍ତ ଓ ପର୍ଯ୍ୟଟକ ପୀଠକୁ ପ୍ରବେଶ କରିବା ମାତ୍ରେ ନାକରେ ହାତ ଦେଇ ଯାଆଆସ କରୁଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଶେଷକରି ନାଳର ପୁନରୁଦ୍ଧାର ଓ ସଫେଇ ବାବଦରେ କେତେ ଠଙ୍କା ଅଟକଳ ହୋଇଛି ତାହାର କିଛି ସୂଚନା ଫଳକ ଲଗାଯାଇନାହିଁ। ବିନା ସୂଚନା ଫଳକରେ ଲକ୍ଷାଧିକ ଟଙ୍କା କିପରି ଖର୍ଚ୍ଚ କରାଗଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିକି ଡ୍ରେନେଜ ବିଭାଗର ଅଧିକାରୀ ଓ ଠିକାଦାରଙ୍କ ଅସାଧୁ ମେଣ୍ଟ ଯୋଗୁ ନାଳ ସଫେଇ ନାଁରେ ଲକ୍ଷାଧିକ ଟଙ୍କା ଚଳୁ ହୋଇଥିବା ବିଭାଗୀୟ ଉଚ୍ଚ ପ୍ରଦାଧିକାରୀଙ୍କୁ ଅଭିଯୋଗ କରୁଥିଲେ ମଧ୍ୟ ଫଳ ଶୂନ ବୋଲି କହିଛନ୍ତି ସ୍ଥାନୀୟ ଲୋକ। ଏ ବାବଦରେ ଡ୍ରେନେଜ ବିଭାଗର କନିଷ୍ଠଯନ୍ତ୍ରୀ ପ୍ରଦୀପ ମଲିକଙ୍କୁ ପଚାରିବାରୁ ୩ଟି ପର୍ଯ୍ୟାୟରେ ନାଳ ସଫେଇ କାର୍ଯ୍ୟ ହେବ। ନାଳ ସଫା ପାଇଁ ବିଲ ପାସ ହୋଇ କାର୍ଯ୍ୟ ହୋଇଛି। ଆଗକୁ ଆହୁରି କାର୍ଯ୍ୟ କରାଯିବ। କେତେଟଙ୍କା ନାଳ ସଫେଇରେ ଖର୍ଚ୍ଚ ହୋଇଛି ପଚାରିବାରୁ ତାହା କିଛି କହିହେବ ନାହିଁ ବୋଲି ମନା କରିଦେଇଥିଲେ। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ